# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୪/୨୦୨୨ (୨୦ ପୃଷ୍ଠା) | Bhubaneswar, Thursday, August 4/2022 | Page 20 | ₹ 7.00 | ★★★★

୪୮ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଲଭପ୍ରୀତ୍‌ଙ୍କୁ ବ୍ରୋଞ୍ଜ**

ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଭାରୋତ୍ତୋଳନରୁ ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତର ଲଭପ୍ରୀତ ସିଂ। ୨୦

୧୯ **ଟେନ୍‌ସନରେ କ୍ରିତି**

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନଙ୍କୁ ତାଙ୍କ ନୂଆ ପ୍ରୋଜେକ୍ଟ କାମ ଆରମ୍ଭ କରିବା ପାଇଁ ସମୟ ମିଳୁ ନ ଥିବାରୁ ସେ ଟେନ୍‌ସନ୍‌ରେ ଥିବା କହିଛନ୍ତି।





ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଷୋଡ଼ଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

**ମାଲେଗାଓଁ ବିସ୍ଫୋରଣ ପ୍ରଜ୍ଞାଙ୍କ ସ୍କୁଟରରେ ବିସ୍ଫୋରକ ନିଆଯାଇଥିଲା** ୩ **ଆଇଏଏସ୍ ଅଫିସର ସ୍ତରରେ ବଦଳି ଅରବିନ୍ଦ ପାଢ଼ୀ କୃଷି ସଚିବ**

**ଆଜିର ସମ୍ପାଦକୀୟ** ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତି

# ରାଗିଂ ଅଭିଯୋଗ ହେଲେ ଏତଲା ଦିଅ

## ବିଶ୍ୱବିଦ୍ୟାଳୟ, କଲେଜକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୩।୮ (ବ୍ୟୁରୋ)

ରାଜ୍ୟର କୋଣ ଅନୁକୋଣରୁ ରାଗିଂ ଅଭିଯୋଗ ଆସିବା ପରେ ଶିକ୍ଷା ବିଭାଗର ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ରାଗିଂ ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ବିଭାଗ ପକ୍ଷରୁ ଆଣ୍ଟି ରାଗିଂ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏନେଇ ବୁଧବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସମସ୍ତ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷା କଲେଜ ଅଧ୍ୟକ୍ଷ ଏବଂ ସମସ୍ତ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ପାଳନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ନାମଲେଖା ସମୟରେ ନୂଆ ପିଲାଙ୍କୁ ଆଣ୍ଟି ରାଗିଂ ବିଷୟରେ ଜଣାନ୍ତୁ। ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ ଛାତ୍ରୀଛାତ୍ର ଓ ଅଭିଭାବକ ଅଣ୍ଡରଟେକିଂ ଦେବା ବାଧ୍ୟତାମୂଳକ। ଅନ୍‌ଲାଇନରେ ଯେଉଁମାନେ ଅଣ୍ଡରଟେକିଂ ଦେବେ ସେମାନେ www.antiragging.in ଓ www.amanmovement.orgରେ ଦାଖଲ କରିବେ। ସେହିଭଳି ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ସବୁ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତିନି ମାସରେ ଥରେ ରାଗିଂକୁ ନେଇ ପାମ୍ଫଲେଟ୍/ଲିଫଲେଟ୍ ବାଣ୍ଟି ସଚେତନ କରାଯିବ। ଆଣ୍ଟି ରାଗିଂ ମେସେଜ ଯଥା କେହି ରାଗିଂ କରୁଥିବା ଦୃଷ୍ଟିକୁ ଆସିଲେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେସବୁ ଉକ୍ତ ସୂଚନାପତ୍ରରେ ରହିବ। କଲେଜ, ହଷ୍ଟେଲ କାନ୍ଥ ଓ ବିଭିନ୍ନ ସ୍ଥାନରେ ବୋର୍ଡ ମାରି ହେଲ୍ପଲାଇନ ନମ୍ବର ଲେଖାଯିବ। କ୍ୟାମ୍ପସ ବାହାରେ ଥିବା ଘରୋଇ ହଷ୍ଟେଲରେ ମଧ୍ୟ ଏପରି କରିବା ପାଇଁ କୁହାଯାଇଛି। ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଣ୍ଟି ରାଗିଂ ସ୍କ୍ୱାଡ୍ ହଷ୍ଟେଲ୍ ଓ କ୍ଲାସ୍ ରୁମ୍ ବୁଲି ସ୍ଥିତି ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ରାଗିଂ ପ୍ରମାଣିତ ହେଲେ କିମ୍ବା ରାଗିଂ କରିବାକୁ ଉସୁକାଇ ଥିଲେ ଥାନାରେ ସେମାନଙ୍କ ☞ପୃଷ୍ଠା-୪

**ଛାତ୍ରୀଛାତ୍ର, ଅଭିଭାବକଙ୍କ ଅଣ୍ଡରଟେକିଂ ବାଧ୍ୟତାମୂଳକ**




### ‘ସ୍ୱତନ୍ତ୍ର ଆକ୍ଟ ସହ ଟୋଲ୍-ଫ୍ରି ନମ୍ବର ଜାରି କରାଯାଉ’

ଉଚ୍ଚ ଶିକ୍ଷା ବିଭାଗର ଆଣ୍ଟି ରାଗିଂ ଗାଇଡ୍‌ଲାଇନକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିବା ସହ ଅନ୍ୟ ୬ଟି ବିଭାଗରେ ତୁରନ୍ତ ଲାଗୁ କରିବାକୁ ଦାବି କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଜ୍ୟରେ ରାଗିଂ ରୋକିବାକୁ ସ୍ପଷ୍ଟ ଆଇନ ନାହିଁ। ତେଣୁ ସ୍ୱତନ୍ତ୍ର ଆକ୍ଟ ପ୍ରଣୟନ କରାଯାଉ। ମହାସଂଘ ଯେଉଁ ଜନସ୍ୱାର୍ଥ ମାମଲା କରିଛି, ଆସନ୍ତା ସପ୍ତାହରେ ତାହା ଶୁଣାଣି ହେଲେ ଆକ୍ଟ ଆସିବାକୁ ସୁବିଧା ହେବ। ସେହିଭଳି ଜାତୀୟ ସ୍ତରରେ ଥିବା ଟୋଲ୍-ଫ୍ରି ନମ୍ବରରେ ଅଭିଯୋଗ ପାଇଁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ହେଲେ ରାଜ୍ୟରେ ଏକ ସ୍ୱତନ୍ତ୍ର ଟୋଲ-ଫ୍ରି ନମ୍ବର ଜାରି କରିବାକୁ ମହାସଂଘ ଦାବି ଜଣାଇଛି। ଏହାଦ୍ୱାରା ବିନା ବାଧାରେ ଅଭିଯୋଗ କରିହେବ। ଘଟଣା ପୂର୍ବରୁ ଅଭିଯୋଗ ପାଇଁ ସହାୟକ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ ବିଭାଗ ମଧ୍ୟ ତୁରନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟ କରୁ। ଉଚ୍ଚ ଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା, ଆଦିବାସୀ କଲ୍ୟାଣ, ସଂସ୍କୃତି, ପଛୁଆବର୍ଗ ବିକାଶ, ସଂଖ୍ୟାଲଘୁ ବିକାଶ, କ୍ରୀଡ଼ା ଓ ଯୁବସେବା ଆଦି ବିଭାଗ ଅଧୀନ ସବୁ ଶିକ୍ଷାନୁଷ୍ଠାନ ତୁରନ୍ତ ଅଧ୍ୟାଦେଶ ଜାରି କରନ୍ତୁ ବୋଲି ମହାସଂଘ ଦାବି କରିଛି।


**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ବିଜ୍ଞାପନ**

ଆନ୍ତଃଜିଲ୍ଲା ଯାତ୍ରୀ ପରିବହନ ବସ୍ ମାଲିକମାନଙ୍କଠାରୁ ଖାଲିଥିବା ସ୍ଥାୟୀ ଅନୁମତି ପତ୍ର ପ୍ରାପ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖାଲିଥିବା ମାର୍ଗର ସବିଶେଷ ତାଲିକା ରାଜ୍ୟ ପରିବହନ ପ୍ରାଧିକରଣଙ୍କ website ରେ ଉପଲବ୍ଧ ଅଟେ ।

ଆନ୍ତଃଜିଲ୍ଲା ଯାତ୍ରୀ ପରିବହନ ବସ୍ ମାଲିକମାନେ ସେମାନଙ୍କର ଦରଖାସ୍ତ OPTICS online ମାଧ୍ୟମରେ ତା.୧୨.୦୮.୨୦୨୨ ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଆବେଦନ କରିପାରିବେ । ଖାଲି ଥିବା ମାର୍ଗର ସବିଶେଷ ତଥ୍ୟ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିମ୍ନ website www.odishatransport.gov.in/opms.odishatransport.gov.in ରେ ଉପଲବ୍ଧ ।

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ

DSPL-124

ଓଡ଼ିଶା ସରକାର

**॥ କୋଭିଡ୍ ଟୀକାକରଣ ଅମୃତ ମହୋତ୍ସବ ॥**




**ଏବେ ମାଗଣାରେ ମିଳୁଛି କୋଭିଡ୍ ପ୍ରିକସନ୍ ଡୋଜ୍**

- ୧୮ ରୁ ୫୯ ବର୍ଷ ବୟସ୍କ ମାନଙ୍କ ପାଇଁ।
- ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁଅଛି।
- ସରକାରୀ କୋଭିଡ୍ ଟୀକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ଦିଆଯାଉଛି।
- କୋଭିଡ୍ ସଂକ୍ରମଣ ବଢୁଥିବାରୁ ପ୍ରିକସନ୍ ଡୋଜ୍ ନେବା ଅତ୍ୟନ୍ତ ଜରୁରୀ।

▸ କୋଭିଡ୍ ଟୀକାର ୨ୟ ମାତ୍ରା ନେଇଥିବା ବ୍ୟକ୍ତିମାନେ ୬ ମାସ ପରେ ପ୍ରିକସନ୍ ଡୋଜ୍ ନେଇପାରିବେ।
▸ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଆଗଧାଡିର କର୍ମୀ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ପାଇଁ ପ୍ରିକସନ୍ ଡୋଜ୍ ଟୀକାକରଣ ପୂର୍ବଭଳି ଚାଲୁଅଛି।

**କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ**

ଟୀକା ନେଇଥିଲେ ମଧ୍ୟ କୋଭିଡ୍ ନିୟମ କଡାକଡି ପାଳନ କରନ୍ତୁ

ଅଧିକ ଜାଣିବା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ, କୋ-ୱିନ୍ ପୋର୍ଟାଲ୍ ଲଗ୍-ଇନ୍ କରନ୍ତୁ କିମ୍ବା ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।

OIPR-10003/13/0053/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

**KIIT POLYTECHNIC**

Approved by All India Council For Technical Education (AICTE)
& Affiliated to DTET, Odisha and SCTE&VT, Odisha

**No. 1 IN ODISHA**

Among Govt & Private Polytechnics

Ranking by National Accreditation Board for Education and Training (NABET), Quality Council of India (QCI)

**UNIQUE FEATURES**

- Today's industry demands more than engineering knowledge.
- It's about team work, high-end skills, social skills, communication and many more.
- KIIT Polytechnic offers tailor made programs for each student and is thus a preferred destination of recruiters.



*Courses Offered:*

Mechanical • Civil • Electrical • Metallurgical • Computer Science • Electronics and Telecommunications

For Admission Please Contact: KIIT Campus-2, Patia, Bhubaneswar - 751024,
Ph Nos: 9437089956, 9861452930, 9861269980, Email: kpkiit@kp.kiit.ac.in, Website: kp.kiit.ac.in


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୪୫,୫୪,୧୧୦ | ୬୪,୨୪,୫୫୬ | ୫୫,୫୨,୨୬,୪୯୭ |
| ଭାରତ | ୪,୪୦,୬୭,୧୪୪ | ୫,୨୬,୪୭୭ | ୪,୩୪,୦୩,୬୧୦ |
| ଓଡ଼ିଶା | ୧୩,୧୫,୬୦୩ | ୯୧୪୨(+୫୩) | ୧୩,୦୦,୦୨୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଦରଦାମ ବୃଦ୍ଧିର ପ୍ରତିବାଦ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, କର୍ମଜୀବୀ ମହିଳାଙ୍କୁ ବିନା ମୂଲ୍ୟରେ ବସ୍‌ଯାତ୍ରା ସୁବିଧା ଆଦି ଦାବିନେଇ ବୁଧବାର ଉତ୍କଳ ମହିଳା ସମିତି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ପ୍ରଜ୍ଞାଙ୍କ ସ୍କୁଟରରେ ବିସ୍ଫୋରକ ନିଆଯାଇଥିଲା

ମୁମ୍ବାଇ,୩ା୮

୨୦୦୮ ମାଲେଗାଓଁ ବିସ୍ଫୋରଣରେ ବ୍ୟବହୃତ ସ୍କୁଟର ଭୋପାଳ ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଏହି ମାମଲାର ୨୬୧ତମ ସାକ୍ଷୀ ରୂପେ ଜଣେ ଫରେନ୍ସିକ୍ ବିଶେଷଜ୍ଞ ଏନେଇ ମଙ୍ଗଳବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୁମ୍ବାଇ ସ୍ଥିତ ଏକ କୋର୍ଟଙ୍କୁ ଅବଗତ କରାଇଛନ୍ତି।

୨୦୦୮ ସେପ୍ଟେମ୍ବର ୨୯ରେ ମହାରାଷ୍ଟ୍ରର ନାଶିକ ଜିଲା ମାଲେଗାଓଁସ୍ଥିତ ଏକ ମସ୍‌ଜିଦ ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଥିଲେ। ଭିକୁ ଛକ ବିସ୍ଫୋରଣ ସ୍ଥଳରୁ ଏକ ବାଇକ୍ ଠାବ କରାଯାଇଥିଲା। ଉକ୍ତ ବାଇକ୍‌ରେ ବିସ୍ଫୋରକ ଖଞ୍ଜାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ ପରେ ଜାଣିବାକୁ ପାଇଥିଲେ। ୨୦୦୮ରେ ଆସିଷ୍ଟାଣ୍ଟ କେମିକାଲ ଆନାଲାଇଜର ଭାବେ କାର୍ଯ୍ୟ କରିଥିବା ଫରେନ୍ସିକ୍ ବିଶେଷଜ୍ଞ ଏନେଇ ଏନ୍‌ଆଇଏ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ବିସ୍ଫୋରଣ ସ୍ଥଳରୁ ମିଳିଥିବା ଏଲ୍‌ଏମ୍‌ଏଲ୍ ଭେସ୍ପା ସ୍କୁଟରରେ ଆମୋନିୟମ୍ ନାଇଟ୍ରେଟ୍ ରହିଥିଲା, ଯାହାକୁ ବିସ୍ଫୋରକ ଭାବେ ବ୍ୟବହାର କରାଯାଇଥିଲା। ଆମୋନିୟମ୍ ନାଇଟ୍ରେଟ୍ ଧରି ମସ୍‌ଜିଦ ଆଡ଼କୁ ଦ୍ରୁତଗତିରେ ମାଡ଼ିଆସିଥିବା ସ୍କୁଟରଟି ବିସ୍ଫୋରଣରେ ଜଳି ଯାଇଥିଲା। ଏହାର ତେଲ ଟାଙ୍କି, ସିଟ୍ କଭର୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ଯନ୍ତ୍ରାଂଶଗୁଡ଼ିକ ଆଖପାଖରେ ବିଛାଡ଼ି ହୋଇପଡ଼ିଥିଲା।


ପ୍ରଜ୍ଞା ସିଂ ଠାକୁର

**ମାଲେଗାଓଁ ବିସ୍ଫୋରଣ**

## କୋର୍ଟରେ ସାକ୍ଷ୍ୟ ପ୍ରଦାନ କଲେ ଫରେନ୍ସିକ୍ ଏକ୍ସପର୍ଟ

ଅବସରପ୍ରାପ୍ତ ଫରେନ୍ସିକ୍ ଏକ୍ସପର୍ଟ ଅଦାଲତରେ ସରକାରୀ ଓକିଲ ଅବିନାଶ ରସାଲଙ୍କ ପ୍ରଶ୍ନର ଉତ୍ତର ଦେଇ ନିଜ ଛାନ୍‌ଭିନ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ପ୍ରମାଣ ସ୍ୱରୂପ ପୋଲିସ ପଠାଇଥିବା ସାମଗ୍ରୀଗୁଡ଼ିକରେ ଲାଗିଥିବା ରାସାୟନିକ ପଦାର୍ଥକୁ ନେଇ ବିଶ୍ଳେଷଣ କରି ରିପୋର୍ଟ ପ୍ରଦାନ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ସେ ବିସ୍ଫୋରଣ ସ୍ଥଳ ପରିଦର୍ଶନ ସେଠାରେ ପଡ଼ିଥିବା ସ୍କୁଟିରେ ଇଞ୍ଜିନ ନମ୍ବର ବାହାର କରିଥିଲେ। ଇଞ୍ଜିନ ନମ୍ବର ଯାଞ୍ଚ ପରେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର ମିଳିଥିଲା। ସେହି ସ୍କୁଟର ଏହି ମାମଲାର ଅଭିଯୁକ୍ତ ପ୍ରଜ୍ଞା ସିଂ ଠାକୁରଙ୍କ ନାମରେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଥିଲା। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏଥିସହ ଅନ୍ୟ ଏକ ବାଇକ୍ ଓ ୫ଟି ସାଇକେଲ ମଧ୍ୟ କୋର୍ଟକୁ ନେଇଥିଲା। ପ୍ରକାଶ ଯେ, ସାଧ୍ୱୀ ପ୍ରଜ୍ଞା ନାମରେ ପରିଚିତ ଏହି ହିନ୍ଦୁବାଦୀ ନେତ୍ରୀଙ୍କୁ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଟିକେଟ ଦେଇଥିଲା। ଏହା ପୂର୍ବରୁ ୨୦୦୮ ଅକ୍ଟୋବରରେ ମାଲେଗାଓଁ ବିସ୍ଫୋରଣ ମାମଲାରେ ଏଟିଏସ୍ ତାଙ୍କୁ ଗିରଫ କରିଥିଲା। ୨୦୦୯ ଜାନୁୟାରୀ ୧୯ରେ ମହାରାଷ୍ଟ୍ର ପୋଲିସ ୪୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲା। କର୍କଟ ରୋଗରେ ପୀଡ଼ିତ ପ୍ରଜ୍ଞାଙ୍କୁ ୨୦୧୭ ଏପ୍ରିଲରେ ସ୍ୱାସ୍ଥ୍ୟଗତ କାରଣରୁ ବମ୍ବେ ହାଇକୋର୍ଟ ଜାମିନ ଦେଇଥିଲେ।

# ଅପ୍‌ଗ୍ରେଡ୍ ହେବ ୧୦୦ ହାଇସ୍କୁଲ

■ କମିବ ଡ୍ରପ୍ ଆଉଟ୍

ଭୁବନେଶ୍ୱର, ୩ା୮ (ବ୍ୟୁରୋ)

ଆସନ୍ତା ଶିକ୍ଷାବର୍ଷରୁ ୧୦୦ଟି ହାଇସ୍କୁଲକୁ ଅପଗ୍ରେଡ୍ କରାଯିବ। ଡ୍ରପ୍‌ଆଉଟ୍ ରୋକିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଭଳି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଯେଉଁସବୁ ବ୍ଲକରେ ଯୁକ୍ତ୨ କଲେଜ ନାହିଁ, ସେଠାରେ ହାଇସ୍କୁଲକୁ ଅପଗ୍ରେଡ୍ କରାଯିବ। ଏନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯୁକ୍ତ୨ କଲେଜ ନ ଥିବାରୁ ମାଟ୍ରିକ ପାସ୍ ପରେ ପିଲାଏ ପାଠ ଛାଡୁଛନ୍ତି। ଏଭଳି ପଦକ୍ଷେପ ପରେ ଝିଅ ପିଲା ଉପକୃତ ହେବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଆଦିବାସୀ ଅଧୁଷିତ ଓ ଦୁର୍ଗମ ଅଞ୍ଚଳରେ ବହୁ ଦୂରରେ କଲେଜ ରହିଛି। ତେଣୁ ମାଟ୍ରିକ୍ ପାସ୍ ପରେ ଏତେ ଦୂର ଯାଇ ପାଠ ପଢ଼ିବା କାଠିକର ପାଠ ହୋଇଯାଉଛି। ଯେଉଁଥିପାଇଁ ପିଲାମାନେ ପାଠପଢ଼ା ଛାଡ଼ି ଦେଉଛନ୍ତି। ଏଥିରେ ଛାତ୍ରୀମାନେ ଅଧିକ ପ୍ରଭାବିତ ହେଉଥିବା ଦେଖାଯାଇଛି। ଅଧାରୁ ପାଠପଢ଼ା ଛାଡ଼ି ନିଜକୁ ଘର କାମରେ ନିୟୋଜିତ କରୁଛନ୍ତି। ଏଥିରେ ରୋକ୍ ଲଗାଇବା ପାଇଁ ହାଇସ୍କୁଲକୁ ଅପ୍‌ଗ୍ରେଡେଶନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ଡ୍ରପ୍‌ଆଉଟ୍ କମିବ ବୋଲି ଗଣଶିକ୍ଷା ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ବିଷ୍ଣୁପଦ ଉଚ୍ଚଶିକ୍ଷା ସଚିବ, ଅରବିନ୍ଦଙ୍କୁ କୃଷି

ଭୁବନେଶ୍ୱର,୩ା୮(ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ବୁଧବାର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ପଦରୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱ ନେବା ଦିନ ହିଁ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କ ପାଖରେ ଥିବା ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହୋଇଯିବ। ସେହିପରି କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ପାଢ଼ୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପାଢ଼ୀ କୃଷି ବିଭାଗ ଦାୟିତ୍ୱ ନେବା ଦିନ ହିଁ ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରାଙ୍କ ପାଖରେ ଥିବା ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହୋଇଯିବ। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ସିଂଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସିଂ ଏବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ବିଡିଏ ଉପାଧ୍ୟକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୨୦୦୩ ବ୍ୟାଚ୍ ଆଇଏଏସ୍ ଏସ୍. ଅଶ୍ୱସ୍ଥିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି।ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସଞ୍ଜୀବ ଚୋପ୍ରାଙ୍କୁ କୃଷି ବିଭାଗର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

**ଆଇଏଏସ୍ ସ୍ତରରେ ଅଦଳବଦଳ**

## ଏସ୍.ଅଶ୍ୱସ୍ଥି ଗଣଶିକ୍ଷା ସଚିବ

# ବାସି ଖାଦ୍ୟ ଖାଇ ପରିବାରର ୨ ମୃତ

ସିମୁଳିଆ, ୩ା୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତ ଦଧିବାମନପୁର ଅଞ୍ଚଳରେ ବାସି ଖାଦ୍ୟ ଖାଇ ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଲକ୍ଷ୍ମୀମଣି ଦାସ(୭୦) ଓ ନାତି ପ୍ରଦୀପ ଦାସ (୨୪)। ବୁଧବାର ପଡୋଶୀଙ୍କ ଦ୍ୱାରା ବୃଦ୍ଧାଙ୍କ ଅନ୍ତେଷ୍ଟିକ୍ରିୟା କରାଯାଇଛି। ନୂତନ ପକ୍କା ଘର ନିର୍ମାଣ ପାଇଁ ଗତ ରବିବାର ଦଧିବାମନପୁର ଅଞ୍ଚଳର ଯୁଧିଷ୍ଠୀର ଦାସ(୫୦) ଘର ବୋରିଂ ଖୋଳା ଆରମ୍ଭ କରିଥିଲେ। ଏଥିପାଇଁ ଭୋଜିଭାତ ଆୟୋଜନ କରାଯାଇଥିଲା। ପରେ ବଳକା ଥିବା ଖାଦ୍ୟକୁ ତା' ପରଦିନ ପରିବାର ଲୋକେ ଖାଇଥିଲେ। ଏହି ଖାଦ୍ୟ ଖାଇବା ପରେ ଯୁଧିଷ୍ଠୀରଙ୍କ ସମେତ ତାଙ୍କ ପତ୍ନୀ ଭଗବତୀ (୪୫), ମା' ଲକ୍ଷ୍ମୀମଣୀ (୭୦), ପୁଅ ପ୍ରଦୀପ (୨୪), ଭଉଣୀ ଜୟନ୍ତୀ (୫୦) ଭାଇବୋହୂ ସୁକାନ୍ତି (୪୦) ଓ ପୁତୁରା ମନୋଜ(୧୨) ଅସୁସ୍ଥ ହୋଇପଡ଼ିଥିଲେ। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲକ୍ଷ୍ମୀମଣିଙ୍କ ମୃତ୍ୟୁ ହୋଇଥିବା ବେଳେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଯୁଧିଷ୍ଠୀରଙ୍କ ପୁଅ ପ୍ରଦୀପଙ୍କର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସିମୁଳିଆ ମେଡ଼ିକାଲ ଟିମ୍ ଯୁଧିଷ୍ଠୀରଙ୍କ ଘରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଓଡ଼ିଶାରେ ୧୭ ଲକ୍ଷ ବୁଲା କୁକୁର, ଦେଶରେ ଦ୍ୱିତୀୟ

ଭୁବନେଶ୍ୱର, ୩ା୮ (ବ୍ୟୁରୋ)

ଦେଶରେ ଦ୍ୱିତୀୟ ସର୍ବାଧିକ ବୁଲା କୁକୁର ଓଡ଼ିଶାରେ ରହିଛନ୍ତି। କେନ୍ଦ୍ର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ସଂସଦରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶାରେ ୧୭ ଲକ୍ଷରୁ ଅଧିକ ବୁଲା କୁକୁର ରହିଛନ୍ତି। ତେବେ ପ୍ରଥମ ସ୍ଥାନରେ ଉତ୍ତରପ୍ରଦେଶ ରହିଛି। ୨୦୧୯ ପ୍ରାଣୀ ଗଣନା ଅନୁସାରେ, ଉତ୍ତରପ୍ରଦେଶରେ ସର୍ବାଧିକ ୨୦ଲକ୍ଷ ୫୯ହଜାର ୨୬୧ ବୁଲା କୁକୁର ରହିଥିବାବେଳେ ଦ୍ୱିତୀୟରେ ଥିବା ଓଡ଼ିଶାରେ ୧୭ ଲକ୍ଷ ୩୪ ହଜାର ୩୩୯ ବୁଲା କୁକୁର ରହିଥିବା ଜଣାପଡ଼ିଛି। ଏହା ପଛକୁ ତୃତୀୟରେ ମହାରାଷ୍ଟ୍ର ୧୨ଲକ୍ଷ ୭୬ହଜାର ୩୯୯, ରାଜସ୍ଥାନ ୧୨ଲକ୍ଷ ୭୫ହଜାର ୫୯୬ ଓ କର୍ଣ୍ଣାଟକରେ ୧୧ଲକ୍ଷ ୪୧ହଜାର ୧୭୩ ବୁଲା କୁକୁର ରହିଛନ୍ତି। ତେବେ ୨୦୧୨ ପ୍ରାଣୀ ଗଣନା ରିପୋର୍ଟ ଅନୁସାରେ ୨୦୧୯ରେ ଦୁଇଗୁଣ ବୃଦ୍ଧି ପାଇଛି। ୨୦୧୨ରେ ଓଡ଼ିଶାରେ ୮ ଲକ୍ଷ ୬୨ ହଜାର ବୁଲା କୁକୁର ଥିଲେ।

# ଆସୁଛି ଆଉ ୨ ଲଘୁଚାପ

ଭୁବନେଶ୍ୱର,୩ା୮ (ବ୍ୟୁରୋ)

ଗତ ସପ୍ତାହେ ଧରି ରାଜ୍ୟରୁ ବର୍ଷା ଉଭାନ ହୋଇଯାଇଛି। ବିଲ ଫାଟି ଆଁ କଲାଣି। ଆସନ୍ତା ସପ୍ତାହେ ଭିତରେ ବର୍ଷା ନ ହେଲେ ଗଜାମରୁଡ଼ି ଭଳି ପରିସ୍ଥିତି ଉପୁଜିବା ସମ୍ଭାବନା ରହିଛି। ମାତ୍ର ଚାଷୀମାନଙ୍କ ପାଇଁ ଆଶ୍ୱସ୍ତି ଖବର ଆସୁଛି। ଆସନ୍ତା ୬ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ଅବପାତ(ଡିପ୍ରେସନ) ଏପରି କି ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ରୁ ୧୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ୭ରୁ ୮ ତାରିଖ ଦୁଇଦିନ ଧରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ୯ ଏବଂ ୧୦ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଦୁର୍ବଳ ହେବା ପରେ ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ପ୍ରଶାନ୍ତ ମହାସାଗରରୁ ଘୂର୍ଣ୍ଣିବଳୟ ବାଂଲାଦେଶ ଦେଇ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ ବୋଲି ଅନୁମାନ କରାଯାଇଛି। ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବ। ବିଶେଷକରି ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ୍ ପହିଲାରୁ ଅଗଷ୍ଟ ୩ ସୁଦ୍ଧା ରାଜ୍ୟରେ ୧୧ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ବଲାଙ୍ଗୀର, ଭଦ୍ରକ, ଝାରସୁଗୁଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ସମ୍ବଲପୁର ଆଦିଜିଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି ବୋଲି ରେକର୍ଡ କରାଯାଇଛି।

**୭ରୁ ପ୍ରବଳ ବର୍ଷା ସମ୍ଭାବନା**






# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲେ ଛାତ୍ରୀ

କେନ୍ଦ୍ରାପଡ଼ା ଅଫିସ, ୩ା୮

କୁହାଯାଏ ଶିକ୍ଷାନୁଷ୍ଠାନ ବିଦ୍ୟାର ମନ୍ଦିର। ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭାବେ ଛାତ୍ରୀଛାତ୍ରମାନେ ପୂଜା କରିଥାନ୍ତି। ତେବେ ଯେଉଁଠି ଗୁରୁଙ୍କ ଅସଦାଚରଣ ଛାତ୍ରୀଙ୍କୁ ବ୍ୟଥିତ କରେ ଓ ଏନେଇ ଛାତ୍ରୀ ଆଇନର ସାହାରା ନେଇଥିଲେ ମଧ୍ୟ ନ୍ୟାୟ ପାଏ ନାହିଁ, ସେଠାରେ ସେ ବିଦ୍ରୋହ କରିବା ପାଇଁ ଆଗକୁ ବାହାରି ଆସେ। ଏପରି ଏକ ମାମଲା(ନଂ.୧୩୬/୨୨) କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଅସଦାଚରଣ ଘଟଣାରେ ଶିକ୍ଷକଙ୍କ ଜମାନତ ରଦ୍ଦ ସହିତ ନିଜ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କୁ ଛାତ୍ରୀ ଜଣକ ବୁଧବାର ଚିଠି ଲେଖିଛନ୍ତି।

ସୂଚନା ଅନୁଯାୟୀ, ମହାକଳାପଡ଼ା ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଜୁଲାଇ ୧୮ରେ ସ୍କୁଲରେ ପରୀକ୍ଷା ଦେଉଥିଲେ। ସ୍କୁଲର ଗଣିତ ଶିକ୍ଷକ ସମ୍ପୃକ୍ତା ଛାତ୍ରୀଙ୍କ ନିକଟକୁ ଆସି କିଛି ସମୟ ଠିଆ ହେବା ପରେ ତାଙ୍କ ହାତରେ ୩୦ ନମ୍ବର ଥିବା ପ୍ରକାଶ କରିଥିଲେ। ସେହି ନମ୍ବର ତୁମକୁ ଦେବି କହି ଛାତ୍ରୀଙ୍କ ଦେହର କେତେକ ସ୍ଥାନରେ ହାତ ମାରିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ କାହାକୁ ଏସମ୍ପର୍କରେ କହିଲେ ପରୀକ୍ଷାରେ ଫେଲ୍ କରି ଦେବେ ବୋଲି କହି ଧମକ ଦେଇଥିଲେ। ଛାତ୍ରୀ ଜଣକ ଏ କଥା ଘରେ କହିବା ପରେ ପରିବାର ସଦସ୍ୟମାନେ ଏ ସଂକ୍ରାନ୍ତରେ ପ୍ରଥମେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମହାକାଳପଡ଼ା ଥାନା ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଥିଲା। ସମ୍ପୃକ୍ତ ଶିକ୍ଷକ ଘଟଣା ଦିନଠାରୁ ଫେରାର ଅଛନ୍ତି। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସମ୍ପୃକ୍ତ ଶିକ୍ଷକ ଜଣକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଢୁଆଳରେ ରହି ମାମଲା ଉଠାଇ ନେବାକୁ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଥିସହିତ ହାଇକୋର୍ଟରେ ଜମାନତ ପାଇଁ ସେ ଆବେଦନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରି ଆଣିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଥାନା ଅଧିକାରୀ କହିଥିବା ଛାତ୍ରୀ ଜଣକ ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି। ଏପରି ପରିସ୍ଥିତିରେ ସେ ମୁଖ୍ୟ ବିଚାରପତିଙ୍କଠାରୁ ନ୍ୟାୟ ମାଗିଛନ୍ତି।

**ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଘଟଣା**




**ଆଜିର ମନ୍ତବ୍ୟ**

ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ତାଇୱାନ ଉପରେ ଆକ୍ରମଣ ପାଇଁ ଚାଇନାକୁ ସିଧାସଳଖ ଉସୁକାଇଛି। ନିଜ ସାର୍ବଭୌମତ୍ୱ ରକ୍ଷା ଅଧିକାର ଚାଇନାର ରହିଛି। ବିଶ୍ୱ ଆଗରେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଆମେରିକାର ଆକାଂକ୍ଷା ଏବଂ ଅନ୍ତର୍ଜାତୀୟ ଆଇନ ପ୍ରତି ଅବଜ୍ଞା ପେଲୋସିଙ୍କ ଗସ୍ତରୁ ପ୍ରତିଫଳିତ ହେଉଛି।–**ସେରେଗି ଲାଭ୍ରୋଭ୍, ଋଷିଆ ବହିର୍ବ୍ୟାପାର ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଅମିତ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହିଲେ କୁଳ କୁଟୁମ୍ବକୁ ଲାଜ**
**ନ କହିଲେ କୁଳ ଭାସିଯାଉଛି ।**

ମଣିଷ ବେଳେବେଳେ ଏମିତି ଅଘଟଣ ଅବସ୍ଥାରେ ପହଞ୍ଚେ, ଯାହାର ସମ୍ମୁଖୀନ ହେଲେ ଅସୁବିଧାରେ ପଡ଼ିଥାଏ ଏବଂ ନ ହେଲେ ମଧ୍ୟ ଅପଦସ୍ଥ ହୋଇଥାଏ। ପରିବାରର ମଙ୍ଗଳ ପାଇଁ କୌଣସି ଲଜ୍ଜାକର ଘଟଣା ପ୍ରକାଶ କରିବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଞ୍ଚୁକୁଞ୍ଚିଆ, ମାଗୁର ନିଶୁଆ**
**ହିଆରେ ନ ଥାଇ ବାଳ**
**ଏ ତିନିଙ୍କୁ ବିଶ୍ୱାସ ନ ଯିବ**
**ବଞ୍ଚିଥିବ ଯେତେ କାଳ ।**

କୁଞ୍ଚୁକୁଞ୍ଚିକା କେଶ, ମାଗୁର ପରିକା ନିଶ ଏବଂ ଛାତିରେ ବାଳ ନ ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତେଣୁ ଏମାନଙ୍କୁ ଭରସା କରିବା ଉଚିତ ନୁହେଁ ବୋଲି ଲୋକକଥା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଘ ମାରି ଛାଲ ବିକ୍ରି ର୍ୟାକେଟ ଧରାପଡିଲା

**ଭୁବନେଶ୍ୱର,(ବ୍ୟୁରୋ)/ଟିକାବାଲି, (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୩।୮**



■ **ବାଘଛାଲ, ଦେଶୀ ବନ୍ଧୁକ, ଗୁଳି, ଧନୁ, ତୀର, ଫାଶ, ଜବତ**

■ **ଜଣେ ଗିରଫ, ଅନ୍ୟ ୩ଜଣ ଅଟକ**

ବନ୍ଧୁକ, ଧନୁ, ତୀର, ଫାଶରେ ହେଉଥିଲା ବାଘ ଶିକାର। ବୌଦ୍ଧ, କନ୍ଧମାଳ ସମେତ ଅନ୍ୟ ଜିଲାର ବନାଞ୍ଚଳରେ ସକ୍ରିୟ ଥିବା ଏହି ବାଘ ଶିକାର ର୍ୟାକେଟକୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଧରିଛି। ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ବନ ବିଭାଗର ସହାୟତାରେ କନ୍ଧମାଳ ଜିଲା ଚକାପାଦ ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଦ ଗ୍ରାମରେ ଚଢ଼ାଉ କରି ବାଘଛାଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ବ୍ରାହ୍ମଣୀପାଦ ଗ୍ରାମର ବୀରେନମିତ୍ର ନାୟକ। ତାଙ୍କଠାରୁ ଗୋଟିଏ କଲରାପତରିଆ ବାଘ ଛାଲ ଓ ଅନ୍ୟ କେତେକ ଆପରାଧିକ ସାମଗ୍ରୀ ଜବତ ସହ ପୂରା ର୍ୟାକେଟର ପର୍ଦ୍ଦାଫାଶ କରିଛି। ପଚରାଉଚରା ପରେ ଅଭିଯୁକ୍ତ ବୀରେନଙ୍କୁ ଫୁଲବାଣୀ ଫରେଷ୍ଟ ଡିଭିଜନ ଅଧୀନ ଟିକାବାଲି ବନାଞ୍ଚଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ବୀରେନଙ୍କ ସୂଚନାନୁସାରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୩ଜଣଙ୍କୁ ଧରିଛି। ସେମାନେ ନୟାଗଡ଼ ଜିଲା ବାଣୀଗୋଛା ଥାନା ଗୁଣ୍ଡ୍ରିବାଡ଼ିର ରଞ୍ଜିତ କହଁର, ମଜ୍ଜୁରୀବାଡ଼ିର ରବିନାରାୟଣ କହଁର ଓ ସୁକୁମାର କହଁର। ସୁକୁମାର ର୍ୟାକେଟର ମୁଖ୍ୟ ହୋଇଥିବାବେଳେ ଏମାନେ ନିକଟରେ ବୌଦ୍ଧ ଜିଲା ଆଡେନିଗଡ଼ ଅଞ୍ଚଳରେ ବାଘ ମାରିଥିବା ସ୍ୱୀକାର କରିଛନ୍ତି। ଏଥିସହ ସେମାନଙ୍କ ପାଖରୁ ଦେଶୀ ବନ୍ଧୁକ, ଗୁଳି, ଧନୁ, ତୀର, ଫାସ ଆଦି ଜବତ କରାଯାଇଛି। ଏହି ର୍ୟାକେଟ ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ବନ ବିଭାଗ ଉଦ୍ୟମ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବ୍ରାହ୍ମଣୀପଡାରେ ବାଘଛାଲ କାରବାର ହେଉଥିବା ନେଇ ଏସ୍‌ଟିଏଫ୍ ନିକଟରେ ଗୋଇନ୍ଦା ସୂଚନା ମିଳିଥିଲା। ଏନେଇ ଟିକାବାଲି ବନ ବିଭାଗ ସହ ଯୋଗାଯୋଗ କରି ଚଢ଼ାଉ ଯୋଜନା ହୋଇଥିଲା। ତେବେ ଏହି ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହାର ଲିଙ୍କ୍ କେତେବାଟ ଲମ୍ବିଛି, ପୂର୍ବରୁ କେତେ ବାଘ ଶିକାର କରିଛନ୍ତି, କେଉଁଠି ବିକିଛନ୍ତି ସେସବୁ ଖୋଳତାଡ଼ କରୁଛି ଏସ୍‌ଟିଏଫ୍ ଓ ବନ ବିଭାଗ।

# ଗାଁ ଦାଣ୍ଡରେ ବାନ୍ଧି ମହିଳା, ୨ ଯୁବକଙ୍କୁ ମାଡ଼

**ପାରଳାଖେମୁଣ୍ଡି, ୩।୮ (ଡି.ଏନ୍.ଏ)**

**ପରକୀୟା ପ୍ରୀତି ସନ୍ଦେହ**

ଗଜପତି ଜିଲା ମୋହନା ଥାନା ମାଣିକପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପରକିୟା ପ୍ରୀତି ଓ ଅନୈତିକ କାର୍ଯ୍ୟକଳାପ ସନ୍ଦେହରେ ଜଣେ ମହିଳା ଓ ଦୁଇଜଣ ପୁରୁଷଙ୍କୁ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ଲୋକେ ପିଟିଛନ୍ତି। ମାଣିକପୁରର ଇନ୍ଦିରା ଆବାସଠାରେ ବାସ କରୁଥିବା ଜନୈକା ମହିଳାଙ୍କ ସ୍ୱାମୀ ଦୀର୍ଘବର୍ଷ ହେଲା ଅନ୍ୟତ୍ର ଯାଇ ଶ୍ରମିକ ଭାବେ କାମ କରୁଛନ୍ତି। ଏହାର ସୁଯୋଗ ନେଇ ମହିଳା ଜଣକ ଗଞ୍ଜାମ ଜିଲାର ଦୁଇ ଯୁବକଙ୍କ ସହ ଅନୈତିକ ସଂପର୍କ ରଖିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ସାହିରେ ଏଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇଚାଲିଥିବା ଯୋଗୁଁ ଗ୍ରାମବାସୀ ସେମାନଙ୍କୁ ପାନେ ଦେବାକୁ ସୁଯୋଗ ଖୋଜୁଥିଲେ। ମହିଳାଙ୍କ ପାଖକୁ ଦୁଇ ଯୁବକ ଆସିଥିବା ବେଳେ ଗ୍ରାମବାସୀ ମହିଳାଙ୍କ ସମେତ ଦୁଇ ଯୁବକଙ୍କୁ ଧରି ଗାଁ ଦାଣ୍ଡରେ ଥିବା ସୋଲାର ଖୁଣ୍ଟରେ ବାନ୍ଧି ନିର୍ଦ୍ଦୁମ ଛେଚିଥିଲେ। ଦୀର୍ଘ ଘଣ୍ଟା ଧରି ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି ଘଟଣା ଘଟିଚାଲିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗ୍ରାମବାସୀ ସେମାନଙ୍କୁ ଛାଡ଼ି ଦେଇଥିଲେ। ଏ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଅଭିନେତା ନିଶି କରଙ୍କ ପରଲୋକ

**ଭୁବନେଶ୍ୱର,୩।୮(ବ୍ୟୁରୋ)**



ଓଲିଉଡ୍‌ର ଯୁବ ଅଭିନେତା ତଥା ନିର୍ଦ୍ଦେଶକ ନିଶିରଞ୍ଜନ କରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କୁ ୩୮ବର୍ଷ ବୟସ ହୋଇଥିଲା। ପୁରୀ ଜିଲା କାକଟପୁରର କାହାଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନିଶିରଞ୍ଜନ ସନ୍ଧ୍ୟାରେ କାକଟପୁର ନୂଆ ବସ୍‌ଷ୍ଟାଣ୍ଡରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ପିଟି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନିଶି ଓଲିଉଡରେ ଜଣାଶୁଣା ଚେହେରା ଥିଲେ। ସେ ୨ଟି ଫିଲ୍ମ ଓ ୫୦୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ ନିର୍ଦ୍ଦେଶନା ଦେବା ସହ ଗାୟତ୍ରୀ, ଉତ୍ତରଦାୟୀ, ବଡ଼ ଘର ବଡ଼ ଗୁମର କଥା, ଓଡ଼ିଆ ଚଳଚ୍ଚିତ୍ର ଭଲ ପାଏ ବୋଲି, ଜ୍ୟୋତ୍ସ୍ନା ଭିଜା ସେଇ ରାତି, ମନ ମୋର ଯାଯାବର, ଓମ୍ ସାଇ ରାମ୍ ଆଦି ବହୁ ଧାରାବାହିକରେ ଅଭିନୟ କରିଛନ୍ତି। ୨ଟି ଚଳଚ୍ଚିତ୍ର 'ଆମ୍ବ କାନ୍ଦୁଛି' ଓ 'ଦୁହେଁ ଦୁହିଁଙ୍କ ପାଇଁ'ର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ଅକାଳ ବିୟୋଗରେ ସିନେ ଜଗତର ଅପୂରଣୀୟ କ୍ଷତି ଘଟିଥିବା ସାଥୀ କଳାକାରମାନେ ପ୍ରକାଶ କରିଛନ୍ତି। ପୁଅକୁ ହରାଇ ବାପା ପରମାନନ୍ଦ କର, ମା' ଶାନ୍ତିଲତା କର ଭାଙ୍ଗି ପଡିଥିବାବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୩ ସମିତି ନାମରେ ଜମା ଆଦାୟ ବନ୍ଦ ନିର୍ଦ୍ଦେଶ

ଯାଜପୁର ଅଫିସ,୩।୮–ସାହାରା କ୍ରେଡିଟ କୋଅପରେଟିଭ ସୋସାଇଟି ଲିଃ, ସାହାରିୟାନ ୟୁନିର୍ଭସାଲ ମଲ୍‌ଟିପର୍‌ପୋଜ ସୋସାଇଟି ଲିଃ ଏବଂ ହମାରା ଇଣ୍ଡିଆ କ୍ରେଡିଟ କୋଅପରେଟିଭ ସୋସାଇଟି ଲିଃ ନାମରେ ଗ୍ରାହକଙ୍କଠାରୁ କୌଣସି ଜମା ଆଦାୟ ନ କରିବାକୁ ନିର୍ଦ୍ଦେଶ ହୋଇଛି। ୨୨।୩।୨୦୨୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଏବଂ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାରଙ୍କ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଏହି ମର୍ମରେ ସମସ୍ତ ଡିଆରସିଏସ୍ ଏବଂ ଏଆରସିଏସ୍‌ଙ୍କୁ ବୁଧବାର ନିର୍ଦ୍ଦେଶପତ୍ର ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ଦୀର୍ଘଦିନ ଧରି ଉପରୋକ୍ତ ସମିତିରେ ଚାଲିଥିବା ଟଙ୍କା ଜମା ବିବାଦର ଅନ୍ତ ଘଟିଛି।

ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଲୋକ ଅଗ୍ରୱାଲଙ୍କ ରିପୋର୍ଟ ଅନୁସାରେ ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ ସାହାରା କ୍ରେଡିଟ କୋପଅରେଟିଭ ସୋସାଇଟି ଲିଃ, ମଧ୍ୟପ୍ରଦେଶ ଭୋପାଳସ୍ଥିତ ସାହାରିୟାନ ୟୁନିର୍ଭସାଲ ମଲ୍‌ଟିପର୍‌ପୋଜ ସୋସାଇଟି ଲିଃ ଏବଂ ପଶ୍ଚିମବଙ୍ଗ କୋଲକାତାସ୍ଥିତ ହମାରା ଇଣ୍ଡିଆ କ୍ରେଡିଟ କୋପଅରେଟିଭ ସୋସାଇଟି ଲିଃ ମଲ୍ଟି ଷ୍ଟେଟ କୋପଅରେଟିଭ ସୋସାଇଟି ଆଇନ–୨୦୦୨ ଅନୁସାରେ ପଞ୍ଜୀକୃତ ହୋଇଛି। ହେଲେ ବିପୁଳ ସଂଖ୍ୟାରେ ଜମାକାରୀ ଜମା ଟଙ୍କା ଫେରସ୍ତ ପାଇ ପାରୁ ନ ଥିବା ନେଇ ଅଭିଯୋଗ କରି ଆସୁଥିଲେ। ଏହାପରେ ଉପରୋକ୍ତ ସମିତିଗୁଡିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋପଅରେଟିଭ ସୋସାଇଟି (ସିଆରସିଏସ୍)ଙ୍କ ନିକଟରେ ବ୍ୟକ୍ତିଗତ ଶୁଣାଣି ପାଇଁ ଡକାଯାଇଥିଲା। ଉକ୍ତ ଶୁଣାଣିରେ ଉପରୋକ୍ତ ସମିତିଗୁଡ଼ିକୁ ଗ୍ରାହକଙ୍କଠାରୁ ଆଉ ଜମା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ସମିତି କର୍ତ୍ତୃପକ୍ଷ ସିଏସ୍‌ଆର୍‌ଙ୍କ ନିର୍ଦ୍ଦେଶ ବିରୋଧରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ ଏବଂ ନିର୍ଦ୍ଦେଶକୁ ସ୍ଥଗିତ ରଖିବାରେ ସମର୍ଥ ହୋଇଥିଲେ। ପରେ ଦିଲ୍ଲୀ ହାଇକୋର୍ଟ ୨୨।୩।୨୦୨୨ରେ ଶୁଣାଣି କରି ପରବର୍ତ୍ତୀ କୌଣସି ଜମା ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ୮।୪।୨୦୨୨ରେ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଜାରି କରାଯାଇଥିଲା। ସମବାୟ ମନ୍ତ୍ରଣାଳୟର ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପ୍ରାୟ ୪ ମାସ ପରେ ରାଜ୍ୟ ସମବାୟ ସମିତିର ନିବନ୍ଧକ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ଅଭିଯୋଗ ଉପରେ ୨୦୧୮ ରୁ ତଦନ୍ତ ହୋଇ ଆସୁଥିଲା। ୨୦୧୯ ନଭେମ୍ବରରେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିଲା। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି ତେବେ ସମ୍ପୃକ୍ତ ସମିତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁଏସ୍‌ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ସର୍କଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରିମ ଋଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଥିଲା। ତେବେ ପୂର୍ବରୁ ଏହି ସମିତିମାନଙ୍କରେ ଜମା କରିଥିବା ଗ୍ରାହକଙ୍କ ଟଙ୍କା ଫେରସ୍ତ ସମ୍ପର୍କରେ କୌଣସି ନିର୍ଦ୍ଦେଶ ହୋଇ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜ ସୀମା ଭିତରେ ରହି କାମ କରିବା ଭଲ । ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ ।

**ବୃଷ** କର୍ମକ୍ଷେତ୍ରରେ ଦକ୍ଷତା ହେତୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ମାନସିକ ସ୍ଥିତି ଭଲ ନ ଥିବାରୁ ଘରର ଆବଶ୍ୟକତାକୁ ପାସୋରି ଦେବେ, ଯାହାକି କଳହର କାରଣ ହୋଇପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ନିର୍ମାଣ, ଯୋଗାଯୋଗ, ଆଲୋଚନା ଓ ସଭାସମିତି ସମସ୍ୟାମୁକ୍ତ ରହିବ। ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

**ସିଂହ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବା ସହ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ। ଅବହେଳା କାରଣରୁ କେତେକ ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ନଚେତ୍ ଅସୁବିଧାରେ ପଡ଼ିପାରନ୍ତି ।

**କନ୍ୟା** ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ । ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଚିତ୍ରା ନକ୍ଷତ୍ରର ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ସମ୍ଭାବନା ରହିଛି ।

**ତୁଳା** କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରିବ। ସହକର୍ମୀଙ୍କ ସହଯୋଗ ଦ୍ୱାରା ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ କୌଣସି ବନ୍ଧୁଙ୍କର ଦେଖା ପାଇବେ ନାହିଁ। କ୍ରନିକ୍ ରୋଗର ଯନ୍ତ୍ରଣା କିଛି ସମୟ ପରେ ଉପଶମ ହେବ ।

**ଧନୁ** ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସଚେତନତା ଅଭାବରୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଦୂରାଗତ ବନ୍ଧୁଙ୍କ ଆମନ୍ତ୍ରଣକୁ ଉପେକ୍ଷା କରିପାରିବେ ନାହିଁ।

**ମକର** ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିପାରନ୍ତି । ଭ୍ରମଣ ସୁଯୋଗ ପାଇ ସାମୟିକ ଭାବରେ ଖୁସି ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ଆଜି ଦିନଟିରେ ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବାର ଆଶା ରହିଛି। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିବେ ।

**ମୀନ** ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

**classifieds** **Everyday** 0674-2580101, 2549302



real estate

**SALE**

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & Collegeକୁ ଲାଗି layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277



healthcare

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly opened full body massage center by expert therapist. 7381172169. D-73629

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage 1099 free massage one. Mo: 9583808247. D-1164

Newly open full body massage ladies and gents. 8327740003, 8093860513. D-73947

Newly open full body massage, ladies and gents. 7846923244. D-73948

All type body massage by Expert Therapist, Room service available. 8917243035. D-73631



astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**LOST**

I Bhabana Priti, D/o. Late Prafulla Kumar Panigrahi, Resident of Nigamananda Bihar, Ward No.1, Bargarh, PO/ PS/ Dist. Bargarh do hereby declare that I have lost original B.Tech. Certificate (Mechanical Branch) from B.P.U.T University and couldn't trace out the same. D-1175

**ପୁରୀ ମୁକାମଜଜ୍, ପରିବାର ଅଦାଲତ, ପୁରୀ**
**ସିଭିଲ୍ ପ୍ରୋସିଡିଂ ନଂ୧୦୯/୨୦୧୯ର**

ବିଶ୍ୱନାଥ ପାତ୍ର, ବ୨୯ର୍ଷ, ପିତା: ଲୋକନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ ........ ଦରଖାସ୍ତକାରୀ

ବନାମ

ଦୁର୍ଗାମଣି ନାୟକ, ବ୨୯ର୍ଷ, ସ୍ୱାମୀ: ବିଶ୍ୱନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ ଥାନା: ନିମାପଡ଼ା, ଜିଲ୍ଲା: ପୁରୀ। ହାଲ୍ ସାକିନ: ପିତା: ବିପିନ୍ ବିହାରୀ ନାୟକ, ସାକିନ: ଖାକିମଠ ନୂଆସାହି, ପୋଷ୍ଟ: ପୁରୀ-୨, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ। ..... .... ପ୍ରତିବାଦୀ

**ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍-୨୦(୧)(ଏ) ମତେ ନୋଟିସ**

ଏତଦ୍ୱାରା ଦୁର୍ଗାମଣି ନାୟକ ବ୨୯ର୍ଷ, ସ୍ୱାମୀ: ବିଶ୍ୱନାଥ ପାତ୍ର, ସାକିନ: ଦେବୀମଣ୍ଡପ ସାହି, ପୋଷ୍ଟ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ। ହାଲ୍ ସାକିନ: ପିତା: ବିପିନ୍ ବିହାରୀ ନାୟକ, ସାକିନ: ଖାକିମଠ ନୂଆସାହି, ପୋଷ୍ଟ: ପୁରୀ-୨, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀଙ୍କୁ ଜଣାଇଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ଦରଖାସ୍ତକାରୀ ଛାଡ଼ପତ୍ର ମୋକଦ୍ଦମା ଦାଖଲ କରିଅଛନ୍ତି । ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତା ପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା୩୦।୦୮।୨୦୨୨ରିଖ ଘ୧୦.୩୦ ମିନିଟ୍ ସମୟେ କୋର୍ଟରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଦ୍ୟ ତା୨୯ରିଖ ୦୭ ମାସ ୨୦୨୨ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

**ସ୍ୱା./- ଜଜ୍, ପରିବାର ଅଦାଲତ, ପୁରୀ**

ଧ-୬୯୭୦

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ରାଗିଂ ଅଭିଯୋଗ ...

ନାମରେ ଏତଲା ଦିଆଯିବ। ଏପରିକି ପୋଲିସ ପଦକ୍ଷେପକୁ ଅପେକ୍ଷା ନ କରି କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରୀୟ ଆଣ୍ଟିରାଗିଂ କମିଟି, ଜିଲାସ୍ତରୀୟ ଆଣ୍ଟିରାଗିଂ କମିଟି ଏବଂ ଉଚ୍ଚଶିକ୍ଷା ବିଭାଗୀୟସ୍ତରୀୟ ଆଣ୍ଟିରାଗିଂ କମିଟି ସଦସ୍ୟମାନେ ପର୍ଯ୍ୟାୟକ୍ରମେ ଅଚାନକ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଯାଇ ପରିଦର୍ଶନ କରି ଆଣ୍ଟିରାଗିଂ କାର୍ଯ୍ୟକଳାପ ପାଳନ ହେଉଛି କି ନାହିଁ ତାହାକୁ ତଦାରଖ କରିବେ ବୋଲି ଉଚ୍ଚ ଶିକ୍ଷା ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀରେ ଥିବା ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି କଲେଜରେ ରାଗିଂ ନେଇ ସଙ୍ଗିନ ଅଭିଯୋଗ ଆସିଥିଲା। ସିନିୟର ଛାତ୍ରୀଙ୍କ ରାଗିଂ ସହିନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା। କେବଳ ବିଜେବି ନୁହେଁ, ରାଜ୍ୟର କୋଣ ଅନୁକୋଣରୁ ମଧ୍ୟ ରାଗିଂ ଅଭିଯୋଗ ଆସିଥିଲା। ଏହାକୁ ନେଇ ଅଭିଭାବକ, ଛାତ୍ର ନେତା ଓ ଶିକ୍ଷାବିତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବହୁ ସାମାଜିକ ଅନୁଷ୍ଠାନ, ଛାତ୍ରସଂଘ ଆନ୍ଦୋଳନ କରିବା ସହିତ କଂଗ୍ରେସ ଓ ଭାଜପା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସ ଭବନ ଘେରାଉ ମଧ୍ୟ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅଗଷ୍ଟ, ୨୦୨୨

**ଲୋକାୟୁକ୍ତରେ ହେଉଥିବା ଅଭିଯୋଗ (ଫର୍ମ-ଏ)ରେ ପରିବର୍ତ୍ତନ**

ଭୁବନେଶ୍ୱର,(ବ୍ୟୁରୋ): ଲୋକାୟୁକ୍ତ ଓଡ଼ିଶାଙ୍କଠାରେ କରାଯାଉଥିବା ଅଭିଯୋଗ ଫର୍ମ 'କ' (ଫର୍ମ-ଏ)ରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ଜନସାଧାରଣ ଯେପରି ସହଜରେ ଅଭିଯୋଗ ଦାଖଲ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକାୟୁକ୍ତ(ଅଭିଯୋଗ ଦାଖଲ ପଦ୍ଧତି) ସଂଶୋଧନ ଅଧିନିୟମ,୨୦୨୨ ବା ଓଡ଼ିଶା ଲୋକାୟୁକ୍ତ (ପ୍ରୋସିଜିଓର ଅଫ୍ ଫିଲିଙ୍ଗ କମ୍ପ୍ଲେଣ୍ଟ) ଆମେଣ୍ଡମେଣ୍ଟ ରୁଲସ୍, ୨୦୨୨) ଦ୍ୱାରା ପୂର୍ବରୁ ବ୍ୟବହୃତ ଫର୍ମରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ଫର୍ମାଟ୍ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ୱେବ୍ ସାଇଟ୍ www.lokaukta.odisha.gov.inରେ ଅପ୍‌ଲୋଡ୍ କରାଯାଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।





ଭୁବନେଶ୍ୱରସ୍ଥିତ ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀର ବୁଧବାର ଉଦ୍‌ଘାଟନ ଅବସରରେ ଅଦରକାରୀ ସାମଗ୍ରୀରେ ତିଆରି ଏକ ଭାସ୍କର୍ଯ୍ୟକୃତିକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଅନ୍ୟ ଅତିଥିମାନେ ଦେଖୁଛନ୍ତି।

# ଜମିବାଡ଼ି ବିବାଦରୁ ଦମ୍ପତିଙ୍କୁ ଏସିଡ୍ ମାଡ଼

## ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନାରେ ଭର୍ତ୍ତି

ପଦ୍ମପୁର, ୩।୮(ଡି.ଏନ.ଏ.)

ଜମିବାଡ଼ି ବିବାଦକୁ ନେଇ ବୁଧବାର ଏକ ଦମ୍ପତିଙ୍କୁ ତାଙ୍କ ପଡ଼ୋଶୀ ଏସିଡ୍ ମାଡ଼ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀ ଗ୍ରାମରେ। ଗୁରୁତର ଅବସ୍ଥାରେ ଉକ୍ତ ଦମ୍ପତିଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗ୍ରାମର ଶୈଳେନ୍ଦ୍ର ନାୟକ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ।

ସୂଚନା ଅନୁଯାୟୀ, ଶୈଳେନ୍ଦ୍ର ଓ ପଡ଼ୋଶୀ ବିଜୟ ସାହୁଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶୈଳେନ୍ଦ୍ର ଓ ସରସ୍ୱତୀ ଉକ୍ତ ଜମିରେ ବାଡ଼ ଘେରାଉଥିଲେ। ଏହି ସମୟରେ ସେଠାରେ ଲୁଚି ରହିଥିବା ବିଜୟ ସେମାନଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ ବୋଲି ଉକ୍ତ ଦମ୍ପତି ପ୍ରକାଶ କରିଛନ୍ତି। ଉଭୟଙ୍କ ମୁହଁରେ ଏସିଡ୍ ପଡ଼ିବାରୁ ସେମାନେ ଚିତ୍କାର କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ଅନ୍ୟମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ଶୈଳେନ୍ଦ୍ରଙ୍କ ପରିବାର ପକ୍ଷରୁ ସନ୍ଧ୍ୟାରେ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୈଳେନ୍ଦ୍ରଙ୍କ ଝିଅ ଗୀତାଞ୍ଜଳିଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୮୪/୨୨) ରୁଜୁ କରାଯାଇଛି। ଘଟଣା ପରଠାରୁ ବିଜୟ ଫେରାର ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦେବେନ୍ଦ୍ର କୁମାର ମୁର୍ମୁ କହିଛନ୍ତି।

# ୧୧୫ ପୌରସଂସ୍ଥାରେ ୪୫,୦୦୦ ପ୍ରକଳ୍ପ

## 'ମୁକ୍ତା' ପ୍ରଫେଶନାଲ୍‌ଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ




ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୩।୮ବ୍ୟୁରୋ)

ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ନିୟୋଜିତ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ପ୍ରଫେଶନାଲଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ବୁଧବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ହଲ୍‌ଠାରେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଲେ, କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ସହରାଞ୍ଚଳର ଆର୍ଥିକ ଅନଗ୍ରସର ତଥା ପ୍ରବାସୀ ଶ୍ରମଜୀବୀଙ୍କ ପାଇଁ ବ୍ୟାପକ ସାମାଜିକ ସୁରକ୍ଷା ଓ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)ର ଶୁଭାରମ୍ଭ କରାଯାଇଥିଲା। ଗତ ୨୮ ମାସ ମଧ୍ୟରେ 'ମୁକ୍ତା' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସମସ୍ତ ୧୧୫ ପୌରସଂସ୍ଥାରେ ୩୫୦ କୋଟି ଟଙ୍କା ବ୍ୟୟରେ ୪୫,୦୦୦ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମୋଟ୍ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି-ଶ୍ରମ ଦିବସ ସୃଷ୍ଟି କରାଯିବା ଫଳରେ ପ୍ରାୟ ୬ ଲକ୍ଷ ସହରାଞ୍ଚଳ ପ୍ରବାସୀ ଶ୍ରମଜୀବୀ ଉପକୃତ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରେ ୪୦% ମହିଳା ହିତାଧିକାରୀ ଅଛନ୍ତି। 'ମୁକ୍ତା' କାର୍ଯ୍ୟକ୍ରମ ଅଧୀନରେ 'ବୃଷ୍ଟି ଜଳକୁ ଧରି ରଖ' ଅଭିଯାନ ଅନ୍ତର୍ଗତ ୩୬,୦୦୦ ବୃଷ୍ଟି ଜଳ ଅମଳ ଢାଞ୍ଚା ନିର୍ମାଣ ଶେଷ ହୋଇଛି। ପ୍ରାୟ ୧୮,୦୦୦ ମିଶନ ଶକ୍ତି ଗୋଷ୍ଠୀ ତଥା ବସ୍ତିବାସିନ୍ଦା ସଂଘସମୂହ 'ମୁକ୍ତା' କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଭାଗୀ ଭୂମିକା ତୁଲାଇ ୪୫,୦୦୦ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି।

ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥନନ୍ କହିଥିଲେ, କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ୨୦୨୦ ଏପ୍ରିଲ୍ ୧୮ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଦେଶରେ ନିଆଯାଇଥିବା ଜୀବିକା ସୁରକ୍ଷା ପଦକ୍ଷେପ ମଧ୍ୟରେ ସର୍ବପ୍ରଥମ। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମ୍‌ଜିତ ନାୟକ, ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା 'ମୁକ୍ତା' କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଶାସନ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷଣ କର୍ମଶାଳାରେ ୩୪୫ ଜଣ 'ମୁକ୍ତା' ପ୍ରଫେଶନାଲ ଅଂଶଗ୍ରହଣ କରିଥିଲେ।

# ସାଙ୍ଗ ସ୍ତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା

ଢେଙ୍କିକୋଟ,୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ବିଶ୍ୱାସରେ ବିଷ ଦେଇ ଜଣେ ବ୍ୟକ୍ତି ତାଙ୍କ ସାଙ୍ଗଙ୍କ ସ୍ତ୍ରୀଙ୍କୁ ବଳାତ୍କାର ପରେ ଜୀବନରୁ ମାରିଦେଇଥିବା ଅଭିଯୋଗ ହୋଇଛି। ନୃଶଂସ ବ୍ୟକ୍ତିଜଣକ ମୃତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କ ଯୌନାଙ୍ଗରେ ଶାଳ ବେଣ୍ଟ ପୂରାଇଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୫୨/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖାଳିଆବେଡ଼ା ଗ୍ରାମର ପୁରସ୍ତମ ନାୟକ।

# ଆଇଟିଆଇ ଛାତ୍ରଙ୍କୁ ମାଡ଼ ଅଭିଯୋଗ

- ନ୍ୟାୟ ପାଇଁ ରାତିରେ ଚାଲିଲେ ୩୦ କି.ମି
- ଅଧ୍ୟକ୍ଷଙ୍କ ସମେତ ୨ ଗିରଫ

ବାରିପଦା ଅଫିସ, ୩।୮

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଦିବାସୀ ଛାତ୍ରମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ି ଦିଆଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ନ୍ୟାୟ ପାଇଁ ସେମାନେ ରାତିରେ ୩୦କି.ମି. ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବୁଧବାର ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରମୁଖ ଉତ୍ୟକ୍ତ ଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାରେ କୁଳିଅଣା ପୋଲିସ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ତ୍ରିଲୋଚନ ଗିରି ଓ ଶିକ୍ଷକ ସତ୍ୟଜିତ ଗିରିଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଦିବାସୀ ଛାତ୍ରମାନେ ବର୍ଷେ ହେଲା ଇଲେକ୍ଟ୍ରିକାଲ ଓ ଫିଟର ଟ୍ରେଡ୍‌ରେ ଅଧ୍ୟୟନ କରୁଥିଲେ। ପରୀକ୍ଷା ପାଇଁ ଆସିଥିବା ଆଡ୍‌ମିଟ କାର୍ଡରେ ଟ୍ରେଡ୍ ବଦଳିଯାଇଥିବା ଦେଖିବାକୁ ପାଇଥିଲେ। ଏହାର ପ୍ରତିବାଦ କରିବାରୁ ଶିକ୍ଷାନୁଷ୍ଠାନ ପରିଚାଳକ, ଶିକ୍ଷକ ଓ ଅଧ୍ୟକ୍ଷଙ୍କ ଭାଇ ଛାତ୍ରମାନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

**Fellowship on IOL & Anterior Segment**

MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before 31st Aug. 2022.

To
Medical Superintendent
MNC-Lepra Society
Pandapali, Birmaharajpur,
Subarnapur, Odisha
767018
Mail- debendra@leprahealthinaction.in
Mob-9437198482

**ପରାମର୍ଶଦାତାଙ୍କ ପୁନଃ ନିଯୁକ୍ତି**
**(ଜମି ଅଧିଗ୍ରହଣ)**

ନଂ. ଏସ୍‌ଇଆର୍/ସିଓଏନ୍/ଏଚ୍‌କ୍ୟୁ/ଇଏନ୍/୦୧ଏ/୨୦୨୨ ତାରିଖ: ୦୩।୦୮।୨୦୨୨

ଦକ୍ଷିଣ ପୂର୍ବ ରେଳପଥ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ, ଦକ୍ଷିଣ ପୂର୍ବ ରେଳପଥ/ନିର୍ମାଣରେ ୨ (ଦୁଇ) ଗୋଟି (ଗୋଟିଏ ପଦବୀ ଓଡ଼ିଶା ଅଞ୍ଚଳ ଏବଂ ଗୋଟିଏ ପଦବୀ ଝାଡ଼ଖଣ୍ଡ ଅଞ୍ଚଳ ପାଇଁ) ପରାମର୍ଶଦାତା (ଜମି ଅଧିଗ୍ରହଣ) ପଦବୀ ପୂରଣ କରିବା ଲାଗି ଅବସରପ୍ରାପ୍ତ ରାଜ୍ୟ ସରକାରୀ ଅଧିକାରୀମାନଙ୍କଠାରୁ ପୁନଃ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି, ଯାହା ନିୟମ ଓ ସର୍ତ୍ତାବଳୀ, ଚୁକ୍ତିମୂଳକ ପାରିଶ୍ରମିକ ଏବଂ ଯୋଗ୍ୟତା ପୂରଣ ଉପରେ ନିର୍ଭର କରିବ । ଓଡ଼ିଶା ଏବଂ ଝାଡ଼ଖଣ୍ଡର ଭୂ-ରାଜସ୍ୱ ବିଭାଗରେ କାର୍ଯ୍ୟର ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ଅଧିକାରୀମାନେ ସମ୍ପୃକ୍ତ ରାଜ୍ୟର ପଦବୀ ପାଇଁ ଆବେଦନ କରିପାରିବେ । ଅଧିସୂଚନା ସମେତ ନିୟମ ଏବଂ ସର୍ତ୍ତାବଳୀ ଏବଂ ଦରଖାସ୍ତ ପ୍ରୋଫର୍ମା ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍ www.ser.indianrailways.gov.in (News & Updates)ରେ ଉପଲବ୍ଧ । ଦରଖାସ୍ତ ବରିଷ୍ଠ କାର୍ମିକ ଅଧିକାରୀ (ନିର୍ମାଣ)ଙ୍କ ନିକଟକୁ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଠିକଣାରେ ପଠାଯିବ । ଆବେଦନକାରୀଙ୍କ ଆବେଦନକୁ ସମ୍ପୂର୍ଣ୍ଣ ରୂପେ ପ୍ରଶାସନିକ ଆବଶ୍ୟକତା ଆଧାରରେ ତଥା ପ୍ରଶାସନର ନିଷ୍ପତ୍ତିରେ ଗ୍ରହଣ କରାଯିବ । **ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ୧୮।୦୮।୨୦୨୨** । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । ଦୟାକରି ସମୟ ସମୟରେ ଆମର ୱେବ୍‌ସାଇଟ୍ ଦେଖନ୍ତୁ ।

PR-431 **ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ, ଗାର୍ଡେନ୍ ରିଚ୍**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

# ଜୟପୁର, ଉତ୍‌କେଳା ବିମାନବନ୍ଦର ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବିକଲେ ମାନସ ମଙ୍ଗରାଜ

ଭୁବନେଶ୍ୱର,୩।୮(ବ୍ୟୁରୋ)

କୋରାପୁଟ ଜିଲାର ଜୟପୁର ଓ କଳାହାଣ୍ଡିର ଉତ୍‌କେଳା ଏୟାରପୋର୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି। ସଂସଦରେ ସ୍ୱତନ୍ତ୍ର ଆଲେଖ୍ୟ ଜରିଆରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ, ୨୦୧୭ରେ ମାଓବାଦୀ ଅଧ୍ୟୁଷିତ କୋରାପୁଟ ଓ କଳାହାଣ୍ଡିରେ ୨ଟି ବିମାନବନ୍ଦର ପାଇଁ ଯୋଜନା ହୋଇଥିଲା। ସେହି ଅନୁସାରେ ଜୟପୁର ଓ ଉତ୍‌କେଳା ଏୟାରପୋର୍ଟକୁ ଉଡାନ ଯୋଜନାରେ ସାମିଲ କରାଯାଇଥିଲା। ବହୁ ଦାବି ପରେ ୨୦୨୦ରେ କାମ ଆରମ୍ଭ ହୋଇଥିଲା। ଏହି ୨ ବିମାନବନ୍ଦର ସହ ଝାରସୁଗୁଡ଼ା ବିମାନବନ୍ଦରର କାମ ଆରମ୍ଭ ହୋଇଥିଲା। ଝାରସୁଗୁଡ଼ା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ଜୟପୁର ଓ ଉତ୍‌କେଳା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଉକ୍ତ ଅଞ୍ଚଳର ଲୋକଙ୍କ ଦୀର୍ଘବର୍ଷର ସ୍ୱପ୍ନ ସାକାର ହୋଇପାରୁନି। ଏଥିସହ ଏହି ଦୁଇ ଜିଲା ମାଓବାଦୀ ପ୍ରଭାବିତ ହୋଇଥିବାରୁ ଉକ୍ତ ୨ ବିମାନବନ୍ଦରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ ମଙ୍ଗରାଜ ଦାବି କରିଛନ୍ତି।

# ବଜ୍ରପାତରେ ୨ ଯାଆଙ୍କ ମୃତ୍ୟୁ

**କୋଟପାଡ଼, ୩।୮(ଡି.ଏନ୍.ଏ.):** ଜମିରେ କାମ କରୁଥିବାବେଳେ ବଜ୍ରପାତ ଘଟି ବୁଧବାର ୨ ଯାଆଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୋରାପୁଟ ଜିଲା କୋଟପାଡ଼ ବ୍ଲକ ବଟାଶନା ପଞ୍ଚାୟତ ପୋଟ୍ରୋଗୁଡାର ପର୍ଶୁରାମ ସମରଥଙ୍କ ସ୍ତ୍ରୀ ଦୟମତି (୩୨)ଓ ମୁନି ସମରଥଙ୍କ ସ୍ତ୍ରୀ କୋମଳା (୩୫)।

ଏବେ ଧାନରୁଆ କାମ ଜୋର୍‌ସୋର୍ ଆଗେଇଛି। ବୁଧବାର ଦୟମତି ଓ କୋମଳା କେତେଜଣ ମହିଳାଙ୍କ ସହ ଜମିରେ ରୁଆ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା। ମହିଳାମାନେ ଦୌଡ଼ି ନିକଟସ୍ଥ ଏକ କୁଡ଼ିଆକୁ ଯିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ କୋମଳାଙ୍କ ମୃତ୍ୟୁ ହୋଇଥିବାବେଳେ ଦୟମତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ପରିବାରକୁ ସୂଚନା ଦେବା ମଧ୍ୟରେ ଦୟମତିଙ୍କର ମୃତ୍ୟୁ ହୋଇଥିଲା। କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ବିମାନ ଚଳାଚଳ



**ଜୟପୁର, ୩।୮(ନି.ପ୍ର.):** ପରୀକ୍ଷାମୂଳକ ଭାବେ ବୁଧବାର ୯ ସିଟ୍‌ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁରକୁ ଉଡ଼ାଣ ଭରିଛି। ସେହିପରି ଏୟାରପୋର୍ଟ ଭିତ୍ତିଭୂମିରେ କିଛି ତ୍ରୁଟି ଥିବା କଥା ଏହି ପରୀକ୍ଷା ମୂଳକ ଉଡ଼ାଣବେଳେ ସାମ୍ନାକୁ ଆସିଛି। ତ୍ରୁଟି ସୁଧାରିବା ପରେ ନିୟମିତ ବିମାନସେବା ଏଠାରୁ ଆରମ୍ଭ ହୋଇପାରିବ ବୋଲି ସୂଚନା ମିଳିଛି।

ବୁଧବାର ଘରୋଇ ଇଣ୍ଡିଆ ୱାନ୍ ଏୟାରର ୪ ଜଣ ଅଧିକାରୀ ୯ ସିଟ୍‌ବିଶିଷ୍ଟ ବିମାନରେ ଭୁବନେଶ୍ୱରରୁ ଦିନ ୧୦ଟାରେ ଉଡ଼ାଣ ଭରି ଜୟପୁରରେ ୧୧.୩୫ରେ ପହଞ୍ଚିଥିଲେ। ସେହିପରି ମଧ୍ୟାହ୍ନ ୧୨.୩୦ରେ ଉକ୍ତ ବିମାନ ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ତେବେ ଏଠାରେ ଭିତ୍ତିଭୂମିର ସୁଧାର ପରେ ହିଁ ନିୟମିତ ଯାତ୍ରୀସେବା ଆରମ୍ଭ ହୋଇପାରିବ ବୋଲି ଜୟପୁର ଏୟାରପୋର୍ଟ ମ୍ୟାନେଜର ଉପେନ୍ଦ୍ର କୁମାର ମିଶ୍ର ଓ ଜୟପୁର ଉପଜିଲାପାଳ କହିଛନ୍ତି। କେତେଜଣ ଯାତ୍ରୀ ଟିକେଟ ଆଶାରେ ଏୟାରପୋର୍ଟକୁ ଆସିଥିଲେ। ହେଲେ ଯାତ୍ରୀସେବା ଆରମ୍ଭ ହୋଇ ନ ଥିବା ଜାଣି ଫେରିଯାଇଥିଲେ। ଉଡାନ ଯୋଜନାରେ ଜୟପୁର ଏୟାରଷ୍ଟ୍ରିପ୍‌କୁ କେନ୍ଦ୍ର ସରକାର ସାମିଲ କରି ଏହାକୁ ନିୟମିତ ଏୟାରପୋର୍ଟରେ ରୂପାନ୍ତରିତ କରିଛନ୍ତି। ପ୍ରଥମେ ୯ ସିଟ୍‌ବିଶିଷ୍ଟ ଉଡ଼ାଜାହାଜର ଯାତ୍ରୀସେବା ଆରମ୍ଭ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଏଠାରୁ ୭୨ ସିଟ୍‌ବିଶିଷ୍ଟ ବିମାନସେବା ଆରମ୍ଭ କରାଯିବ।

# କୁଚିଣ୍ଡା, ବଲାଙ୍ଗୀରରେ ଖୋଲିବ ଆଇଟିଆଇ

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ସମ୍ବଲପୁରର କୁଚିଣ୍ଡା ଓ ବଲାଙ୍ଗୀରର ପାଟଣାଗଡ଼ଠାରେ ୨ଟି ନୂତନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଏହି ଜନଜାତି ବହୁଳ ଅଞ୍ଚଳର ଯୁବ ସମାଜ ବିଶେଷ ଉପକୃତ ହେବେ। କୁଚିଣ୍ଡାରେ ନୂଆ ସରକାରୀ ଆଇଟିଆଇ ପ୍ରତିଷ୍ଠା ଦ୍ୱାରା କୁଚିଣ୍ଡା ବାମରା ଓ ଜମନକିରା ବ୍ଲକର ଯୁବସମାଜ ଉପକୃତ ହେବେ। ନିଯୁକ୍ତି ତଥା ଆତ୍ମନିଯୁକ୍ତିର ସୁଯୋଗ ଥିବା ୪ ଟ୍ରେଡ୍‌ରେ ଏଠାରେ ୨୪୦ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ମିଳିବ। ସମ୍ବଲପୁର ଆଖପାଖରେ ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠୁଥିବାରୁ ଏହା ଛାତ୍ରୀଛାତ୍ରମାନଙ୍କ ପାଇଁ ବିପୁଳ ଓ ଆତ୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି ହେବ। ସେହିପରି ବଲାଙ୍ଗୀରର ପାଟଣାଗଡ଼ଠାରେ ପ୍ରତିଷ୍ଠିତ ଆଇଟିଆଇରେ ମଧ୍ୟ ୪ଟି ଟ୍ରେଡ୍‌ରେ ୨୪୦ ପିଲା ଶିଳ୍ପ ତାଲିମ ପାଇପାରିବେ। ବୃତ୍ତିଗତ ତାଲିମ ବ୍ୟବସ୍ଥା ଦ୍ୱାରା ବ୍ଲକ୍‌ର ଯୁବତୀଯୁବକମାନଙ୍କ ଦକ୍ଷତା ବୃଦ୍ଧି ହେବା ସହିତ ନିଯୁକ୍ତି/ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ୩୧୪ ବ୍ଲକ୍ ମଧ୍ୟରୁ ୨୫୧ଟିରେ ସରକାରୀ/ବେସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ରହିଛି। ସେହିପରି ୫୮ ସବ୍‌ଡିଭିଜନ ମଧ୍ୟରୁ ୪୮ରେ ଆଇଟିଆଇ ରହିଛି। ସ୍କିଲ୍‌ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ଯୁବତୀଯୁବକମାନେ ବିଭିନ୍ନ ସରକାରୀ ଶିଳ୍ପତାଲିମ ପ୍ରତିଷ୍ଠାନରେ ତାଲିମ ନେଇ ନିଜର ଦକ୍ଷତା ଦ୍ୱାରା ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି।



“ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ । -ଶ୍ରୀମା



# ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତି



କେଣ୍ଟ୍ ହାରିଙ୍ଗ୍‌ଟନ

ପ୍ରାଚୀନ ଖ୍ରୀଷ୍ଟିଆନ ବାଇବେଲ ସମୟରୁ ଲୋକେ ସ୍ୱଦେଶ ତ୍ୟାଗ କରି ଆସୁଛନ୍ତି । ବିଂଶ ଶତାବ୍ଦୀରେ ଜାତିଗତ ଗଣହତ୍ୟା, ବୋଲ୍‌ସେଭିକ ବିପ୍ଳବ ଏବଂ ହିଟଲରଙ୍କ ଯୋଗୁ ଇହୁଦୀମାନେ ଦେଶ ଛାଡି ପଳାୟନ କରିବା, ଦକ୍ଷିଣ ଆମେରିକାରେ ଜାତିଗତ ବାଛବିଚାର ଯୋଗୁ ଆଫ୍ରିକୀୟ-ଆମେରିକୀୟମାନେ ଦେଶ ଛାଡିବା ଏବଂ ଏକ ଯୁଦ୍ଧ ବିଧ୍ୱସ୍ତ ଦେଶରୁ ଭିଏଟ୍‌ନାମର ଲୋକମାନେ ପଳାୟନ କରିବା ଘଟଣାରେ ବିଶ୍ୱ ସାକ୍ଷୀ ହୋଇ ରହିଛି । କିନ୍ତୁ ଚଳିତ ଶତାବ୍ଦୀରେ ସିରିଆନ, ଇରାକୀ ଓ ଆଫ୍‌ଗାନଙ୍କ ସମେତ ଘାତକ ଜାତିଗତ ସଂଘର୍ଷ କାରଣରୁ ସାଲଭାଡୋରାନ୍, ଗୁଏଟମାଲାନ୍ ଏବଂ ଦାରିଦ୍ର୍ୟ ଓ ହିଂସା ଯୋଗୁ ହୋଣ୍ଡୁରାନ୍‌ମାନେ ଦେଶ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି । ଏବେ ୟୁରୋପ ଏବଂ ଅନ୍ୟ ଦେଶଗୁଡ଼ିକରେ ଅନେକ ଲକ୍ଷ ୟୁକ୍ରେନୀୟ ପହଞ୍ଚିଛନ୍ତି । ତେବେ ଦେଶ ଛାଡ଼ି ପଳାୟନ କରିବା କେତେକ ଦେଶ ପାଇଁ ନୂଆ ନୁହେଁ । ଗୋଟିଏ ଦେଶର ଶତାବ୍ଦୀର ତିନି ଚତୁର୍ଥାଂଶ ଅବଧିରେ ଷ୍ଟାଲିନଙ୍କ ଏନ୍‌କେଭିଡି ଏବଂ ତାଙ୍କ ପରେ ସୁରକ୍ଷା ଏଜେନ୍ସି କେଜିବି ଦେଶ ଛାଡିଥିବା ରୁଷୀୟମାନଙ୍କୁ ନିରୀକ୍ଷଣ କରିଥିଲେ । ସେମାନେ ସୃଷ୍ଟି କରୁଥିବା ସମ୍ଭାବ୍ୟ ବିପଦକୁ ନେଇ ଲଗାତର ଚିନ୍ତିତଥିଲେ । ବର୍ତ୍ତମାନ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସିକ୍ୟୁରିଟି ସର୍ଭିସ ଏଫ୍‌ଏସ୍‌ବି ସେହି ଧାରା ଜାରି ରଖିଛି । ଏଫ୍‌ଏସ୍‌ବିର ଏବକାର ଆକଳନରୁ ଜଣାପଡ଼ିଛି ଯେ,ପାଖାପାଖି ୪୦ ଲକ୍ଷ ରୁଷୀୟ ଚଳିତ ବର୍ଷର ପ୍ରଥମ ତିନି ମାସରେ ଦେଶ ଛାଡ଼ିଛନ୍ତି । ଚଳିତ ବର୍ଷ ଯେତେ ସଂଖ୍ୟାରେ ରୁଷୀୟ ଦେଶ ଛାଡିଛନ୍ତି ତାହା ଏକ ଦୃଷ୍ଟି ଆକର୍ଷଣକାରୀ ବିଷୟ । ୨୦୨୧ର ପ୍ରଥମ ତିନି ମାସ ତୁଳନାରେ ଜର୍ଜିଆ ଏବଂ ତାଜିକସ୍ତାନ ପହଞ୍ଚିଥିବା ରୁଷୀୟଙ୍କ ସଂଖ୍ୟା ପାଞ୍ଚଗୁଣ, ଏଷ୍ଟୋନିଆରେ ୪ ଗୁଣ, ଆର୍ମେନିଆ ଓ ଉଜବେକିସ୍ତାନରେ ୩ଗୁଣ ଏବଂ କାଜିକସ୍ତାନରେ ଦୁଇଗୁଣ ବୃଦ୍ଧି ପାଇଛି । ଲାଟେଭିଆ ଓ ଲିଥୁନିଆ ଏକାଠି ପାଖାପାଖି ୭୪,୦୦୦ ରୁଷୀୟଙ୍କୁ ଆଶ୍ରୟ ଦେଇଛନ୍ତି । ଇଜିପ୍ଟ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ତୁର୍କୀ ୧୦ ଲକ୍ଷରୁ ସାମାନ୍ୟ କମ୍ ରୁଷୀୟଙ୍କୁ ସ୍ଥାନ ଦେଇଛନ୍ତି । ପାଖାପାଖି ୭,୫୦,୦୦୦ ରୁଷୀୟ ପୁଟିନଙ୍କ କର୍ତ୍ତୃତ୍ୱ ଥିବା ଆବଖାଜିଆର ଜର୍ଜିଆନ ଅଞ୍ଚଳକୁ ଚାଲିଯାଇଛନ୍ତି ।

ଚଳିତ ବର୍ଷର ପ୍ରଥମ ତିନ ମାସରେ ଅଧିକ ସଂଖ୍ୟକ ଦେଶାନ୍ତର ହେବା ଏକ ଉଲ୍ଲେଖନୀୟ ଘଟଣା । ଏମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ପାଖାପାଖି ୨ ପ୍ରତିଶତ । କେତେ ରୁଷୀୟ ଏବେ ୟୁରୋପ କିମ୍ବା ଅନ୍ୟ ଦେଶକୁ ଯାଇଛନ୍ତି ତାହାର ଏଯାବତ ଠିକ୍ ଗଣନା ହୋଇନାହିଁ । ସମୟ ଅନୁସାରେ ଏଫ୍‌ଏସ୍‌ବି ଏହାକୁ ଠିକ୍ ଭାବେ ଟ୍ରାକ୍ କରୁନାହିଁ । ଅକ୍ଟୋବର ବିପ୍ଳବଠାରୁ ଆରମ୍ଭ କରି ସୋଭିଏଟ ସଂଘର ପତନ ଯାଏ ପ୍ରତିକୂଳ ସ୍ଥିତିରେ ବହୁ ରୁଷୀୟ ସ୍ୱଦେଶ ତ୍ୟାଗ କରିଥିଲେ । ୧୯୦୫ ବିପ୍ଳବର ବିଫଳତା ପରିପ୍ରେକ୍ଷୀରେ ରୁଷୀୟମାନଙ୍କ ପଳାୟନ ଆରମ୍ଭ ହୋଇଯାଇଥିଲା । କିନ୍ତୁ ୧୯୧୭ରେ ବୋଲସେଭିକମାନେ (ଲେଲିନଙ୍କ ନେତୃତ୍ୱରେ ସୋସିଆଲ ଡେମୋକ୍ରାଟିକ ୱାର୍କର୍ସ ପାର୍ଟି ) କ୍ଷମତାକୁ ଆସିବା ପରେ ଏହି ସଂଖ୍ୟା ବଢ଼ିଲା ଏବଂ ଏହାପର ଗୃହଯୁଦ୍ଧ ସମୟରେ ଏହି ଧାରା ଜାରି ରହିଲା । କମ୍ୟୁନିଷ୍ଟ ବା ଅତ୍ୟଧିକ ବାମପନ୍ଥୀ ଚିନ୍ତାଧାରା ସାରା ୟୁରୋପରେ ଅପ୍ରତ୍ୟାଶିତ ଭାବେ ପ୍ରକଟ ହେଲା । ୧୯୯୦ ଦଶକରେ ଏକ ଭିନ୍ନ ମୋଡରେ ଏହି ଇତିହାସର ପୁନରାବୃତ୍ତି ହେଲା । ଏଥିରେ ସୋଭିଏଟ ସଂଘର ପତନ ସହ ୩ କୋଟି ରୁଷୀୟ ଭାଷାଭାଷୀ ଲୋକ ଏହାର ସୀମା ବାହାରେ (ମୁଖ୍ୟତଃ ବାଲଟିକ୍ସ, କାଜାକସ୍ତାନ ଏବଂ ୟୁକ୍ରେନରେ) ରହିଗଲେ । ଏହାସହ ଅନେକ ଲକ୍ଷ ରୁଷୀୟ ୟୁରୋପ, ଏସିଆ, ଉତ୍ତର ଆମେରିକାକୁ ପଳାୟନ କରିଥିଲେ ଓ ୧୦୦ ବର୍ଷ ମଧ୍ୟରେ ଏହା ଥିଲା ଦ୍ୱିତୀୟ ବୃହତ୍ ଦେଶାନ୍ତର ।



ଗୋଟିଏ ବର୍ଗର ଲୋକ ଏତେ ଅଧିକ ସଂଖ୍ୟାରେ ଦେଶରୁ ପଳାୟନ କରିବା ଚିନ୍ତାର ବିଷୟ । ୧୯୨୦ ଦଶନ୍ଧିରେ ନିର୍ବାସିତ ରୁଷୀୟ ରାଜତନ୍ତ୍ରବାଦୀ, ବାମପନ୍ଥୀ ଏବଂ ବିଭିନ୍ନ ସାମରିକ ବିଶେଷଜ୍ଞ , ଗୃହଯୁଦ୍ଧରେ କ୍ଷତିଗ୍ରସ୍ତମାନେ ବୋଲ୍‌ସେଭିକ ଶାସନ ବିରୋଧରେ ଲଗାତର ଷଡଯନ୍ତ୍ର କଲେ । କିନ୍ତୁ ସେମାନେ ସବୁ ପ୍ରକାର ବିଭାଜନକୁ ସମାବିଷ୍ଟ କରିବାକୁ ଲାଗିଲେ ଯାହା ସେମାନଙ୍କ ପ୍ରାଥମିକ ପରାଜୟର ସ୍ଥିତି ଆଡକୁ ବାଟ କଢ଼ାଇ ନେଇଥିଲା । ସେହିଭଳି ୨୦୧୧ରେ ଜର୍ମାନୀ ଐତିହାସିକ କାର୍ଲ ସ୍କଲୋଜେଲ ଯୁକ୍ତି ଦର୍ଶାଇଥିଲେ ଯେ, ରୁଷୀୟମାନଙ୍କ ଏବକାର ଦେଶନ୍ତରଗୁଡ଼ିକୁ ବ୍ୟବସ୍ଥିତ କରିବାରେ ରଣନୈତିକ ବ୍ୟବସ୍ଥାର ଅଭାବ ରହିଛି । ଏଣୁ ନିଜ ଦେଶରେ ପ୍ରଭାବୀ ପରିବର୍ତ୍ତନ ଆଣିବାରେ ସେମାନଙ୍କ ପାଇଁ କମ୍ ସମ୍ଭାବନା ରହିଛି । ଏବେ ରୁଷିଆର ସବୁଠୁ ସକ୍ରିୟ ଓ ଶିଳ୍ପୋଦ୍ୟୋଗୀମାନେ ଦେଶ ଛାଡୁଛନ୍ତି । ବିଜ୍‌ନେସ ମ୍ୟାନେଜରଠାରୁ ଆରମ୍ଭ କରି ସୂଚନା ପ୍ରଯୁକ୍ତି ବିଶେଷଜ୍ଞ ଓ କଳାକାରମାନେ ମଧ୍ୟ ଏଥିରେ ସାମିଲ । ସେମାନେ ଏକ ପ୍ରମୁଖ ବ୍ରେନ୍ ଡ୍ରେନ୍ ଭାବେ ଉଭା ହୋଇଛନ୍ତି । ପୁଟିନ୍‌ଙ୍କ ଡେପୁଟି ଇଣ୍ଟିରିୟର ମନ୍ତ୍ରୀ ଇଗୋର ଜୁବୋଭ ଅଧିକ ବିଦେଶୀ ଆଇଟି କର୍ମଚାରୀଙ୍କୁ ଦେଶରେ ପ୍ରବେଶ କରିବା ଲାଗି ଅନୁମତି ଦେବାକୁ ଜୁନରେ ରୁଷିଆର ପାର୍ଲାମେଣ୍ଟକୁ ଅନୁରୋଧ କରିଥିଲେ ଓ ଏହି ସମସ୍ୟା ସମ୍ପର୍କରେ ସତର୍କ କରିଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ, ରୁଷିଆରେ ୧,୭୦,୦୦୦ ଆଇଟି କର୍ମଚାରୀଙ୍କ ଅଭାବ ରହିଛି । କିନ୍ତୁ ଯେଉଁ ଆଇଟି କର୍ମଚାରୀମାନେ ଦେଶ ଛାଡ଼ି ଚାଲିଯାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫେରିଆସିଥିବା ସରକାର ଦାବି କରନ୍ତି , ଯାହା ଜୁବୋଭଙ୍କ ତଥ୍ୟକୁ ଖଣ୍ଡନ କରୁଛି । ରୁଷିଆନ ଆସୋସିଏଶନ ଫର୍ ଇଲେକ୍ଟ୍ରୋନିକ କମ୍ୟୁନିକେଶନ ମଧ୍ୟ ସମାନ କଥା ସମ୍ପୂର୍ଣ୍ଣ ଭାବେ ଦର୍ଶାଇଛି । ଶିଳ୍ପ ସହ ଜଡ଼ିତ ବ୍ୟକ୍ତିମାନେ ଆକଳନ କରିଛନ୍ତି ଯେ, ୧୦ ପ୍ରତିଶତ ରୁଷୀୟ ଆଇଟି କର୍ମଚାରୀ ୨୦୨୨ରେ ଦେଶ ଛାଡିବାର ଆଶଙ୍କା ରହିଛି ।

କେବଳ ପ୍ରଯୁକ୍ତି ବିଶେଷଜ୍ଞମାନେ ନୁହନ୍ତି, ୧୯୨୦ ଦଶନ୍ଧିରେ ରୁଷିଆର ବହୁ ସାମ୍ବାଦିକ, ଲେଖକ, ଅଭିନେତା, ଫିଲ୍ମ ନିର୍ମାତା ଏବଂ ଚିତ୍ରଶିଳ୍ପୀ ବିଭିନ୍ନ ଦେଶକୁ ଚାଲିଯାଇଛନ୍ତି । ସେମାନେ ଶରଣ ନେଇଥିବା ଦେଶରେ ସମାନ କାର୍ଯ୍ୟ କରୁଛନ୍ତି । ନିବେଶକ ଏବଂ ଏଣ୍ଟରପ୍ରିନ୍ୟୁରମାନେ ଏବେ ଦେଶ ଛାଡୁଛନ୍ତି । ଇଂଲଣ୍ଡର ଏକ ଫାର୍ମ ହିନଲେ ଆଣ୍ଡ୍ ପାର୍ଟନେର ଦର୍ଶାଇଛି ଯେ ୧୫,୦୦୦ ଅତି ଧନୀ ବ୍ୟକ୍ତି ବିଶେଷ ୨୦୨୨ରେ ରୁଷିଆ ଛାଡ଼ିବାର ସମ୍ଭାବନା ରହିଛି । କୁଶଳୀ ବୃତ୍ତିଧାରୀମାନେ ବି ରୁଷିଆ ଛାଡୁଛନ୍ତି । ସମସ୍ୟା ହେଉଛି ସେମାନେ ରୁଷିଆକୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଭା ଓ ପୁଞ୍ଜିରୁ ବଞ୍ଚିତ କରୁଛନ୍ତି । ଏସବୁକୁ ଲକ୍ଷ୍ୟକରି ବାଇଡେନ୍ ପ୍ରଶାସନ ରୁଷୀୟ ଆଇଟି କର୍ମଚାରୀ ଓ ବୈଜ୍ଞାନିକଙ୍କ ସହ ଉଚ୍ଚ ଡିଗ୍ରୀଧାରୀଙ୍କ ପାଇଁ ଭିଜା ଆବଶ୍ୟକତାକୁ କୋହଳ କରିବା ଲାଗି ପାର୍ଲାମେଣ୍ଟକୁ ସୁପାରିସ କରିଛି । ସାମ୍ପ୍ରତିକ ସମୟରେ ନୂଆ ପ୍ରବାସୀ ରୁଷୀୟମାନଙ୍କୁ ନେଇ ଲାଭ ଉଠାଇବା ଲାଗି ଅନ୍ୟ ଦେଶ ଓ କମ୍ପାନୀଗୁଡ଼ିକ ମଧ୍ୟ ସମାନ ପ୍ରକାର ପଦକ୍ଷେପ ନେଉଛନ୍ତି । କିନ୍ତୁ ଏହି ସବୁ ପଦକ୍ଷେପଗୁଡ଼ିକରୁ ପ୍ରାୟତଃ ଘରୋଇ ଆର୍ଥିକ ଏବଂ ବିତ୍ତୀୟ ଲାଭ ମିଳିବ । ଯଦି ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସମର୍ଥନ ଓ ରୁଷିଆର କ୍ରୋଧକୁ ପ୍ରତିହତ କରିବାକୁ ଚାହୁଁଛନ୍ତି ତେବେ ରୁଷିଆର ଦେଶାନ୍ତରିତ ପ୍ରତିଭା ବା ମେଧା ଏବଂ ବିତ୍ତୀୟ ପୁଞ୍ଜିକୁ ଏକାଠି କରିବାକୁ ସେମାନଙ୍କୁ ବହୁତ କିଛି କରିବାକୁ ପଡ଼ିବ ।

ଏବେକାର ସଂଯୋଜିତ ବିଶ୍ୱର ଇତିହାସରେ ଲିପିବଦ୍ଧ ଏହି ଅଧ୍ୟାୟ ଆମକୁ ବିଚିତ୍ର ଲାଗିପାରେ । ହେଲେ ରୁଷୀୟମାନେ ହିଁ କେବଳ ସେମାନଙ୍କ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିପାରିବେ । ସ୍ୱଦେଶ ତ୍ୟାଗର ଭୟଙ୍କର ସ୍ଥିତିକୁ ସୁଧାରିପାରିବେ । ତେବେ ଅନ୍ୟତ୍ର ଚାଲଯାଇଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ସେମାନଙ୍କ ମାତୃଭୂମିରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଲାଗି ପାଶ୍ଚାତ୍ୟ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ମାଧ୍ୟମ ରହିଛି ।

**ପୂର୍ବତନ ବରିଷ୍ଠ ସିଆଇଏ ଆନାଲିଷ୍ଟ୍**

## ଏଇ ଭାରତରେ

ଜଣେ ବ୍ୟକ୍ତି ଜୀବିତ ଥାଇ ମଧ୍ୟ ସରକାରୀ କାଗଜପତ୍ରରେ ମୃତ ଘୋଷିତ ହେବା ଜାଣି ଆଶ୍ଚର୍ଯ୍ୟ ହେଉଥିବେ । ହେଲେ ଏହା ସତ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ । ମୈନପୁରୀର ଜାଫରପୁର ଗାଁର ଉକ୍ତ ବ୍ୟକ୍ତିଙ୍କ ନାମ ଗଙ୍ଗା ସିଂ । ୮୦ ବର୍ଷୀୟ ଗଙ୍ଗାଙ୍କ ସଂସାର କହିଲେ ସ୍ତ୍ରୀ ହୋମଶ୍ରୀ ଏବଂ ଦୁଇ ପୁଅ । ସେ ଚାଷରୁ ଆୟ କରିବା ସହ ବୃଦ୍ଧାବୃଦ୍ଧ ପେନ୍‌ସନ ଏବଂ କିଷାନ ସମ୍ମାନ ନିଧି ଟଙ୍କାରେ ଚଳନ୍ତି । କିନ୍ତୁ ଜୁଲାଇ ୩ରେ ଯେତେବେଳେ ସେ ପେନ୍‌ସନ ଆଣିବା ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ, ସେତେବେଳେ ବ୍ୟାଙ୍କ କର୍ମଚାରୀ ଟଙ୍କା ଆସିବା ବନ୍ଦ ହୋଇଥିବା ସମ୍ପର୍କରେ ତାଙ୍କୁ କହିଥିଲେ । ଏହାର ସତ୍ୟାସତ୍ୟ ଜାଣିବା ଲାଗି ଗଙ୍ଗା ସାମାଜିକ କଲ୍ୟାଣ କାର୍ଯ୍ୟାଳୟକୁ ଗଲେ । ସେଠାକାର କର୍ମଚାରୀ କମ୍ପ୍ୟୁଟରରେ ଗଙ୍ଗାଙ୍କ ପାସ୍‌ବୁକ୍ ଏବଂ ଆଧାରକାର୍ଡ ନମ୍ବର ପ୍ରବେଶ କରାଇଥିଲେ ଓ ରେକର୍ଡରେ ସେ ମୃତ ବୋଲି ଜଣାପଡ଼ିଲା । ସାମାଜିକ କଲ୍ୟାଣ ବିଭାଗ କର୍ମଚାରୀ ଏହି କାର୍ଯ୍ୟ ନଗର ପଞ୍ଚାୟତର ବୋଲି କହିଥିଲେ । ପରେ ଗଙ୍ଗା ନଗର ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ସେଠା କର୍ମଚାରୀ କହିଥିଲେ ଯେ, ଭୁଲ୍‌ରେ ମୃତକଙ୍କ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି । ଏହାର ଏକ ମାସ ପରେ ମଧ୍ୟ ଗଙ୍ଗା ସିଂ ସରକାରୀ କାଗଜପତ୍ରରେ ମୃତ ହୋଇ ରହିଛନ୍ତି । ଗଙ୍ଗା ସବୁଠି ବିଫଳ ହେବା ପରେ ଏବେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନିବେଦନ କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୪ ଅଗଷ୍ଟ ୧୯୯୭**

- ଦକ୍ଷିଣ ତୁର୍କୀର ଅଜନା ଅଞ୍ଚଳସ୍ଥିତ ତରସସ୍ ପୋକାନ୍ତି ରାସ୍ତା ମଧ୍ୟରେ ସଡ଼କ ଦୁର୍ଘଟଣା ଘଟି ୧୮ ନିହତ ।
- ଇରାନର ରାଷ୍ଟ୍ରପତି ଭାବେ ଉଦାରବାଦୀ ନେତା ମହମଦ୍ ଖତାମୀଙ୍କ ଦାୟିତ୍ୱ ଗ୍ରହଣ ।
| 2137 | ବାଲିପଟା | 596/ 38 | 4731 | 0.0160 | 0.0160 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2138 | ବାଲିପଟା | 596/ 125 | 4731/ 5064 | 0.0165 | 0.0165 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2139 | ବାଲିପଟା | 403 | 4732 | 0.0465 | 0.0465 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2140 | ବାଲିପଟା | 559 | 4733 | 0.0160 | 0.0160 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2141 | ବାଲିପଟା | 55 | 4734 | 0.0445 | 0.0445 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2142 | ବାଲିପଟା | 146 | 4735P | 0.0365 | 0.0100 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2143 | ବାଲିପଟା | 596/ 83 | 4736/ 5128P | 0.0320 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2144 | ବାଲିପଟା | 306 | 4737P | 0.1450 | 0.0080 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2145 | ବାଲିପଟା | 55 | 4738P | 0.0200 | 0.0080 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2146 | ବାଲିପଟା | 306 | 4739P | 0.0345 | 0.0060 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2147 | ବାଲିପଟା | 239 | 4775P | 0.1215 | 0.0060 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2148 | ବାଲିପଟା | 239 | 4776P | 0.1215 | 0.0440 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2149 | ବାଲିପଟା | 239 | 4777 | 0.0890 | 0.0890 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2150 | ବାଲିପଟା | 239 | 4778 | 0.0920 | 0.0920 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2151 | ବାଲିପଟା | 239 | 4779 | 0.0100 | 0.0100 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2152 | ବାଲିପଟା | 239 | 4780 | 0.0140 | 0.0140 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2153 | ବାଲିପଟା | 239 | 4781P | 0.0650 | 0.0120 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2154 | ବାଲିପଟା | 239 | 4783 | 0.0440 | 0.0440 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2155 | ବାଲିପଟା | 239 | 4784P | 0.0565 | 0.0280 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2156 | ବାଲିପଟା | 239 | 4785 | 0.1135 | 0.1135 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2157 | ବାଲିପଟା | 239 | 4786 | 0.0565 | 0.0565 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2158 | ବାଲିପଟା | 239 | 4787P | 0.0565 | 0.0470 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2159 | ବାଲିପଟା | 127 | 4788P | 0.0730 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2160 | ବାଲିପଟା | 64 | 4789 | 0.0440 | 0.0440 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2161 | ବାଲିପଟା | 8 | 4790P | 0.0700 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2162 | ବାଲିପଟା | 8 | 4791P | 0.0730 | 0.0400 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2163 | ବାଲିପଟା | 8 | 4792 | 0.0690 | 0.0690 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2164 | ବାଲିପଟା | 412 | 4793 | 0.0585 | 0.0585 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2165 | ବାଲିପଟା | 412 | 4794 | 0.0585 | 0.0585 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2166 | ବାଲିପଟା | 294 | 4795P | 0.0405 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2167 | ବାଲିପଟା | 294 | 4796 | 0.0325 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2168 | ବାଲିପଟା | 294 | 4797P | 0.0285 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2169 | ବାଲିପଟା | 161 | 4798P | 0.0570 | 0.0160 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2170 | ବାଲିପଟା | 161 | 4799 | 0.0970 | 0.0970 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2171 | ବାଲିପଟା | 161 | 4800 | 0.0445 | 0.0445 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2172 | ବାଲିପଟା | 8 | 4801 | 0.0465 | 0.0465 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2173 | ବାଲିପଟା | 8 | 4802 | 0.0465 | 0.0465 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2174 | ବାଲିପଟା | 161 | 4803P | 0.0610 | 0.0450 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2175 | ବାଲିପଟା | 597 | 4806P | 0.5800 | 0.2630 | ଜଳାଶୟ | ସରକାରୀ |
| 2176 | ବାଲିପଟା | 597 | 4807P | 0.0970 | 0.0085 | ଆଡି | ସରକାରୀ |
| 2177 | ବାଲିପଟା | 152 | 4808 | 0.0360 | 0.0360 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2178 | ବାଲିପଟା | 381 | 4809P | 0.0810 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2179 | ବାଲିପଟା | 235 | 4810 | 0.1140 | 0.1140 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2180 | ବାଲିପଟା | 235 | 4811 | 0.1090 | 0.1090 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2181 | ବାଲିପଟା | 391 | 4812P | 0.0485 | 0.0240 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2182 | ବାଲିପଟା | 302 | 4813 | 0.0325 | 0.0325 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2183 | ବାଲିପଟା | 235 | 4814 | 0.0565 | 0.0565 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2184 | ବାଲିପଟା | 381 | 4815P | 0.1295 | 0.0080 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2185 | ବାଲିପଟା | 430 | 4833 | 0.0400 | 0.0400 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2186 | ବାଲିପଟା | 15 | 4834P | 0.0200 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2187 | ବାଲିପଟା | 96 | 4863P | 0.0700 | 0.0030 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2188 | ବାଲିପଟା | 152 | 4831P | 0.0565 | 0.0285 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2189 | ବାଲିପଟା | 587 | 4832 | 0.0825 | 0.0825 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2190 | ବାଲିପଟା | 587 | 4835P | 0.0320 | 0.0040 | ଶାରଦ ଜଳସେଚିତ ଏକଫସଲି | ବ୍ୟକ୍ତିଗତ |
| 2191 | ବାଲିପଟା | 596/ 389 | 1616P | 0.0200 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2192 | ବାଲିପଟା | 596/ 221 | 1616/ 5222P | 0.0770 | 0.0170 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2193 | ବାଲିପଟା | 596/ 221 | 1632/ 5223 | 0.0080 | 0.0080 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2194 | ବାଲିପଟା | 596/ 221 | 1633/ 5224P | 0.0120 | 0.0045 | ଶାରଦ ଅଣଜଳସେଚିତ ଦୁଇ | ବ୍ୟକ୍ତିଗତ |
| 2195 | ବାଲିପଟା | 596/ 382 | 4716/ 5366P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |
| 2196 | ବାଲିପଟା | 596/ 382 | 4716/ 5367P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |

| କ୍ରମିକ ସଂଖ୍ୟା | ଗ୍ରାମ ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ କ୍ଷେତ୍ର (ହେକ୍ଟର) | ଆବଶ୍ୟକ କ୍ଷେତ୍ର (ହେକ୍ଟର) | କିସମ | ଜମିର ପ୍ରକାର/ ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| 2197 | ବାଲିପଟା | 596/ 378 | 4716/ 5368P | 0.0325 | 0.0100 | ତଇଳା | ବ୍ୟକ୍ତିଗତ |
| 2198 | ବାଲିପଟା | 596/ 379 | 4716/ 5369P | 0.0150 | 0.0050 | ଘରବାରି | ବ୍ୟକ୍ତିଗତ |
| 2199 | ବାଲିପଟା | 596/ 379 | 4716/ 5297P | 0.0170 | 0.0055 | ଘରବାରି | ବ୍ୟକ୍ତିଗତ |
| | ଉପ ସମୁଦାୟ | | | 30.779 | 18.940 | | |
| 2200 | କଙ୍କରେଇ | 1 | 1930 | 13.391 | 0.486 | ଛୋଟ ଜଙ୍ଗଲ | ସରକାରୀ |
| 2201 | କଙ୍କରେଇ | 2 | 1937 | 0.963 | 0.057 | ରାସ୍ତା | ସରକାରୀ |
| 2202 | କଙ୍କରେଇ | 2/ 2 | 1870 | 30.542 | 0.283 | ପୁରାତନ ପତିତ | ସରକାରୀ |
| 2203 | କଙ୍କରେଇ | 223/ 171 | 1870/ 2083 | 0.777 | 0.081 | ତଇଳା ଏକ | ବ୍ୟକ୍ତିଗତ |
| 2204 | କଙ୍କରେଇ | 223/ 171 | 1870/ 2634 | 0.032 | 0.024 | ଘରବାରି | ବ୍ୟକ୍ତିଗତ |
| 2205 | କଙ୍କରେଇ | 223/ 47 | 1870/ 2079 | 0.773 | 0.202 | ତଇଳା ଏକ | ବ୍ୟକ୍ତିଗତ |
| 2206 | କଙ୍କରେଇ | 223/ 666 | 1870/ 2722 | 0.482 | 0.198 | ତଇଳା ଏକ | ବ୍ୟକ୍ତିଗତ |
| 2207 | କଙ୍କରେଇ | 223/ 48 | 1870/ 2080 | 1.267 | 0.445 | ତଇଳା ଏକ | ବ୍ୟକ୍ତିଗତ |
| 2208 | କଙ୍କରେଇ | 223/ 14 | 1870/ 2081 | 1.068 | 0.372 | ତଇଳା ଏକ | ବ୍ୟକ୍ତିଗତ |
| 2209 | କଙ୍କରେଇ | 223/ 664 | 1870/ 2721 | 0.024 | 0.012 | ତଇଳା ଏକ | ବ୍ୟକ୍ତିଗତ |
| 2210 | କଙ୍କରେଇ | 223/ 385 | 1870/ 2436 | 0.129 | 0.049 | ତଇଳା ଏକ | ବ୍ୟକ୍ତିଗତ |
| 2211 | କଙ୍କରେଇ | 223/ 627 | 1870/ 2686 | 0.032 | 0.032 | ତଇଳା ଏକ | ବ୍ୟକ୍ତିଗତ |
| 2212 | କଙ୍କରେଇ | 223/ 628 | 1870/ 2707 | 0.049 | 0.049 | ଘରବାରି | ବ୍ୟକ୍ତିଗତ |
| 2213 | କଙ୍କରେଇ | 223/ 627 | 1870/ 2706 | 0.049 | 0.016 | ଘରବାରି | ବ୍ୟକ୍ତିଗତ |
| 2214 | କଙ୍କରେଇ | 223/ 551 | 1870/ 2616 | 0.065 | 0.065 | ତଇଳା ଏକ | ବ୍ୟକ୍ତିଗତ |
| 2215 | କଙ୍କରେଇ | 223/ 553 | 1870/ 2618 | 0.032 | 0.020 | ତଇଳା ଏକ | ବ୍ୟକ୍ତିଗତ |
| | ଉପ ସମୁଦାୟ | | | 49.675 | 2.391 | | ବ୍ୟକ୍ତିଗତ |
| 2216 | ବାଲିଚନ୍ଦ୍ରପୁର | 10 | 365 | 0.8050 | 0.1133 | ପତିତ | ବ୍ୟକ୍ତିଗତ |
| 2217 | ବାଲିଚନ୍ଦ୍ରପୁର | 12 | 430 | 0.0116 | 0.0081 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2218 | ବାଲିଚନ୍ଦ୍ରପୁର | 12 | 431 | 0.0160 | 0.0040 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2219 | ବାଲିଚନ୍ଦ୍ରପୁର | 13 | 476 | 0.0405 | 0.0405 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2220 | ବାଲିଚନ୍ଦ୍ରପୁର | 13 | 477 | 0.1050 | 0.0799 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2221 | ବାଲିଚନ୍ଦ୍ରପୁର | 13 | 528 | 0.0380 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2222 | ବାଲିଚନ୍ଦ୍ରପୁର | 16 | 510 | 0.0565 | 0.0405 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2223 | ବାଲିଚନ୍ଦ୍ରପୁର | 26 | 474 | 0.0285 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2224 | ବାଲିଚନ୍ଦ୍ରପୁର | 26 | 475 | 0.0320 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2225 | ବାଲିଚନ୍ଦ୍ରପୁର | 32 | 478 | 0.1880 | 0.0728 | ପତିତ | ବ୍ୟକ୍ତିଗତ |
| 2226 | ବାଲିଚନ୍ଦ୍ରପୁର | 32 | 483 | 0.0279 | 0.0279 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2227 | ବାଲିଚନ୍ଦ୍ରପୁର | 39 | 557 | 0.0485 | 0.0486 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2228 | ବାଲିଚନ୍ଦ୍ରପୁର | 39 | 577 | 0.0285 | 0.0101 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2229 | ବାଲିଚନ୍ଦ୍ରପୁର | 39 | 578 | 0.3250 | 0.3250 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2230 | ବାଲିଚନ୍ଦ୍ରପୁର | 54 | 214 | 0.4008 | 0.0040 | ତଇଳା | ବ୍ୟକ୍ତିଗତ |
| 2231 | ବାଲିଚନ୍ଦ୍ରପୁର | 56 | 549 | 0.0325 | 0.0324 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2232 | ବାଲିଚନ୍ଦ୍ରପୁର | 56 | 550 | 0.0325 | 0.0202 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2233 | ବାଲିଚନ୍ଦ୍ରପୁର | 56 | 555 | 0.0300 | 0.0162 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2234 | ବାଲିଚନ୍ଦ୍ରପୁର | 56 | 556 | 0.0280 | 0.0279 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2235 | ବାଲିଚନ୍ଦ୍ରପୁର | 56 | 558 | 0.0160 | 0.0162 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2236 | ବାଲିଚନ୍ଦ୍ରପୁର | 56 | 562 | 0.0325 | 0.0202 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2237 | ବାଲିଚନ୍ଦ୍ରପୁର | 56 | 569 | 0.0485 | 0.0486 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2238 | ବାଲିଚନ୍ଦ୍ରପୁର | 56 | 570 | 0.0060 | 0.0061 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2239 | ବାଲିଚନ୍ଦ୍ରପୁର | 56 | 571 | 0.0720 | 0.0720 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2240 | ବାଲିଚନ୍ଦ୍ରପୁର | 56 | 579 | 0.0325 | 0.0324 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2241 | ବାଲିଚନ୍ଦ୍ରପୁର | 56 | 580 | 0.0325 | 0.0040 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2242 | ବାଲିଚନ୍ଦ୍ରପୁର | 56 | 586 | 0.0430 | 0.0111 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2243 | ବାଲିଚନ୍ଦ୍ରପୁର | 59 | 467 | 0.0750 | 0.0425 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2244 | ବାଲିଚନ୍ଦ୍ରପୁର | 59 | 468 | 0.1600 | 0.0020 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2245 | ବାଲିଚନ୍ଦ୍ରପୁର | 59 | 469 | 0.0530 | 0.0364 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2246 | ବାଲିଚନ୍ଦ୍ରପୁର | 59 | 470 | 0.1135 | 0.0364 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2247 | ବାଲିଚନ୍ଦ୍ରପୁର | 59 | 501 | 0.2710 | 0.0951 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2248 | ବାଲିଚନ୍ଦ୍ରପୁର | 61 | 479 | 0.0780 | 0.0061 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2249 | ବାଲିଚନ୍ଦ୍ରପୁର | 61 | 480 | 0.0470 | 0.0071 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2250 | ବାଲିଚନ୍ଦ୍ରପୁର | 61 | 481 | 0.0545 | 0.0142 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2251 | ବାଲିଚନ୍ଦ୍ରପୁର | 61 | 482 | 0.0890 | 0.0607 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2252 | ବାଲିଚନ୍ଦ୍ରପୁର | 61 | 485 | 0.0810 | 0.0152 | ଶାରଦ ଅଣଜଳସେଚିତ | ବ୍ୟକ୍ତିଗତ |
| 2253 | ବାଲିଚନ୍ଦ୍ରପୁର | 61 | 502 | 1.0870 | 0.6880 | ପତିତ | ବ୍ୟକ୍ତିଗତ |
| 2254 | ବାଲିଚନ୍ଦ୍ରପୁର | 62 | 459 | 0.0485 | 0.0162 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2255 | ବାଲିଚନ୍ଦ୍ରପୁର | 67 | 588 | 0.0285 | 0.0061 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2256 | ବାଲିଚନ୍ଦ୍ରପୁର | 67 | 589 | 0.0325 | 0.0061 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2257 | ବାଲିଚନ୍ଦ୍ରପୁର | 67 | 601 | 0.4580 | 0.1720 | ତଇଳା | ବ୍ୟକ୍ତିଗତ |
| 2258 | ବାଲିଚନ୍ଦ୍ରପୁର | 70 | 394 | 0.0245 | 0.0081 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2259 | ବାଲିଚନ୍ଦ୍ରପୁର | 70 | 395 | 0.0285 | 0.0285 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2260 | ବାଲିଚନ୍ଦ୍ରପୁର | 70 | 398 | 0.0200 | 0.0200 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2261 | ବାଲିଚନ୍ଦ୍ରପୁର | 70 | 399 | 0.0690 | 0.0690 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2262 | ବାଲିଚନ୍ଦ୍ରପୁର | 70 | 400 | 0.0565 | 0.0152 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2263 | ବାଲିଚନ୍ଦ୍ରପୁର | 61 | 484 | 0.1480 | 0.0911 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2264 | ବାଲିଚନ୍ଦ୍ରପୁର | 83 | 472 | 0.1480 | 0.0911 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2265 | ବାଲିଚନ୍ଦ୍ରପୁର | 83 | 472 | 0.3640 | 0.0567 | ତଇଳା | ବ୍ୟକ୍ତିଗତ |
| 2266 | ବାଲିଚନ୍ଦ୍ରପୁର | 85 | 529 | 0.0800 | 0.0801 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2267 | ବାଲିଚନ୍ଦ୍ରପୁର | 85 | 537 | 0.0325 | 0.0325 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2268 | ବାଲିଚନ୍ଦ୍ରପୁର | 85 | 538 | 0.0445 | 0.0445 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2269 | ବାଲିଚନ୍ଦ୍ରପୁର | 85 | 539 | 0.0245 | 0.0247 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2270 | ବାଲିଚନ୍ଦ୍ରପୁର | 85 | 540 | 0.0580 | 0.0579 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2271 | ବାଲିଚନ୍ଦ୍ରପୁର | 85 | 547 | 0.0580 | 0.0579 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2272 | ବାଲିଚନ୍ଦ୍ରପୁର | 85 | 548 | 0.0780 | 0.0781 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2273 | ବାଲିଚନ୍ଦ୍ରପୁର | 104 | 595 | 0.0081 | 0.0040 | ମାହାର | ସରକାରୀ |
| 2274 | ବାଲିଚନ୍ଦ୍ରପୁର | 96 | 402 | 0.0245 | 0.0152 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2275 | ବାଲିଚନ୍ଦ୍ରପୁର | 96 | 403 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2276 | ବାଲିଚନ୍ଦ୍ରପୁର | 96 | 405 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2277 | ବାଲିଚନ୍ଦ୍ରପୁର | 96 | 406 | 0.0120 | 0.0091 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2278 | ବାଲିଚନ୍ଦ୍ରପୁର | 96 | 407 | 0.0680 | 0.0556 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2279 | ବାଲିଚନ୍ଦ୍ରପୁର | 96 | 411 | 0.0730 | 0.0506 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2280 | ବାଲିଚନ୍ଦ୍ରପୁର | 96 | 412 | 0.0690 | 0.0445 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2281 | ବାଲିଚନ୍ଦ୍ରପୁର | 96 | 432 | 0.0160 | 0.0160 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2282 | ବାଲିଚନ୍ଦ୍ରପୁର | 96 | 404 | 0.0060 | 0.0060 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| 2283 | ବାଲିଚନ୍ଦ୍ରପୁର | 104 | 393 | 0.0380 | 0.0081 | ମାହାର | ସରକାରୀ |
| 2284 | ବାଲିଚନ୍ଦ୍ରପୁର | 104 | 396 | 0.0200 | 0.0200 | ମାହାର | ସରକାରୀ |
| 2285 | ବାଲିଚନ୍ଦ୍ରପୁର | 104 | 397 | 0.0140 | 0.0140 | ମାହାର | ସରକାରୀ |
| 2286 | ବାଲିଚନ୍ଦ୍ରପୁର | 106 | 500 | 0.0400 | 0.0405 | ନାଳ | ସରକାରୀ |
| 2287 | ବାଲିଚନ୍ଦ୍ରପୁର | 107 | 602 | 0.2790 | 0.0991 | ପୁରାତନ ପତିତ | ସରକାରୀ |
| 2288 | ବାଲିଚନ୍ଦ୍ରପୁର | 104 | 596 | 0.0245 | 0.0040 | ମାହାର | ସରକାରୀ |
| 2289 | ବାଲିଚନ୍ଦ୍ରପୁର | 7 | 564 | 0.0365 | 0.0364 | ଶାରଦ ଅଣଜଳସେଚିତ ତିନି | ବ୍ୟକ୍ତିଗତ |
| | ଉପ ସମୁଦାୟ | | | **7.21** | **3.52** | | |
| | ମୋଟ ସମୁଦାୟ | | | **836.167** | **265.495** | | |

OIPR-24015/14/0006/2223

ତହସିଲଦାର, ଛେଣ୍ଡିପଦା

**ମାଛଧରା ବନ୍ଦର ପୋତାଶ୍ରୟରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ**

ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରୁ ବୁଧବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହକୁ ସ୍ଥାନୀୟ ମେରାଇନ୍ ପୋଲିସ ଜବତ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୫/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ହେଲେ ମହେଶ୍ୱର ମାଝି(୪୫)। ତାଙ୍କ ଘର ଭଦ୍ରକ ଜିଲାର ବାଂଶଡା ଅଞ୍ଚଳରେ। ସେ ଲୋକନାଥ ନାମକ ବୋଟରେ ଥିଲେ। ଖରାବେଳେ ନିଦରୁ ଉଠି ଶୌଚ ପାଇଁ ଯିବା ବେଳେ ଅସାବଧାନତା ବଶତଃ ପାଣିକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଡେରାବିଶ,୩।୮(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଗ୍ରାମର ଜଣେ ଯୁବକଙ୍କ ସର୍ପାଘାତରେ ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଆଶିଷ କୁମାର ସାହୁ (୩୧)। ଗତ ଶୁକ୍ରବାର ରାତିରେ ସେ ଶୋଇବାକୁ ଯାଉଥିବା ସମୟରେ ଖଟତଳେ ଥିବା ଏକ ବିଷଧର ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଆଶିଷକୁ ପ୍ରଥମେ କେନ୍ଦ୍ରାପଡ଼ା ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଶିଷଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ନୂଆହାଟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### କୃଷି ସମବାୟ ସମିତିର ପ୍ରଥମ ବୈଠକ

**ମହାକାଳପଡ଼ା,୩।୮(ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ କୋଟିଲା ପ୍ରାଥମିକ କୃଷି ସେବା ସମବାୟ ସମିତିର ପ୍ରଥମ ବୈଠକ ମା'ରାମଚଣ୍ଡୀ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପରିଚାଳନା ପରିଷଦର ନବ ନିର୍ବାଚିତ ସଭାପତି ବିଜୟ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ଗ୍ରାମାଞ୍ଚଳରେ କୃଷି ଓ କୃଷକର ଉନ୍ନତି ପାଇଁ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ କୃଷକଙ୍କ ନାମ ପଞ୍ଜୀକରଣ, ରିହାତି ଦରରେ ବିହନ, ସାର ,ଔଷଧ ଓ କୃଷି ଋଣ ସରକାର ଯୋଗାଇ ଦେଉଛନ୍ତି। ଏହାକୁ ତୃଣମୂଳସ୍ତରରେ ଚାଷୀମାନଙ୍କ ପାଖରେ କିଭଳି ପହଞ୍ଚି ପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଆମ ସମବାୟ ସମିତି କିପରି ଜିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ସେଥିପାଇଁ ସମିତିର ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ାଯାଇଥିଲା । ସମବାୟ ସମିତିର ସମ୍ପାଦକ ମନୋରଞ୍ଜନ ସ୍ୱାଇଁ ବିବରଣୀ ପାଠ କରିବା ସହ ଆୟବ୍ୟୟ ଅଟକଳ କରିଥିଲେ। ଉକ୍ତ ବୈଠକରେ ନାଥ କୁମାର ଭୋଳ, ଉପେନ୍ଦ୍ର ଜେନା, ଅଲେଖି ଜେନା , ଅଭୟ ନାୟକ, ଆକୁଳି ସ୍ୱାଇଁ, ମେଘନାଦ ପାଲଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଆଳି,୩।୮(ଡି.ଏନ୍.ଏ.):** ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ତରିପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୀର କିଶୋର ମହାନ୍ତିଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ



୭୮ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମହାନ୍ତି ପତ୍ରପୁରଠାରେ ଥିବା ଏସ୍‌କେସି ହାଇସ୍କୁଲର ଇଂଲିଶ ଶିକ୍ଷକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ଏହି ଖବର ଜଣାପଡିବା ପରେ ଅରୁଣ ରାଉତ, ସରପଞ୍ଚଙ୍କ ପ୍ରତିନିଧି ବଂଶୀଧର ସ୍ୱାଇଁ, ରଞ୍ଜନ ଭୂୟାଁ,ସମିତି ସଭ୍ୟା ମୀରାରାଣୀ ରାଉତ, ନାରାୟଣ ପ୍ରଧାନ,ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ବିହାରୀ ପରିଡା,ସଞ୍ଜୟ ରାଉତ, ପ୍ରମୋଦ ମଲିକ, ବିଶ୍ୱନାଥ ପ୍ରଧାନ,ଅମର ଦାସ ପ୍ରମୁଖଙ୍କ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶିକ୍ଷକଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଏସ୍‌କେସି ହାଇସ୍କୁଲକୁ ନିଆଯାଇଥିଲା । ବିଦ୍ୟାଳୟ ପକ୍ଷରୁ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ହିମାଂଶୁ ମହାନ୍ତି ମୁଖାଗ୍ନି ଦେଇଥିଲେ।

### କୃଷ୍ଣନଗର, ରଙ୍ଗଣୀ ହାଇସ୍କୁଲ ଶ୍ରେଣୀଗୃହ ଶିଳାନ୍ୟାସ

**ରାଜନଗର,୩।୮(ଡି.ଏନ.ଏ.):** ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ସହିତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ୫-ଟି ଯୋଜନାରେ ହାଇସ୍କୁଲର ବିକାଶ କରାଯାଉଛି। ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ ବିଧାୟକ ପାଣ୍ଠିରୁ ଉକ୍ତ ବ୍ଲକର କୃଷ୍ଣନଗରସ୍ଥିତ ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ ଓ ରଙ୍ଗଣୀ ପଞ୍ଚାୟତର ଚାଆଁରାକୋହ୍ଲାସ୍ଥିତ ରଙ୍ଗଣୀ ଗ୍ରା.ପ. ହାଇସ୍କୁଲର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦେଇଛନ୍ତି। ବୁଧବାର ୨ ବିଦ୍ୟାଳୟର ନୂତନ ଶ୍ରେଣୀଗୃହର ଶିଳାନ୍ୟାସ କରାଯାଇଛି। ବିଧାୟକଙ୍କ ସହିତ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ନନ୍ଦ ଦୁଲାଲ ମାଇତି, ସମିତିସଭ୍ୟ ବିଶ୍ୱନାଥ ମାଇତି, ମନୋରଂଜନ ମଣ୍ଡଳ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ବିଜୟ କୁମାର ମାଇତି, ଅମଳ କୁମାର ପ୍ରଧାନ, ମୁକ୍ତି କୁମାର ପାତ୍ର, ଦେବ ଦୁଲାଲ ମଣ୍ଡଳ, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ତିନିମୁହାଣୀ ଶିଳ୍ପାଞ୍ଚଳରେ ଜବରଦଖଲକାରୀଙ୍କ ଭିଡ଼

- ଯୁବ ଉଦ୍ୟୋଗୀଙ୍କୁ ମିଳୁନାହିଁ ପ୍ରୋତ୍ସାହନ
- କରତକଳରେ ସୀମିତ ଶିଳ୍ପ

**କେନ୍ଦ୍ରାପଡ଼ା ଅଫିସ,୩।୮**

ରାଜ୍ୟ ସରକାରଙ୍କ ପକ୍ଷରୁ ୧୩ ପ୍ରକଳ୍ପରେ ୬୬୬ କୋଟି ଟଙ୍କା ପୁଞ୍ଜି ନିବେଶ କରି ୮୬୦୦ ଜଣଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ଜମି ଆବଣ୍ଟନ ସହ ଆନୁଷଙ୍ଗିକ କାର୍ଯ୍ୟକୁ ମଙ୍ଗଳବାର ତ୍ୱରାନ୍ୱିତ କରଯାଇଛି । ସେହିପରି ଓଡ଼ିଶା ଟେକ୍ସଟାଇଲ ମିଲ (ଓଟିଏମ୍) ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟର ବିଚାରପତି ଅରନ୍ଦିମ ସିହ୍ନା ରାଜ୍ୟ ସରକାରଙ୍କୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି କରି ମାମଲାର ସମାଧାନ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ସେହି ଜମିରେ ଟେକ୍ସଟାଇଲ ପାର୍କ ନିର୍ମାଣ ଯୋଜନା ରଖିଛନ୍ତି । ଏଥିସହ ଜଗତସିଂହପୁର ଜିଲାର ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ପୂର୍ବତନ କର୍ମଚାରୀ ଓ ବୁଦ୍ଧିଜୀବୀଙ୍କ ପଦଯାତ୍ରା ଆରମ୍ଭ ହୋଇଛି । ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଶିଳ୍ପ ପାଇଁ ଉଦ୍ୟମ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଶିଳ୍ପାଞ୍ଚଳରେ ଜବରଦଖଲକାରୀଙ୍କ ଭିଡ଼ ବଢ଼ୁଛି । ଶିଳ୍ପ ନାମରେ ବଳଭଦ୍ରପୁରଠାରେ କେବଳ କରତ କଳ ଚାଲିଛି । ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ । ଶ୍ରୀବଳଦେବଜୀଉ ପାୱାରଲୁମ କର୍ମଚାରୀଙ୍କୁ ଅଦ୍ୟାବଧି ପ୍ରାପ୍ୟ ମିଳି ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଜିଲାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସହରର ତିନିମୁହାଣୀ ଓ ଡେରାବିଶର ଛତାଠାରେ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା। ଛତାଠାରେ ପଲିଟେକ୍‌ନିକ କଲେଜ ସ୍ଥାପନ ପରେ ଏହି ବ୍ଲକର ବଳଭଦ୍ରପୁର ଠାରେ ୭.୭୬୦ ଏକର ପରିମିତ ସ୍ଥାନକୁ ଶିଳ୍ପାଞ୍ଚଳ ଉପଯୋଗୀ କରାଯାଇଥିଲା । ସେହି ସ୍ଥାନର ୪.୮୧୦ ଏକର ଅଞ୍ଚଳରେ ଶିଳ୍ପ ନାମରେ ୧୪ଟି କରତକଳ ଚାଲୁଛି। ଅପରପକ୍ଷେ ତିନିମୁହାଣୀ ଶିଳ୍ପାଞ୍ଚଳର ବହୁ ଅଂଶ ଜବରଦଖଲକୁ ଯାଇଥିବା ବେଳେ ଅବଶିଷ୍ଟ ବଣୁଆ ଜଙ୍ଗଲରେ ପରିଣତ ହୋଇଛି । ଏହି ଶିଳ୍ପାଞ୍ଚଳର ଜମି ଉଦ୍ଧାର ଓ ଶ୍ରମିକଙ୍କ ବକେୟା ପ୍ରାପ୍ୟ ନେଇ ଇଡ୍‌କୋ ଅଥବା ଜିଲା ପ୍ରଶାସନ ବ୍ୟଗ୍ରତା ପ୍ରକାଶ କରୁନାହାନ୍ତି । ସାମାଜିକ କର୍ମୀ ନିହାର ରଞ୍ଜନ ପରିଡା କୁହନ୍ତି, ତିନିମୁହାଣୀ ଶିଳ୍ପାଞ୍ଚଳରେ ବଳଦେବଜୀଉ ସର୍ଭିସ ଷ୍ଟେଶନ, କଳିଙ୍ଗ ଉଡ୍ ପ୍ରଡକ୍ଟସ, ବରଦା ଟେକ୍ସଟାଇଲ, ଏସ୍‌ଏନ୍ ସାହୁ ଏଣ୍ଡ କୋ, ବଳଦେବଜୀଉ ଅଏଲ ମିଲ, ଆଗ୍ରୋ ସର୍ଭିସ ଷ୍ଟେଶନ ଓ ବଳଦେବଜୀଉ ପାୱାରଲୁମ ୱେଭରର୍ସ କୋ ଅପରେଟିଭ ସୋସାଇଟି ଆଦି ଥିଲା । ଏଥିରେ ଜିଲାର ବହୁ ଲୋକଙ୍କୁ କର୍ମ ନିଯୁକ୍ତି ମିଳିବା ସହିତ ଜିଲାର ଆର୍ଥିକ ପ୍ରଗତିରେ ଶିଳ୍ପଗୁଡିକ ସହାୟକ ହୋଇଥିଲା । ଉପରୋକ୍ତ ଅନୁଷ୍ଠାନ ଦୀର୍ଘଦିନ ଧରି ବନ୍ଦ ହୋଇଛି । ଶିଳ୍ପାଞ୍ଚଳ ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲକୁ ନେଇଛନ୍ତି । ଏହାର ଉଦ୍ଧାର ସହିତ ଯୁବଦ୍ୟୋଗୀଙ୍କୁ ସେହି ଜମି ଆବଣ୍ଟନ ହେବା କଥା । ଏଥିନେଇ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ନୀରବ ରହିଛନ୍ତି । କରତକଳରେ ସୀମିତ ଶିଳ୍ପ



କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଭଦ୍ରଜୀଉ ପାୱାରଲୁମ୍।

ଜିଲାର ଆର୍ଥିକ ବିକାଶକୁ ଆଗେଇ ନେବା ପାଇଁ ସହାୟକ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଯୁବଦ୍ୟୋଗୀ ସତ୍ୟରଞ୍ଜନ ସେନାପତି କହିଛନ୍ତି, ଜିଲାରେ ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ଅଛି । ଅଳ୍ପ ମୂଲ୍ୟରେ ବୁଲା ବେପାର ମାଧ୍ୟମରେ ସହଜରେ ବ୍ୟବସାୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ସାମଗ୍ରୀ ନିର୍ମାଣ ପାଇଁ ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ସହିତ ଯୋଗାଯୋଗ କରାଯାଇଥିଲା। କାଗଜପତ୍ରର ଅଡୁଆ ଖିଅକୁ ଗତ ୨ ବର୍ଷ ମଧ୍ୟରେ ସଜଡା ଯାଇପାରିନାହିଁ। ଏପରିକି କେତେକ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟବସାୟ ବୁଡିଯିବା ଆଶଙ୍କା କରି ଋଣ ଦେବାକୁ ମନା କରିଛନ୍ତି । ଏହି ପରିସ୍ଥିତିରେ ଯୁବବର୍ଗଙ୍କ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନରେ ରହିଯାଉଛି ବୋଲି ସେ ମତ ଦେଇଛନ୍ତି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ କହିଛନ୍ତି, ଜିଲାରେ ଶିଳ୍ପ ପ୍ରତିଷ୍ଠା ଅର୍ଥ ଆର୍ଥିକ ବିକାଶର ପ୍ରଗତି। ଏହି ଜିଲାରେ ଖଣିଜ ପଦାର୍ଥ ବା ଆବଶ୍ୟକ ମୂଳ ସାମଗ୍ରୀ ନ ଥିଲେ ମଧ୍ୟ ବହୁ ଯୁବକ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ । ଏଠାରେ ଶୀତଳ ଭଣ୍ଡାରଠାରୁ ଆରମ୍ଭ କରି ପେପର ପ୍ଲେଟ ଶିଳ୍ପ ପାଇଁ ଭିତ୍ତିଭୂମି ଅଛି । ଏଥିରେ ବ୍ୟାଙ୍କ ଋଣ ସହିତ ଇଡ୍‌କୋ ପକ୍ଷରୁ ଶସ୍ତାରେ ଜମି ଯୋଗାଣ ଆବଶ୍ୟକ । ଶିଳ୍ପାଞ୍ଚଳ ଜମି ଜବରଦଖଲ ଆଡକୁ ଗତି କରୁଥିବା ବେଳେ ଏହାର ପୁନରୁଦ୍ଧାର ହେଉନାହିଁ । ଫଳରେ ଆଶାୟୀ କ୍ଷୁଦ୍ର ଶିଳ୍ପଦ୍ୟୋଗୀ ଜିଲା ବାହାରେ ନିଜର କର୍ମସଂସ୍ଥାନ ଯୋଗାଡ କରୁଛନ୍ତି । ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ବ୍ୟାଙ୍କର୍ସ ଓ ଜିଲା ଶିଳ୍ପ କେନ୍ଦ୍ରର ଏକ ସମନ୍ୱୟ ବୈଠକ ହୋଇଛି । ଏଥିରେ ଯୁବ ଶିଳ୍ପଦ୍ୟୋଗୀଙ୍କୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି ।

## ଭାଇରାଲ ଭିଡିଓକୁ ନେଇ ବିବାଦ

**ରାଜକନିକା,୩।୮(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ଆଗପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେତେଜଣ ବ୍ୟକ୍ତି ଏକ ଭିଡିଓ ଭାଇରାଲ କରିଥିଲେ । ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ଗତ ୩ ଦିନ ତଳେ ଭାଇରାଏ ହୋଇଥିବା ଏହି ଭିଡିଓରେ କୌଣସି ସତ୍ୟତା ନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ମଲ୍ଲିକ ଓ ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ବାରିକ କହିଛନ୍ତି। ସେମାନେ ଦର୍ଶାଇଛନ୍ତି, ଆଗପଡା ବିଦ୍ୟାଳୟ ହତା ଭିତରେ ଘାସ ଆଦୌ ନାହିଁ, ପିଲାମାନେ ଘାସ ଉପାଡ଼ିଲେ କେଉଁଠି । ତା'ଛଡ଼ା ଆମ ବିଦ୍ୟାଳୟରେ ରୋଷେଇ କରିବାକୁ ପାଚିକାମାନେ ଅଛନ୍ତି, ଖାଇବା ପରେ ପିଲାମାନଙ୍କୁ କିଏ କାହିଁକି ବାସନ ଉଠାଇବାକୁ କହିବ । ଯେହେତୁ ଆମ ବିଦ୍ୟାଳୟର ଖେଳ ପଡ଼ିଆ ନାହିଁ, ଖେଳ ପିରିୟଡ ସମୟରେ ପିଲାମାନେ ସ୍କୁଲ ହତାରେ ଲାଗିଥିବା ଫୁଲଗଛର କିପରି ଯତ୍ନ ନେଇ ହେବ ସେ ବାବଦରେ ବୁଝାଯାଉଥିଲା । ସେହି ସମୟରେ କେହି ବ୍ୟକ୍ତି ଏପରି ଭିଡିଓ କରି ଭାଇରାଲ କରିଛନ୍ତି ବୋଲି ଉଭୟ କହିଛନ୍ତି। ତେବେ ଭାଇରାଲ ଭିଡିଓକୁ ଦେଖି ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ପ୍ରସନ୍ନ ସେଠୀ ବିଦ୍ୟାଳୟକୁ ତଦନ୍ତରେ ଆସିଥିଲେ । ଏ ସଂକ୍ରାନ୍ତରେ ତାଙ୍କୁ ପଚାରିବାରୁ ସେହି ଭିଡିଓ ଅମୂଳକ, ଭିତ୍ତିହୀନ ଓ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିବା ସହ ମୁଁ ବିଇଓଙ୍କୁ ଏ ବାବଦରେ ରିପୋର୍ଟ ଦେବି ବୋଲି କହିଛନ୍ତି।

# ମନ୍ଦିର ଜମି ଦଖଲ ପାଇଁ ଉଦ୍ୟମ

**ମନ୍ଦିର ଟ୍ରଷ୍ଟ ପକ୍ଷରୁ ଥାନାରେ ଅଭିଯୋଗ**

**ମହାକାଳପଡ଼ା,୩।୮(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମନଗରସ୍ଥିତ ପ୍ରସିଦ୍ଧ ଶକ୍ତି ପୀଠ ଦରିଆପାରି ମା'ରାମଚଣ୍ଡୀଙ୍କ ବିଜେ ସ୍ଥଳୀରେ ଥିବା ମା'ଙ୍କ ଭୁସମ୍ପତ୍ତିଙ୍କୁ କେତେଜଣ ବ୍ୟବସାୟୀ ନିଜ ଅକ୍ତିଆରକୁ ନେଇଯାଇଛନ୍ତି । ମା'ଙ୍କ ଝାମୁ ଯାତ୍ରା ସମୟରେ ଅସ୍ଥାୟୀ ଦୋକାନ ଗୃହ ନିର୍ମାଣ ପାଇଁ ୫ ଦିନ ପାଇଁ ମନ୍ଦିର ଟ୍ରଷ୍ଟ ବା ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଥିଲା । ହେଲେ ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ବ୍ୟବସାୟ କରିଥିଲେ । ଆଜକୁ ୪ ମାସ ଧରି ବ୍ୟବସାୟୀ ଶ୍ରୀଧର ଆଡି ସେହି ସ୍ଥାନକୁ ଜବରଦଖଲ କରି ପକ୍କା ଗୃହ ନିର୍ମାଣ କରୁଛନ୍ତି । ଏ ନେଇ ବୁଧବାର ମନ୍ଦିର ପରିଚାଳନା ଭାରପ୍ରାପ୍ତ ଟ୍ରଷ୍ଟି ମଥୁରୀ ଚରଣ ସେନାପତି ଉକ୍ତ ବ୍ୟବସାୟୀଙ୍କ ବିରୋଧରେ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ଟ୍ରଷ୍ଟି ସେନାପତି କହିଛନ୍ତ, ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗୃହ ନିର୍ମାଣ ନ କରିବାକୁ କୁହାଯାଇଥିଲା । ହେଲେ ସେ ଆମ କଥା ଶୁଣି ନ ଥିଲେ । ମନ୍ଦିର ଭୂସମ୍ପତ୍ତି ଉଦ୍ଧାର ପାଇଁ ଆଇନର ଆଶ୍ରୟ ନେବାକୁ ଆମେ ବାଧ୍ୟ ହୋଇଛୁ।



ମା'ରାମଚଣ୍ଡୀ ମନ୍ଦିର ମେଳଣ ପଡ଼ିଆରେ ଚାଲିଛି ବେଆଇନ ନିର୍ମାଣ।

# ବିଜୁ ପକ୍କାଘର ନିର୍ମାଣ ପରେ ମିଳୁନି ଫାଇନାଲ ବିଲ୍

**ଡେରାବିଶ, ୩।୮(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅଢ଼ଙ୍ଗା ଗାଁର ଜଣେ ବ୍ୟକ୍ତି ବାସଗୃହ ଯୋଜନାରେ ମିଳିଥିବା ଗୃହଟି ୫ବର୍ଷ ତଳେ ସମ୍ପୂର୍ଣ୍ଣ କରିଥିଲେ। ହେଲେ ନିର୍ମାଣ କରିଥିବା ଗୃହର ଫାଇନାଲ ବିଲ୍ ପାଇବାକୁ ପଞ୍ଚାୟତ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ଯାଏ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଥିଲେ ହେଁ ହିତାଧିକାରୀ ତାଙ୍କ ଖର୍ଚ୍ଚ ଟଙ୍କା ପାଉନାହାନ୍ତି। ହିତାଧିକାରୀ ଜଣକ ହେଲେ ଅଢ଼ଙ୍ଗା ଗାଁର ସଞ୍ଜୟ କୁମାର ଲେଙ୍କା। ପିତା ଭୂମିହୀନ ଥିବାରୁ ଅଢ଼ଙ୍ଗା ଗାଁରେ ୪ ଡିସିମିଲ୍ ଘରଡିହ ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସେତେବେଳେ ଇନ୍ଦିରା ଆବାସ ଯୋଜନାରେ ପକ୍କାଘର କରିଥିଲେ। ଏବେ ସେଥିରେ ସଞ୍ଜୟଙ୍କ ବଡ଼ଭାଇ ରହୁଛନ୍ତି। ବଡ଼ଭାଇଙ୍କଠାରୁ ପୃଥକ୍ ବାସ କରୁଥିବା ସଞ୍ଜୟ ଅଲଗା ହୋଲ୍ଡିଂ ନମ୍ବରରେ ଏକ ବିଜୁ ପକ୍କାଘର ପାଇବାକୁ ଯୋଗ୍ୟ ହୋଇ ୨୦୧୭ ମାର୍ଚ୍ଚ ୨୫ରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିଲେ। ଏହି ନିର୍ମାଣ କାର୍ଯ୍ୟ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କଲେ ସରକାରଙ୍କ ଘୋଷଣା ଅନୁଯାୟୀ, ପୁରସ୍କାର ପାଇବା ଆଶାରେ ସଞ୍ଜୟ ଧାର କରଜ କରି ଗୃହ କାର୍ଯ୍ୟ ଶେଷ କରିଥିଲେ। ନିୟମ



ଘର ସମ୍ମୁଖରେ ସଞ୍ଜୟ କୁମାର ଲେଙ୍କା।

**୫ ବର୍ଷ ହେଲା ଅପେକ୍ଷା କରିଛନ୍ତି ହିତାଧିକାରୀ**

ଅନୁଯାୟୀ, ୩ଟି କିସ୍ତିରେ ୯୦ହଜାର ଟଙ୍କା ଚେକ୍ ମାଧ୍ୟମରେ ସେ ପାଇଥିଲେ। ୪ର୍ଥ ତଥା ଶେଷ କିସ୍ତି ଛାତ ପଡ଼ି କବାଟ ଝରକା ଲଗାଇ ବାସୋପଯୋଗୀ କରିବା ପରେ ମିଳିବାର ନିୟମ ଥିଲା। ସଞ୍ଜୟ ସେସବୁ ସାରିଲା ପରେ ବି ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଅଥଚ ବାକିଥିବା ୩୦ ହଜାର ଟଙ୍କା ସେ ଅଦ୍ୟାବଧି ପାଇନାହାନ୍ତି। ବିଭିନ୍ନ ସମୟରେ ବ୍ଲକ ଓ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ସମ୍ପର୍କରେ ଅଭିଯୋଗ କରିଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଗତ ସୋମବାର ଇନ୍ଦାଲୋ ପଞ୍ଚାୟତରେ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡିଓ ନମିତା ବାରିକଙ୍କ ନିକଟରେ ୩ୟ ଥର ପାଇଁ ସେ ଅଭିଯୋଗ କରିଛନ୍ତି। ସଞ୍ଜୟ ଧାର କରଜ ଶୁଝି ନ ପାରି ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ପ୍ରତି ସୁବିଚାର ନ ହେଲେ ପଞ୍ଚାୟତ ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବାରିକଙ୍କୁ ପଚାରିବାରେ ସଞ୍ଜୟଙ୍କ ବାସଗୃହ ଯୋଜନାକୁ ନେଇ ନ୍ୟାୟାଳୟରେ ମାମଲା ଚାଲିଥିବାରୁ ତାଙ୍କର ଫାଇନାଲ ବିଲ୍ କରିବା ସମ୍ଭବପର ନୁହେଁ। ତେବେ ନ୍ୟାୟାଳୟର ବିଚାର ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବର୍ଷାକୁ ନାହିଁ ଭରସା, ହୋଇପାରୁନି ଚାଷକାର୍ଯ୍ୟ

**ପଟ୍ଟାମୁଣ୍ଡାଇ,୩।୮(ସ୍ୱ.ପ୍ର.)**

କଥାରେ ଅଛି, ଆଷାଢ଼-ଶ୍ରାବଣ ମେଘ ବରଷେ ଘନ ଘନ। ଚାଷ ଓ ଚାଷୀ ପାଇଁ ଏହି ଦୁଇ ମାସ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ହେଲେ ଆଷାଢ଼ ଯାଇ ଶ୍ରାବଣ ଶେଷ ହେବାକୁ ଯାଉଥିଲେ ମଧ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସ୍ୱାଭାବିକ ବର୍ଷା ନ ହେବାରୁ ଚାଷକାର୍ଯ୍ୟ ହୋଇପାରୁନି। ଆବଶ୍ୟକ ପରିମାଣର ବର୍ଷା ଏଯାଏ ହୋଇ ନ ଥିବାରୁ ରୁଆ, ବେଉଷଣ କାର୍ଯ୍ୟ ଆଗେଇ ପାରୁନାହିଁ। ଲଘୁଚାପ ଯୋଗୁ ଗତ ୨ଦିନ ହେବ ବର୍ଷା ହେଉଛି। କିନ୍ତୁ ଏହା ଚାଷୀଙ୍କ ମନରେ ଆଶା ଭରିପାରୁନାହିଁ। କାରଣ ଗତବର୍ଷ ଏହି ସମୟରେ ଚାଷୀ ହତାଶ ହୋଇଥିବାରୁ ଚଳିତବର୍ଷ ବର୍ଷା ଉପରେ ଭରସା ରଖି ପାରୁନାହାନ୍ତି। କେନାଲ ମାଧ୍ୟମରେ ଜଳସେଚିତ ହେଉଥିବା ଉତିକଣ ଅଞ୍ଚଳରେ ପାଣି ଜମିରେ ମାଡ଼ିଲେ ରୁଆ ପୋତା କାମ ଆରମ୍ଭ ହେବ। ମାତ୍ର କେନାଲ ସଫେଇ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିଲା ନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଠିକାଦାର କେନାଲ ସଫା କରିବାର ନିୟମ ରହିଛି। ଆମେ କିଛି କରିପାରିବୁ ନାହିଁ। ଜୁଲାଇ ଶେଷ ସୁଦ୍ଧା କେନାଲ ସଫା କାର୍ଯ୍ୟ ସରି ନ ଥିବା ଯୋଗୁ ମେନ୍ କେନାଲରୁ ଶାଖା କେନାଲଗୁଡିକୁ ଠିକ୍ ଭାବେ ପାଣି ଯାଉ ନ ଥିବାରୁ ବିଲରେ ମାଡ଼ିପାରୁନାହିଁ। ଫଳରେ ଚାଷୀମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗର ସୂଚନା ଅନୁଯାୟୀ, ଜୁଲାଇ ସୁଦ୍ଧା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆବଶ୍ୟକଠାରୁ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ଚଳିତବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମୋଟ ୧୧,୭୦୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅନିୟମିତ ବୃଷ୍ଟିପାତ ଯୋଗୁ ସେହି ଲକ୍ଷ୍ୟ ଏବେ ୮,୨୪୫ ହେକ୍ଟର ଯାଏ ପହଞ୍ଚି ପାରିଛି। ସେଥିମଧ୍ୟରୁ ଅଦ୍ୟାବଧି ପ୍ରାୟ ୩,୮୦୦ ହେକ୍ଟର ଜମିରେ ଚାଷକାର୍ଯ୍ୟ ହୋଇପାରିଛି ବୋଲି ସେ କହିଛନ୍ତି। ସଂସାରଫଳ ଗାଁର ଚାଷୀ ଅଜାମ୍ବର ପରିଡ଼ା କହିଛନ୍ତି, ଆବଶ୍ୟକ ବର୍ଷା ଅଭାବରୁ ଜମିରେ ପାଣି ନାହିଁ। ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ କେନାଲ ପାଣି ଜମିକୁ ମାଡୁନି। ତେଣୁ ଚଳିତବର୍ଷ ଚାଷ ଅବସ୍ଥା କ'ଣ ହେବ, ତାହା ଚାଷୀମାନେ ଭାବିପାରୁନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ୩ ବର୍ଷ ହେଲା ଖରିଫ ଧାନଚାଷ ବାଧାପ୍ରାପ୍ତ ହେଉଛି। ଗତବର୍ଷ ପ୍ରାୟ ୧୦୦୦ ଏକର ଜମି ପଡ଼ିଆ ରହିଥିବା ବେଳେ ଚଳିତବର୍ଷ ମଧ ସମାନ ପରିସ୍ଥିତି ଉପୁଜିଛି। ଉତିକଣ ଅଞ୍ଚଳର ଚାଷୀମାନେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଫସଲ ବଞ୍ଚିବ କି ମରିବ ତାହା କାହାକୁ ଜଣାନାହିଁ। ତେଣୁ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେଇଛୁ। ସୁବର୍ଣ୍ଣପୁରର ଚାଷୀ ବିଜୟ ନାୟକ କହିଛନ୍ତି, ସରକାର ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ମାତ୍ର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଭାତହାଣ୍ଡି ଉବୁଡି ଯିବାକୁ ବସିଛି। ମାସେ ହେଲାଣି ବର୍ଷା ସେପରି ହେଉନାହିଁ। ଖରା ଅଧିକ ହେଉଥିବାରୁ ବିଲ ଶୁଖିଯାଉଛି। ଶ୍ରାବଣରେ ଏପରି ସ୍ଥିତି ଯୋଗୁ ଚାଷକାର୍ଯ୍ୟ ପଛେଇ ଚାଲିଛି।

ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ଜଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡ଼ାରେ ମରୁଡ଼ିର ପଦଧ୍ୱନି ଦେଖିବାକୁ ମିଳିଛି। ଶ୍ରାବଣ ଶେଷହେବାକୁ ବସିଥିବା ବେଳେ ଉତିକଣ ଭେଡ଼ାରେ ଗୋଟିଏ ବୁଦା ଧାନ ବି ରୁଆ ହୋଇପାରୁନି। ଅନିୟମିତ ବର୍ଷା ଯୋଗୁ ଚାଷୀମାନେ ଠିକ୍ ଭାବେ ତଳି ଉତାରିପାରି ନ ଥିବା ବେଳେ ଏବେ ନିଅଣ୍ଟିଆ ବର୍ଷା ଚାଷକାମରେ ବାଧା ସୃଷ୍ଟି କରିଛି। ଚାଷୀର ଅଣ୍ଟା ଭାଙ୍ଗିଦେଇଛି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ କଥା ନ କହିବା ଭଲ। କେନାଲ ପାଣି ବିଲକୁ ଯିବାକୁ ସୋଟ ଲେଭଲ କରିବାକୁ ନିୟମ ଅଛି। ମାତ୍ର ବାବୁମାନେ ବନ୍ଧ ଉଚ୍ଚା କରିବା ପାଇଁ କେନାଲ ଭିତରୁ ମାଟି ଉଠାଇ ଖାଲୁଆ କଲେ। ଯାହାଦ୍ୱାରା ଶାଖା କେନାଲକୁ ପାଣି ଉଠିବାରେ ସମସ୍ୟା ଯୋଗୁ ଉତିକଣ ଭେଡାରେ ଥିବା ହଜାର ଏକର ଚାଷଜମି ପଡ଼ିଆ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି। ଆଷାଢ଼ ଆରମ୍ଭରୁ ତଳି ପକାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପରେ ବର୍ଷା ଠିକ୍ ଭାବେ ହେଲାନାହିଁ। ତେଣୁ ରୁଆ କାର୍ଯ୍ୟ ଆଗେଇ ପାରୁନାହିଁ। ଆଗାମୀ ଦିନରେ ଯଦି ଏପରି ଅନିୟମିତ ବର୍ଷା ହୁଏ ତା'ହେଲେ ମରୁଡ଼ି ଆଶଙ୍କା ଦେଖାଦେଇ ପାରେ। ସେଥିପାଇଁ ଚାଷୀମାନଙ୍କ ଆଖିରୁ ନିଦ ହଜିଗଲାଣି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଭଦ୍ରନାରାୟଣ ଦାସଙ୍କୁ ପଚାରିବାରେ ମାସେ ହେଲା ନିଅଣ୍ଟିଆ ବର୍ଷା ଚାଷୀଙ୍କୁ ହତାଶ କରିଥିଲା। ହେଲେ କିଛିଦିନ ହେବ ଅଳ୍ପ ବର୍ଷା ହେଉଥିବାରୁ ଚାଷରେ ଅଧିକ ସମସ୍ୟା ରହିବ ନାହିଁ। ତେଣୁ ଚାଷୀମାନେ ଯଥାଶୀଘ୍ର ବେଉଷଣ ଓ ରୁଆପୋତା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତୁ ବୋଲି ସେ କହିଛନ୍ତି।





ପଟ୍ଟାମୁଣ୍ଡାଇରେ ଅଗଷ୍ଟ ମାସରେ ଜେସିବି ଲଗାଇ କେନାଲକୁ ସଫା କରାଯାଉଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୬ଷ୍ଠ କାର୍ଯ୍ୟଦିବସରେ ମଧ ଦଲାଲ ଷ୍ଟ୍ରିଟ୍‌ର ଶେୟାର ଭଲ ରହିଛି। ଫଳରେ ଏହାର ନିବେଶକଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଅପ୍ରୀତିକର ଘଟଣା ଲାଗି ରହିଥିବାବେଳେ ଭାରତୀୟ ଶେୟାର ବଜାର ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସରେ ମଧ ସବୁଜ ରଙ୍ଗରେ କାରବାର ବନ୍ଦ କରିଛି। ବୁଧବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ବୃଦ୍ଧି ଘଟିଥିବା ସୂଚନା ମିଳିଛି। ଫଳରେ ସେନ୍‌ସେକ୍ସ ୨୧୪ (୨୧୪.୧୭) ପଏଣ୍ଟ ବୃଦ୍ଧି ଘଟି ୫୮,୩୫୧(୫୮,୩୫୦.୫୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୪୩ (୪୨.୭୦) ପଏଣ୍ଟ ବଢ଼ି ୧୭,୩୮୮ (୧୭,୩୮୮.୧୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ମାଲାବାର ପକ୍ଷରୁ ଛାତ୍ରୀ ବୃତ୍ତି ପ୍ରଦାନ




ଭୁବନେଶ୍ୱର,୩।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଓଡ଼ିଶା ୟୁନିଟ୍ (ଭୁବନେଶ୍ୱର)ର ଶହୀଦନଗର ଷ୍ଟୋର ପକ୍ଷରୁ ସ୍ଥାନୀୟ ୟୁନିଟ୍-୧, କମଳା ନେହେରୁ ମହିଳା ମହାବିଦ୍ୟାଳୟ (କେଏନ୍‌ଡବ୍ଲ୍ୟୁସି)ର କ୍ୟାମ୍ପସ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ର ମେୟର ସୁଲୋଚନା ଦାସ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଏମ୍‌ସିର କର୍ପୋରେଟର ରାଜକିଶୋର ଦାସ, ଆସିଆ ବେଗମ, କମଳା ନେହେରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ମାଲାବାର ଶହୀଦନଗର ଷ୍ଟୋର ହେଡ୍ ମିଃ.ଅସ୍‌ନାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମାଲାବାରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ମୋଟ ୨୧୫ଜଣ ଛାତ୍ରୀଙ୍କୁ ୧୭,୬୪,୦୦୦ ଟଙ୍କାର ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ବିଶେଷ କରି ଏହି ବୃତ୍ତି ଯୋଗ୍ୟ ଛାତ୍ରୀମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବେଶ୍ ସହାୟକ ହେବ। ଏହା ଜରିଆରେ ବାର୍ଷିକ ୬ରୁ ୧୦ ହଜାର ଲେଖାଏଁ ଟଙ୍କା ପ୍ରତି ବର୍ଷ କିଛି ସ୍ୱତନ୍ତ୍ର ନିୟମାବଳୀ ଅନୁସାରେ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଅପରପକ୍ଷରେ ମାଲାବାର ଗ୍ରୁପ୍ ତା'ର ବ୍ୟବସାୟର ୫% ଲାଭାଂଶ ସମାଜ ମଙ୍ଗଳ କାର୍ଯ୍ୟରେ ବିନିଯୋଗ କରିଥାଏ। ବିଶେଷକରି ଗୃହନିର୍ମାଣ, ସ୍ୱାସ୍ଥ୍ୟସେବା, ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମ, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏବଂ ମହିଳା ସଶକ୍ତୀକରଣ ଭଳି ପ୍ରମୁଖ କ୍ଷେତ୍ରରେ ମାଲାବାର ତା'ର ସିଏସ୍‌ଆର୍ କାର୍ଯ୍ୟକ୍ରମ ବିଗତ ୨୦ବର୍ଷ ହେବ ଜାରି ରଖିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଷ୍ଠାନ ଉଭୟ ସମାଜ ମଙ୍ଗଳ ଓ ଲୋକ ସମ୍ପର୍କ ବୃଦ୍ଧି କରିପାରୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଉଭୟ ମାଲାବାର ଏବଂ କମଳା ନେହେରୁ ମହାବିଦ୍ୟାଳୟର ସବୁ ବର୍ଗର କର୍ମଚାରୀ ଏବଂ ଛାତ୍ରୀମାନେ ମଧ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଷ୍ଟୋରର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସିଦ୍ଧେଶ୍ୱର ରଥ ଓ ଅନ୍ୟମାନେ ପରିଚାଳନା କରିଥିଲେ।

**କେଏନ୍‌ଡବ୍ଲ୍ୟୁସିର ୨୧୫ ଛାତ୍ରୀଙ୍କୁ ୧୪.୭୦ ଲକ୍ଷ ଟଙ୍କାର ବୃତ୍ତି ପ୍ରମାଣପତ୍ର ବଣ୍ଟନ କରାଯାଉଛି**

# ଆସସ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩।୮

ଆସସ୍ ଇଣ୍ଡିଆ, ରିପବ୍ଲିକ୍ ଅଫ୍ ଗେମର୍ସ (ରଗ୍) ପକ୍ଷରୁ ରଗ୍ ଜିଫାଇରସ୍ ଡୁଓ୧୬, ଜିଫାଇରସ୍ ଜି୧୪ ଓ ଫ୍ଲୋ ଏକ୍ସ୧୬ ସମେତ ପାୱାର ଓ ଅପ୍‌ଗ୍ରେଡେଡ୍ ପର୍‌ଫର୍ମାନ୍ସ ସହ ସୁସଜ୍ଜିତ ଜିଫାଇରସ୍ ଜି୧୫ ଓ ଫ୍ଲୋ ଏକ୍ସ୧୩ର ନୂଆ ଏଡିଶନର ଶୁଭାରମ୍ଭ କରାଯାଇଛି। ଏହା ବେଶ୍ ଶକ୍ତିଶାଳୀ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ଏଏମ୍‌ଡି ରାଇଜେନ୍ ୬୦୦୦ସିରିଜ୍ ମୋବାଇଲ ପ୍ରୋସେସର ସହ ଏକ ଏମ୍‌ୟୁଏକ୍ସ ସ୍ୱିଚ୍ ରହିଛି। କମ୍ପାକ୍ଟ ଇଜ୍ ଦ ନ୍ୟୁ ଇମ୍ପାକ୍ଟର ଦର୍ଶନକୁ ଅନୁବାଦିତ କରି ଏହି ନୂଆ ଗେମିଙ୍ଗ୍ ଶୃଙ୍ଖଳା ଓ ଅଭିଜ୍ଞତାକୁ ବୃଦ୍ଧି କରି ଗେମରଙ୍କୁ ବିବିଧତା ପ୍ରଦାନ କରୁଛି। ଅପରପକ୍ଷରେ ଆସସ୍ ରଗ୍ ପକ୍ଷରୁ ହାସ୍‌ଟ୍ୟାଗ୍ ବିୟୁୱିଥ୍‌ରଗ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ କରାଯାଇଛି। ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ୍ ଗ୍ରୁପ୍‌ର କଞ୍ଜ୍ୟୁମର ଓ ଗେମିଙ୍ଗ୍ ପିସି ବିଭାଗର ବିଜ୍‌ନେସ୍ ହେଡ୍ ଆର୍ନୋଲ୍ଡ ସୁ କହିଛନ୍ତି, ଆସସ୍‌ରେ ଆମେ ଆମର ଗ୍ରାହକଙ୍କୁ ଏକ ସାମଗ୍ରିକ ଗେମିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ସକ୍ଷମ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ।

# ଆଇଡିଏସ୍ ପକ୍ଷରୁ ମୁଖ ସ୍ୱଚ୍ଛତା ଦିବସ



ଭୁବନେଶ୍ୱର,୩।୮

ବର୍ତ୍ତମାନ ସମୟରେ ମୁଖ ଗହ୍ୱର ସ୍ୱଚ୍ଛତା ଏବଂ ସୁସ୍ଥତା ବଜାୟ ରଖିବା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ନିକଟରେ ମୁଖ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ୧ ଅଗଷ୍ଟରେ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଓଡେଣ୍ଟୋଲୋଜିର ପ୍ରତିଷ୍ଠାତା ଡା. ଜି.ବି. ସାଙ୍ଖୱେଲ୍‌କରଙ୍କର ଜନ୍ମତିଥିରେ ମୁଖ ସ୍ୱଚ୍ଛତା ଦିବସ ପାଳନ କରାଯାଉଥିବାବେଳେ ଆଇଡିଏସ୍‌ର ପେରିଓଡେଣ୍ଟିକ୍ସ ବିଭାଗ ପକ୍ଷରୁ ଏହିଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ପେରିଓଡେଣ୍ଟିକ୍ସ ଆଣ୍ଡ ଓରାଲ୍ ଇମ୍‌ପ୍ଲାଣ୍ଟୋଲୋଜି ବିଭାଗର ପ୍ରଫେସର ଡା. ଅନୁରାଗ ଶତପଥୀ ଏବଂ ପ୍ରଫେସର ଡା. ରଶ୍ମିତା ନାୟକ ସୋଆ କମ୍ୟୁନିଟି ରେଡିଓ ୯୦.୪ ଏବଂ ପ୍ରମେୟ ନ୍ୟୁଜ୍ ୭ ଟିଭି ଚ୍ୟାନେଲରେ ଉକ୍ତ ଦିବସର ଗୁରୁତ୍ୱ ଏବଂ ମୁଖ ସ୍ୱଚ୍ଛତା ଓ ମାଢ଼ି ସମସ୍ୟା ନେଇ ବିସ୍ତୃତ ତଥ୍ୟ ରଖିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସୁନ୍ଦର ରଙ୍ଗୋଲି ଆଇଡିଏସ୍‌ରେ ପ୍ରସ୍ତୁତ କରାଯାଇଥିବା ବେଳେ ରୋଗୀମାନେ ମଧ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଥିଲା।

# କିଟ୍ ପଲିଟେକ୍ନିକ୍ ରାଜ୍ୟରେ ୧ ନମ୍ବର



ଭୁବନେଶ୍ୱର,୩।୮

କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର୍ ଏଜୁକେଶନ ଆଣ୍ଡ ଟ୍ରେନିଂ (ନାବେଟ୍) ଏବଂ ଷ୍ଟେଟ୍ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେଶନ ଓ ଭୋକେଶନାଲ ଟ୍ରେନିଂ ପକ୍ଷରୁ ୧ମ ଥର ଲାଗି ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ଏହି ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ନିକଟରେ ଷ୍ଟେଟ୍ କାଉନସିଲ୍‌ର ମୁଖ୍ୟାଳୟଠାରେ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଅନୁଷ୍ଠାନଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଏପରିକି କ୍ୟୁସିଆଇ ନାବେଟ ର୍‍ୟାଙ୍କିଙ୍ଗ୍‌ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକନିକ୍ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉଭୟ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ପଲିଟେକ୍ନିକର ଅଧ୍ୟକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମିଶନ ଶକ୍ତି ସହ ୟୁକୋ ବ୍ୟାଙ୍କର ଚୁକ୍ତିନାମା

ଭୁବନେଶ୍ୱର,୩।୮

ୟୁକୋ ବ୍ୟାଙ୍କର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇସ୍ରାକ ଅଲ୍ଲୀ ଖାନ୍ ନିକଟରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଗସ୍ତ ଅବସରରେ ସେ ବ୍ୟାଙ୍କର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଗୌତମ ପାତ୍ର ଏବଂ ମିଶନ ଶକ୍ତିର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି।




# ହୋଣ୍ଡାର ନୂଆ ଲିମିଟେଡ୍ ଏଡିସନ୍ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ,୩।୮

ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନ୍ୟୁ ଡିଓ ସ୍ପୋର୍ଟସ୍‌ର ଶୁଭାରମ୍ଭ କରାଯାଇଛି। ଏହା ସୀମିତ ସମୟ ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ମଧ ସୂଚନା ଦିଆଯାଇଛି। ଆଗ୍ରହୀ ଗ୍ରାହକମାନେ ନିକଟସ୍ଥ ରେଡ୍ ୱିଙ୍ଗ୍ ଡିଲରଶିପ୍‌ରେ ଏହାର ଅନୁଭୂତି ହାସଲ କରିପାରିବେ ଏବଂ ଅଧିକ ବିବରଣୀ ପାଇଁ କମ୍ପାନୀର ୱେବ୍‌ସାଇଟ ମଧ ପରିଦର୍ଶନ କରିପାରିବେ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ଆତସୁସି ଓଗାତା କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ଡିଓ ପରିବାର ଆକର୍ଷଣ ଓ ଯୁବ ସୁଲଭତାର ଏକ ମିଶ୍ରଣ ପ୍ରଦାନ କରିଛି। ହୋଣ୍ଡା ଡିଓ ସ୍ପୋର୍ଟସ୍‌ରେ ୧୧୦ ସିସି ପିଜିଏମ୍-ଏଫ୍‌ଆଇ ଇଞ୍ଜିନ, ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି), ଟେଲିସ୍କୋପିକ୍ ସସ୍‌ପେନ୍‌ସନ୍, ଇଣ୍ଟିଗ୍ରେଟେଡ୍ ଡୁଆଲ୍ ଫଙ୍କସନ୍ ସ୍ୱିଚ୍, ଏକ୍ସଟରନାଲ୍ ଫୁଏଲ୍ ଲିଡ୍, ପାସିଂ ସ୍ୱିଚ୍ ଓ ସାଇଡ୍ ଷ୍ଟାଣ୍ଡ ଇଣ୍ଡିକେଟର, କମ୍ବି ବ୍ରେକ୍ ସିଷ୍ଟମ୍ ସହ ଇକ୍ୱିଲାଇଜର୍ ଓ ତିନି ସୋପାନ ଆଡ୍‌ଜଷ୍ଟ ହୋଇପାରୁଥିବା ପଛ ସସ୍‌ପେନ୍‌ସନ୍ ସହ ଉତ୍ତମ ଇନ୍ଧନ ମିତବ୍ୟୟିତା ପାଇଁ ୩-ଷ୍ଟେପ୍ ଇକୋ ଇଣ୍ଡିକେଟର ଇତ୍ୟାଦି ରହିଛି। ଡିଓ ସ୍ପୋର୍ଟସ୍‌ର ଷ୍ଟାଣ୍ଡାର୍ଡ ଭାରିଆଣ୍ଟର ଦାମ୍ (ଏକ୍ସ ଶୋ'ରୁମ୍, ନୂଆଦିଲ୍ଲୀ) ୬୮,୩୧୭ ଟଙ୍କା ଓ ଡିଲକ୍ସ ଭାରିଆଣ୍ଟ ଦାମ୍ ୭୩,୩୧୭ ଟଙ୍କା ରହିଛି।

## ଫୁରସତ୍

# ୟୁଟ୍ୟୁବ୍ ଦେଲା ମା'ଙ୍କ ଠିକଣା



**ମୁମ୍ବାଇ:** ୨୦ ବର୍ଷ ପୂର୍ବେ ହଜିଯାଇଥିବା ମା'ଙ୍କୁ ୟୁଟ୍ୟୁବ୍ ଜରିଆରେ ଫେରିପାଇଛନ୍ତି ଝିଅ। ମୁମ୍ବାଇର ୟାସ୍ମିନ ଶେଖ୍‌ଙ୍କ ମା' ହମିଦା ବାନୁଙ୍କୁ ଦୁବାଇରେ ରୋଷେୟା ଚାକିରି ମିଳିବା ପରେ ସେ ସେଠାକୁ ଚାଲିଯାଇଥିଲେ ଯେ, ଆଉ ଫେରି ନ ଥିଲେ। କିନ୍ତୁ ଏବେ ୨୦ ବର୍ଷ ପରେ ତାଙ୍କ ଝିଅ ୟୁଟ୍ୟୁବ୍ ଜରିଆରେ ତାଙ୍କୁ ପାକିସ୍ତାନରୁ ପାଇଛନ୍ତି। ହମିଦା ନ ଫେରିବାରୁ ୟାସ୍ମିନ ଥାନାରେ ଅଭିଯୋଗ କରିବା କଥା ଚିନ୍ତା କରିଥିଲେ ହେଁ ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ନ ଥିବା କାରଣରୁ ସେ ଅଭିଯୋଗ କରିପାରି ନ ଥିବା କହିଛନ୍ତି। ଅନ୍ୟପଟେ ଯେଉଁ ଏଜେଣ୍ଟ ହମିଦାଙ୍କୁ ଦୁବାଇ ନେଇଥିଲା ତା' ସହ ଯୋଗାଯୋଗ କରିବାରୁ ସେ କହିଥିଲା ଯେ, ହମିଦା ତାଙ୍କ ପରିବାର ସଦସ୍ୟଙ୍କ ସହ କୌଣସି ସମ୍ପର୍କ କି କଥା ହେବାକୁ ଚାହୁଁ ନାହାନ୍ତି। ପରିବାର ପାଖକୁ ଯିବା ପାଇଁ ହମିଦା ପାକିସ୍ତାନର ମାରୁଫ ନାମରେ ଜଣେ ୟୁଟ୍ୟୁବରଙ୍କ ନିକଟକୁ ଯାଇ ତାଙ୍କ ସହ ଘଟିଥିବା ଘଟଣା ବାବଦରେ କହିଥିଲେ। ଏହାପରେ ମାରୁଫ ହମିଦାଙ୍କର ଏକ ଭିଡିଓ ୟୁଟ୍ୟୁବରେ ଶେୟାର କରିଥିଲେ, ଯେଉଁଥିରେ ସେ ତାଙ୍କ ସ୍ୱାମୀ, ପରିବାର ଓ ସମ୍ପର୍କୀୟଙ୍କ କଥା କହିଥିଲେ। ଭିଡିଓକୁ ୟାସ୍ମିନ୍ ଦେଖି ଏକଥା ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ୟୁଟ୍ୟୁବରଙ୍କ ସହଯୋଗରେ ସେ ମା' ହମିଦାଙ୍କ ସହ କଥା ହୋଇଛନ୍ତି।

# ସ୍କେଟିଂରେ ଦେଶନାଙ୍କ କମାଲ୍

ମୁମ୍ବାଇ

ପୁଣେର ୭ ବର୍ଷୀୟା ଦେଶନା ନାହାର ସ୍କେଟିଂରେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ପାଖାପାଖି ଛିଡ଼ା ହୋଇଥିବା ୨୦ଟି କାର୍ ତଳ ଦେଇ ସ୍କେଟିଂ ଜରିଆରେ ଷ୍ଟ୍ରେଟ୍ ଲାଇନ୍‌ରେ ଯାଇ ସେ ଏହି ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ତେବେ ଏହାର ଭିଡିଓ ମଧ ଟୁଇଟରରେ ଶେୟାର କରାଯାଇଛି। ଦେଶନା ଏହି ଟାସ୍କକୁ ମାତ୍ର ୧୩ ମିନିଟ ୭୪ ସେକେଣ୍ଡରେ ପୂରା କରିଛନ୍ତି। ଏହା ଜରିଆରେ ଦେଶନା ଚାଇନାର ୧୪ ବର୍ଷୀୟା ବାଳିକାଙ୍କ ରେକର୍ଡ କାଟିଥିଲେ। ସମାନ ଟାସ୍କକୁ ସେ ୧୪ ମିନିଟ ୧୫ ସେକେଣ୍ଡରେ ପୂରା କରିଥିଲେ। ଦୁବାଇରେ ରହୁଥିବା ଭାରତୀୟ ଯୋଗ ଶିକ୍ଷକ ୟଶ ମନସୁଖଭାଇ ୩୦ ମିନିଟ ପର୍ଯ୍ୟନ୍ତ ସ୍କର୍ପିଓନ୍ ପୋଜ୍‌ରେ ରହି ଗିନିଜ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଛନ୍ତି।



ଦେଶନା ନାହାର

# ନୂଆ ଟ୍ରାଫିକ୍ ସିଗ୍‌ନାଲ୍

ବେଙ୍ଗାଲୁରୁ

ବେଙ୍ଗାଲୁରୁ ସହରରେ ଏକ ନୂଆ ଟ୍ରାଫିକ୍ ସିଗ୍‌ନାଲ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଥିଲା। ନୂଆ ଭାବେ ରାସ୍ତା କଡ଼ରେ ଲଗାଯାଇଥିବା ଚିହ୍ନର ଅର୍ଥ କେହି ବୁଝି ପାରି ନ ଥିଲେ। ଏହାକୁ ସମ୍ବେଦନଶୀଳ ମନେକରି ଜଣେ ସୋସିଆଲ ମିଡିଆ ୟୁଜର ଟୁଇଟର ଜରିଆରେ ଟ୍ରାଫିକ୍ ପୋଲିସ ବିଭାଗକୁ ଏହାର ଜବାବ୍ ମାଗିଥିଲେ। ପ୍ରଶ୍ନର ଉତ୍ତର ଦେଇଥିଲେ ହ୍ୱାଇଟ୍ ଫିଲ୍ଡ ଟ୍ରାଫିକ୍ ଅଧିକାରୀ। ଏକ ଧଳା ବୋର୍ଡରେ ୪ଟି କଳା ଗୋଲାକାର ଚିହ୍ନର ଅର୍ଥ ବୁଝାଇ ଟ୍ରାଫିକ୍ ପୋଲିସ ଅଧିକାରୀ ଜଣକ କହିଥିଲେ ଯେ, ସିଗ୍‌ନାଲ ଲଗାଯାଇଥିବା ସ୍ଥାନରେ ଦୃଷ୍ଟିହୀନଙ୍କ ଏକ ବିଦ୍ୟାଳୟ ରହିଛି। ସେଠାରୁ ଯେ କୌଣସି ମୁହୂର୍ତ୍ତରେ ଛାତ୍ରୀଛାତ୍ର ରାସ୍ତାକୁ ଆସିପାରନ୍ତି। ସେମାନଙ୍କ ସୁରକ୍ଷା ଓ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଉକ୍ତ ସ୍ଥାନରେ ଏହି ବୋର୍ଡ ଲଗାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ତେବେ ଟ୍ରାଫିକ ଅଧିକାରୀ ଉକ୍ତ ସିଗ୍‌ନାଲ ବିଷୟରେ ଲୋକଙ୍କୁ ଅବଗତ କରାଇବାରୁ ସୋସିଆଲ ମିଡିଆ ୟୁଜର ତାଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି।

# ଓଡ଼ିଆ ସାମ୍ବାଦିକତା ଦିବସ

୧୮୬୬ ମସିହା ଅଗଷ୍ଟ ୪ । ସେଦିନ ଥିଲା ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ। ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ । ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା। ଉତ୍କଳ ଦୀପିକା ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବର କାଗଜ ଉଦ୍ୟମ କରିଥିଲା । ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ଖବର କାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା । ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଇଥାଏ।


REGISTERED NO. II 6.
ଉତ୍କଳଦୀପିକା
The Utkal Dipika
Cuttack, Saturday the 19th July 1930

୧୯୩୦ ଜୁଲାଇ ୧୦ ତାରିଖରେ ପ୍ରକାଶିତ ଉତ୍କଳଦୀପିକା।

## କୁଜିବର ପତ୍ରରୁ ଆରମ୍ଭ ...

ଓଡ଼ିଆ ସାମ୍ବାଦିକତାରେ 'ପତ୍ରିକା' ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସିଛି। ୧୭୬୯ ମସିହାରେ ହାତଲେଖା ପତ୍ରିକାରୁ ଆରମ୍ଭ ହୋଇଥିଲା ଏହାର ଯାତ୍ରା। କଟକ ଚୌଦ୍ୱାର ନିକଟସ୍ଥ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସ୍ଥିତି ଓ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏହି ଯାତ୍ରା। ସମୟ କ୍ରମେ ଏହା ଏବେ ଡିଜିଟାଲରେ ପହଞ୍ଚିଛି ସତ, ହେଲେ କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରିଚାଲିଛି। କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ ଜ୍ଞାନାରୁଣ ପ୍ରକାଶ ପାଇଥିଲା। ପରେ ୧୮୫୬ରେ ପ୍ରବୋଧ ଚନ୍ଦ୍ରିକା ଏବଂ ୧୮୬୧ ଅରୁଣୋଦୟ ନାମରେ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ଏହା ଅଧିକଦିନ ପର୍ଯ୍ୟନ୍ତ ଚାଲିପାରି ନ ଥିଲା। ମାତ୍ର ୩ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକାର ପ୍ରକାଶନ ବନ୍ଦ ହୋଇଯାଇଥିଲା। ପରେ ୧୮୭୩ରେ ଉତ୍କଳ ଦର୍ପଣ ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ପ୍ରଥମ ସାହିତ୍ୟିକ ମାଗାଜିନ୍। ଏହାପରେ ୧୮୭୮ରେ ଉତ୍କଳ ମଧୁପ, ୧୮୮୫ରେ ପ୍ରଦୀପ ପତ୍ରିକା ଖୁବ୍ କମ୍ ଦିନ ପାଇଁ ବାହାରିଥିଲା। ୧୮୯୭ରେ ପ୍ରକାଶିତ ଉତ୍କଳ ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏକାଧିକ ମାଗାଜିନ୍ ପ୍ରକାଶ ପାଇବାରେ ଲାଗିଥିଲା। ୧୯୦୬ରେ ମୁକୁର, ୧୯୧୫ରେ ସତ୍ୟବାଦୀ, ୧୯୨୦ରେ ସାହାକାର, ୧୯୩୪ରେ ନବଭାରତ ଆଦି ପତ୍ରିକା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

## ଛାତ୍ରାବସ୍ଥାରୁ ଆବେଗ ସୃଷ୍ଟି ହୋଇଥିଲା

ଏକ ସଂଗ୍ରାମୀ ପରିବାରରେ ମୋର ଜନ୍ମ ହୋଇଥିବାବେଳେ ଛାତ୍ରାବସ୍ଥାରୁ ସାମ୍ବାଦିକତା ପ୍ରତି ଆବେଗ ସୃଷ୍ଟି ହୋଇଥିଲା। ୧୯୭୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲି। ସେତେବେଳକୁ ଓଡ଼ିଶାରେ ସାମ୍ବାଦିକତା ଲାଗି କୌଣସି ପାଠ୍ୟକ୍ରମର ବ୍ୟବସ୍ଥା ନ ଥିଲା। ତେଣୁ ପୁନେ ଯାଇ ବର୍ଷକିଆ ପାଠ୍ୟକ୍ରମରେ ନାମ ଲେଖାଇଲି। ୧୯୭୨ରେ ପାଠ୍ୟକ୍ରମ ଶେଷ ହେଲା ଆଉ ସେହି ବର୍ଷ ଆରମ୍ଭ ହୋଇଥିଲା ମୋର ସାମ୍ବାଦିକତା ଜୀବନ। ସେ ସମୟରେ ଓଡ଼ିଶାରେ ପ୍ରମୁଖ ଭାବେ ସମାଜ, ପ୍ରଜାତନ୍ତ୍ର ଓ ମାତୃଭୂମି ଖବରକାଗଜ ପ୍ରକାଶ ପାଉଥିଲା। ପ୍ରଥମେ ପ୍ରଜାତନ୍ତ୍ର ଏବଂ ପରବର୍ତ୍ତୀ ସମୟରେ ସମାଜ ଖବର କାଗଜର ଭୁବନେଶ୍ୱର ମୁଖ୍ୟ ପ୍ରତିନିଧି ଭାବେ କାର୍ଯ୍ୟ କରିଛି। ଆଜିକାଲି ଭଳି ସେତେବେଳେ ବ୍ୟବସ୍ଥା ନ ଥିଲା। କେବଳ ସାନ୍ଧ୍ୟ ସଂସ୍କରଣ ପ୍ରକାଶ ପାଉଥିଲା। ସାଇକେଲ ଧରି ବିଭିନ୍ନ ସ୍ଥାନରୁ ଖବର ସଂଗ୍ରହ କରି ଦିନବେଳା କିଏ କଟକ ଯାଉଥିଲେ ତାଙ୍କ ହାତରେ ଖବର ପଠାଇବା ସହ ଅଧିକାଂଶ ଖବର ଟେଲିଫୋନରେ ଡାକିବାକୁ ପଡୁଥିଲା। ଆଉ ପ୍ରଥମେ ରୋଟେରି ମେଶିନ ତା'ପରେ ମନୋଗ୍ରାମ ମେଶିନରେ କାଗଜ ଛପା ହେଉଥିଲା। ୧୯୯୦ ମସିହା ପୂର୍ବରୁ ଫାକ୍ସ ଆସିଲା, ତା'ପରେ ଅତ୍ୟାଧୁନିକ ବ୍ୟବସ୍ଥାମାନ ଗଣମାଧ୍ୟମ ସହ ଯୋଡ଼ିହେଲା। ପୁଣି ପ୍ରଭାତ ସଂସ୍କରଣ ପ୍ରକାଶିତ ହେଲା। ତେବେ ଆମ ବେଳେ ଭୁବନେଶ୍ୱରରେ ହାତ ଗଣତି କେତେଜଣ ରାଜ୍ୟସ୍ତରୀୟ ସାମ୍ବାଦିକ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ। ୧୯୮୦ ମସିହାରେ ମୋତେ ରାଜ୍ୟସ୍ତରୀୟ ସାମ୍ବାଦିକ ଭାବେ ସ୍ୱୀକୃତି ମିଳିଥିଲା। ୧୯୭୪ରେ 'ଧରିତ୍ରୀ' ଯେତେବେଳେ ପ୍ରକାଶ ପାଇଲା, ତାହା ମଧ ଚହଳ ପକାଇଥିଲା। ଏବେ ଓଡ଼ିଆ ଖବର କାଗଜ ସଂଖ୍ୟା ଢେର ବଢ଼ିଯାଇଛି ଆଉ ତା' ସହିତ ବୈଦ୍ୟୁତିକ ଗଣମାଧ୍ୟମ ବି ତାଳ ଦେଇ ଓଡ଼ିଆ ସାମ୍ବାଦିକତାକୁ ଆଗକୁ ନେଇଚାଲିଛନ୍ତି।

-ପ୍ରଦୋଷ ପଟ୍ଟନାୟକ

**ଗଞ୍ଜେଇ ଜବତ, ଜଣେ ଗିରଫ**

ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ପୋଲିସ ବୁଧବାର ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୨ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ସେ ହେଲେ ବୃନ୍ଦାବନ କଲୋନୀର ବାପିନା ପାତ୍ର (୩୮)। ସେ ବେଲ୍ଟଲାଇନ୍ ତଳ ରାସ୍ତାରେ ଗଞ୍ଜେଇ ନେଇ ଯିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଗିରଫ କରିଥିଲା। ଥାନାରେ ନଂ. ୨୪୦/୨୨ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଏଏମ୍ଏନ୍ଏସ୍ ପକ୍ଷରୁ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ



ପାରାଦୀପ,୩।୮(ସ୍ୱ.ପ୍ର.): ଏଏମ୍ଏନ୍ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପକ୍ଷରୁ ପାରାଦୀପଗଡ ଗାଁରେ ମହିଳାମାନଙ୍କ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ କରାଯାଇଛି। ଲୋକନାଥ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ରୁ ଅଧିକ ମହିଳାଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନ ବଡି ତିଆରି ତାଲିମ ଓ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ରୋଜଗାରକ୍ଷମ ହୋଇ ପାରୁଛନ୍ତି ବୋଲି କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶା ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟକ୍ରମ ନୂଆଗଡ ପଞ୍ଚାୟତରେ ମଧ କରାଯାଇଛି।

### ହୃଦ୍‌ଘାତରେ ପୂର୍ବତନ ପୌରାଧକ୍ଷାଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୩।୮:** ଜଗତ୍‌ସିଂହପୁର ପୌର ପରିଷଦର ପୂର୍ବତନ ଅଧକ୍ଷା ମିନତି ଦାସ (୪୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ପୌରାଧକ୍ଷା ଥିଲେ। ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ମାମୁ ଝିଅ ଭଉଣୀ ଅଟନ୍ତି। ମୃତ୍ୟୁ ପରେ ତାଙ୍କ ମରଶରୀର ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଆଇନଜିବୀ ଦୋଳଗୋବିନ୍ଦ ଦାଶ, ପ୍ରଶାନ୍ତ ବେହେରା ପ୍ରମୁଖ ଦାସଙ୍କ ଶେଷ ଦର୍ଶନ କରିଥିଲେ। ପରେ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।



### ୩ ଛେଳି ଚୋରି ଅଭିଯୋଗରେ ଜଣେ କୋର୍ଟ ଚାଲାଣ

**ବାଲିଆ,୩।୮(ସ୍ୱ.ପ୍ର.):** ବିରିଡି ଥାନ ଅନ୍ତର୍ଗତ କୁଳ କଇଜଙ୍ଗାର ବୁଧଦେବ ନାଥଙ୍କ ଗୁହାଳ ଘରୁ ୧୧।୭।୨୨ରେ ୩ଟି ଛେଳି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ନଂ. ୧୦୯/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲା। ପୋଲିସ ଏହି ଘଟଣାରେ କୁଳକଇଜଙ୍ଗା ଗ୍ରାମର ପ୍ରକାଶ ନାଥ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭୁବନେଶ୍ୱରରେ ବାଇକ୍, ଏରସମାରୁ ଗଲା ଚାଲାଣ

ଜଗତ୍‌ସିଂହପୁର ଅଫିସ, ୩।୮

ମୋଟର ଯାନ ଆଇନ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି। ଯେଉଁମାନେ ହେଲମେଟ୍ ପିନ୍ଧି ନ ଥିବେ, ଡ୍ରାଇଭିଂ ଲାଇସେନ୍ସ ନ ଥିବ, ଗାଡ଼ିର କାଗଜପତ୍ର ପାଖରେ ନ ଥିବ, ନାବାଳକ, ଆବଶ୍ୟକଠାରୁ ଅଧିକ ଯାତ୍ରା କରୁଥିବେ ସେମାନଙ୍କୁ ଚେକିଂ ବେଳେ ପୋଲିସ କିମ୍ବା ପରିବହନ ବିଭାଗ କର୍ମଚାରୀ ଜରିମାନା ଦେବାକୁ ନୋଟିସ କରୁଛନ୍ତି। ଏହାଦ୍ୱାରା ଚାଳକମାନେ ଭବିଷ୍ୟତରେ ଏଭଳି ଭୁଲ୍ କରିବାକୁ ଡରିବେ। କିନ୍ତୁ ଚେକିଂ ବେଳେ ପୋଲିସ ଓ ପରିବହନ କର୍ମଚାରୀମାନେ ମନଇଚ୍ଛା ଚାଲାଣ କାଟି ଅନେକ ଲୋକଙ୍କୁ ଅସୁବିଧାରେ ପକାଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏପରି କି ଗାଡ଼ି ଭୁବନେଶ୍ୱରରେ ଥାଇ ମଧ ଜଗତ୍‌ସିଂହପୁର ଜିଲାରେ ଚାଲିଥିବା ବେଳେ ଆଇନ ଉଲ୍ଲଂଘନ କରିଥିବା ଦର୍ଶାଯାଇ ଜରିମାନା ଧାର୍ଯ୍ୟ କରାଯାଇଛି। ଏ ନେଇ ବାଇକ୍ ମାଲିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କବୀରପୁର ନିକଟ ଦରକୁଣ୍ଡି ଗାଁର ଭବାନୀ ଶଙ୍କର ଆଚାର୍ଯ୍ୟ ଅଭିଯୋଗରେ କହିଛନ୍ତି, ତାଙ୍କ ମୋବାଇଲକୁ ୩୦।୭।୨୨ରେ ଏକ ଚାଲାଣ ମେସେଜ୍ ଆସିଥିଲା, ଯେଉଁଥିରେ ରାସ୍ତା ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଚାଲାଣ ପଠାଯାଇଥିବା ଜଣାପଡ଼ିଥିଲା। ଚାଲାଣ ନଂ. ଓଆର୍ ୩୮୦୦୯୨୨୦୭୨୩୨୧୫୮୨୬, ବାଇକ୍ ନଂ. ଓଆର୍ ୦୨ ଟି ୭୬୯୪ ସହ ୫୦୦ ଟଙ୍କାର ଚାଲାଣ କଟାଯାଇଥିବା ଉଲ୍ଲେଖ କରାଯାଇଛି। ଏହାର ସମ୍ପୂର୍ଣ୍ଣ ବିବରଣୀ ଜାଣିବାକୁ ଏକ ଲିଙ୍କ୍ ଦିଆଯାଇଛଇ। ମେସେଜ୍ ଶେଷଧାଡ଼ିରେ ଜଗତ୍‌ସିଂହପୁର ଟ୍ରାଫିକ୍ ପୋଲିସ ବୋଲି ଉଲ୍ଲେଖ କରାଯାଇଛି। ଲିଙ୍କ୍ ଖୋଲିଲା ପରେ ଟ୍ରାଫିକ୍ ପୋଲିସ ଓଡ଼ିଶା ପକ୍ଷରୁ ଚାଲାଣ ତାରିଖ ୨୩।୭।୨୨ ବୋଲି ଦର୍ଶାଯାଇଛି। ଓଡ଼ିଶାର ଏକ ଅଜଣା ରାସ୍ତାରେ ସାଧାରଣ ଅପରାଧ କାରଣରୁ ଧାରା ୧୭୭ ଅନୁଯାୟୀ ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା ସ୍ପଷ୍ଟ କରାଯାଇଛି। ବଡ଼କଥା ହେଲା, ଅଧିକାରୀଙ୍କ ନାମ ଓ ଦସ୍ତଖତରେ ପୋଲିସ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମାଝି ବୋଲି ଉଲ୍ଲେଖ ଅଛି। ଏ ସମ୍ପର୍କରେ ଅନୁସନ୍ଧାନ କଲା ପରେ ଏରସମା ଥାନା



Firefox

file:///C:/Users/USER/Desktop/chalan.htm

ଯାତାୟାତ ପୁଲିସ ଓଡ଼ିଶା
Traffic Police Odisha
(Infringement report under Motor Vehicles Act, 1988 and Rules made thereunder)
Office Name : Jagatsinghpur

NO IMAGE AVAILABLE | NO IMAGE AVAILABLE | NO IMAGE AVAILABLE

| | | | |
|---|---|---|---|
| Challan Date : | 23-07-2022 21:58:26 | | |
| Vehicle Class: | M-Cycle/Scooter(2WN) | Challan no: | OR38009220723215826 |
| Vehicle no | OR02***** | Chassis no: | ********* |
| Book no | ********* | Engine no / Motor No: | 9201M1***** |
| Owner's Name: | B*A*A*I* *A*K*R* *C*A*Y* | | |
| Form no: | ********* | | |
| Violator Contact No: | *******354 | | |
| Owner's Address | DARAKUNDI, KABIRPUR, KUAKHIA, Jajapur -755009 | | |
| Driver's name | B*A*A*I* *A*K*R* *C*A*Y* | | |
| Father's name | BHARAT CH ACHARYA | | |
| Age | ********* | | |
| DL no. | ********* | Validity | ********* |
| Place of incident | Unnamed Road, Odisha 754139, India | | |
| Document Impounded | No Document Impounded | | |

Offences Charged with:-
1: 177 General Offence ( 177 )[Fine - 500]
Penalty specified against above offences charged (in numerals and words): 500/-
Rupees: Five Hundred Rupees only

Downloads | retirement news pdf | img782 pdf | img782-1 pdf | chalan htm | 0% Clear

## ମନଇଚ୍ଛା ଚାଲାଣ କଟାକୁ ନେଇ ଅସନ୍ତୋଷ

ଅଞ୍ଚଳରେ ଚେକିଂ ବେଳେ ଉପରୋକ୍ତ ବାଇକ୍ ନମ୍ବରରେ ଚାଲାଣ କଟାଯାଇଥିବା ଜଣାପଡ଼ିଥିଲା। ଯେହେତୁ ମାଝି ପୂର୍ବରୁ ଏରସମା ଥାନା ଆଇଆଇସି ଥିଲେ ଏବଂ ଏବେ ଅନ୍ୟତ୍ର ବଦଳି ପରେ ନିଲମ୍ବିତ ହୋଇଛନ୍ତି ତେଣୁ ଚାଲାଣରେ ତାଙ୍କ ନାମ ଆସିବା ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ଏତିକି ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାଇକ୍ ମାଲିକ ଆଚାର୍ଯ୍ୟଙ୍କ ଘର ଯାଜପୁର ଜିଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରହିବା ସହ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀରେ କାମ କରନ୍ତି। ଦୀର୍ଘଦିନ ହେଲା ତାଙ୍କ ବାଇକ୍ ବାସଭବନରେ ଘୋଡ଼ାହୋଇ ରହିଛି। ପ୍ରତ୍ୟହ ସେ ସାଇକେଲରେ କାର୍ଯ୍ୟାଳୟ ଯିବା ଆସିବା କରନ୍ତି। କିନ୍ତୁ ତାଙ୍କ ବାଇକ୍ ଏରସମା ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିବା ଆଚାର୍ଯ୍ୟଙ୍କୁ ବିସ୍ମିତ କରିଥିବା ଅଭିଯୋଗରେ କହିଛନ୍ତି। ସେ ଏ କଥା ମଧ କହିଛନ୍ତି ଯେ, ମିଛରେ ଚାଲାଣ କାଟି ଲୋକଙ୍କୁ ଆର୍ଥିକ ଓ ମାନସିକ ଭାବେ ଆଘାତ ଦିଆଯିବା ଆଦୌ ଗ୍ରହଣୀୟ ନୁହେଁ। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚାଲାଣ ପରିମାଣ ଛାଡ଼ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ଉପରେ ଏରସମା ଆଇଆଇସି ଭାବଗ୍ରାହୀ ରାଉତଙ୍କୁ ପଚାରିବାରୁ ପୂର୍ବତନ ଆଇଆଇସି ମାଝିଙ୍କ ସମୟରେ ମେଶିନ୍‌ଟି କିଣାଯାଇଥିବାରୁ ତାଙ୍କ ନାମ ଆସୁଛି। ସଂଶୋଧନ ହୋଇନି। କେହି ବାଇକ୍ ଚାଳକ ତାଙ୍କ ନମ୍ବର ପ୍ଲେଟ୍‌ରେ ବାଇକ୍ ପଞ୍ଜୀକରଣ ସଂଖ୍ୟା ଓଆର୍ ୦୨ ଟି ୭୬୯୪ ମାରିଥିଲେ କିମ୍ବା ଚେକିଂ କରୁଥିବା କର୍ମଚାରୀ କୌଣସି ନିର୍ଦ୍ଦିଷ୍ଟ ଅଙ୍କ ଭୁଲ୍‌ରେ ନୋଟ୍ କରି ଦେଇଥାଇପାରନ୍ତି। ବାସ୍ତବ ଚିତ୍ର ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଏହା ଉପରେ କ'ଣ କରିହେବ ଚିନ୍ତା କରିବେ ବୋଲି ରାଉତ କହିଛନ୍ତି।

### ବନ୍ଦର ଚିକିତ୍ସାଳୟରେ ବୁଷ୍ଟର ଡୋଜ



ପାରାଦୀପ,୩।୮(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଚିକିତ୍ସାଳୟରେ କୋଭିଡ ନିରାକରଣ ପାଇଁ ବୁଷ୍ଟର ଡୋଜ ଟିକାକରଣ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଧକ୍ଷ ପି. ଏଲ. ହାରାନ୍ଧ ନିଜେ ଟିକା ନେଇ ଏହାର ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଏ. କେ. ବୋଷ, ସିଏମ୍ଓ ଡା. ପ୍ରହଲ୍ଲାଦ ପଣ୍ଡା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ଦରର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର(୧୮ବର୍ଷରୁ ଉର୍ଦ୍ଧ୍ୱ)ଙ୍କୁ ଟିକାକରଣ କରାଯିବ। ଏହାବାଦ୍ ବ୍ୟବହାରକାରୀ ସଂସ୍ଥା ଲୋକଙ୍କୁ ଦିଆଯିବ। ପ୍ରାୟ ୫୦୦୦ ଟିକାକରଣ କରାଯିବ ବୋଲି ଲକ୍ଷ୍ୟ ରହିଛି ବୋଲି ସୂଚନା ମିଳିଛି।

# ବିଜେଡି ପଞ୍ଚାୟତ କର୍ମୀ ସମାବେଶରେ ହଟ୍ଟଗୋଳ

ଏରସମା, ୩।୮(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ସତ୍ୟଶିବ ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହେଉଥିବା ବିଜେଡି କର୍ମୀ ସମାବେଶରେ ହଟଗୋଳ ସୃଷ୍ଟି ହୋଇଛି। ପରସ୍ପର ମଧ୍ୟରେ କଥା କଟାକଟି ଯୋଗୁ ସଭାରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସାଧାରଣ କର୍ମୀମାନେ ଏହା ଦେଖି ସଭାକକ୍ଷରୁ ବାହାରି ଯାଇଥିଲେ। ଫଳରେ ସଭା ବନ୍ଦ ହୋଇ ଯାଇଥିଲା। ପ୍ରକାଶ ଯେ, ଏରସମା ପଞ୍ଚାୟତର ବିଜେଡି ସଭାପତି ଧୀରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ବିଜେଡି ଉପସଭାପତି ବିଜୟ ପାଳ, ଏମ୍‌ପିଙ୍କ ନବନିର୍ବାଚିତ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, ସ୍ଥାନୀୟ ସମିତିସଭ୍ୟା ଦେବଯାନୀ ସେଠୀଙ୍କ ସହ ବିଜେଡିର ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ମାତ୍ର ସଭା ଆରମ୍ଭ ହେବା ବେଳେ ସଭା ପରିଚାଳନାକୁ ନେଇ ସେମାନଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଏରସମା ସଦର ମହାକୁମା ପଞ୍ଚାୟତରେ ବିଜେଡିର ଛାମୁଆଁ କର୍ମୀମାନଙ୍କ ମଧ୍ୟରେ ହଠାତ ଯୁକ୍ତିତର୍କ ଆରମ୍ଭ ହୋଇ ପାଟିତୁଣ୍ଡ ହୋଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସଙ୍କୁ ପଚାରିବାରେ ପଞ୍ଚାୟତରେ ବିଜେଡିର ଏକ ୨୬ ଜଣିଆ କୋର କମିଟି ରହିଛି। ପଞ୍ଚାୟତ ସଭାପତି କୋର କମିଟି ଓ ସରପଞ୍ଚଙ୍କୁ ନ ପଚାରି ଏହି ସଭା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ବହୁ ବରିଷ୍ଠ କର୍ମୀ ଏହାର ପ୍ରତିବାଦ କରିବାରୁ ବିବାଦ ସୃଷ୍ଟି ହେଲା ବୋଲି ସେ କହଛନ୍ତି। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତି ରଞ୍ଜନ କୁଅଁରଙ୍କୁ ପଚାରିବାରେ ସଭାପତି ମୋ ସହିତ ସରପଞ୍ଚ, ପୂର୍ବତନ ଜିଲା ପରିଷଦ ସଭ୍ୟ ଓ କୋର କମିଟିର ପରାମର୍ଶ ନ ନେଇ ସଭା କରୁଥିବାରୁ ବିରୋଧ କରାଯାଇଥିବାରୁ ସଭା ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ ପଞ୍ଚାୟତ ସଭାପତି ରାଉତଙ୍କୁ ପଚାରିବାରେ ସଭା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ଥିଲି। ସଭା ମଧ ବନ୍ଦ ହୋଇନାହିଁ, କେତେ ଜଣ ସଭା ବନ୍ଦ କରିବାକୁ ଉଦ୍ୟମ କରୁଥିବା ସେ କହିଥିଲେ।



ସଭା ସମୟରେ ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ ପାଟିତୁଣ୍ଡ ଚାଲିଛି।

# ଶିବପୁର ସ୍କୁଲରୁ ଚୋରି ନେଇ ଥାନାରେ ଅଭିଯୋଗ

ବାଲିଆ, ୩।୮(ସ୍ୱ.ପ୍ର.)

ବିରିଡି ଥାନା ଅନ୍ତର୍ଗତ ଶିବପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ପାଣି ମଟର ଓ ଫ୍ୟାନ ଚୋରି ଯାଇଥିବା ନେଇ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଦାସ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ବିରିଡି ପୋଲିସ ପ୍ରାଥମିକ ତଦନ୍ତ କରି ଫେରି ଥିବା ବେଳେ ବୁଧବାର ସନ୍ଧାନୀ କୁକୁରର ସହାୟତା ନେଇ ଅଧିକ ତଦନ୍ତ କରିଥିଲେ। ସୂଚନା ଅନୁଯାୟୀ, ଶିବପୁର ସରକାରୀ ଉଚ୍ଚବିଦ୍ୟାଳୟ ପାଠପଢା ସରିବା ପରେ ସମସ୍ତ କ୍ଲାସ ରୁମ୍, କମନ ରୁମ୍, ଅଫିସ ରୁମ ସମେତ ମୁଖ୍ୟ ଫାଟକରେ ତାଲା ପକାଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚାଲି ଯାଇଥିଲେ। ମାତ୍ର କେହି ଦୁର୍ବୃତ୍ତ ବିଦ୍ୟାଳୟର ପଛପଟ ପାଚେରି ଡେଇଁ ହତା ଭିତରେ ପସି ଏକ ରୁମରେ ରଖା ଯାଇଥିବା ପାଣି ମଟର ଓ ଫ୍ୟାନ ଚୋରି କରି ଫେରାର ହୋଇଯାଇଥିଲେ। ଯାହାକୁ ଆଧାର କରି ବିରିଡି ପୋଲିସ ଅନୁସନ୍ଧାନ ଜାରି ରଖିଛି। ତେବେ ବିଦ୍ୟାଳୟରୁ ଚୋରି ଯିବା ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ନିରପେକ୍ଷ ତଦନ୍ତ କରିବାକୁ ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି, ଏସ୍ଏମ୍‌ସି ସଭାପତି ଚିତ୍ତରଞ୍ଜନ ପରିଜାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।





ବିଦ୍ୟାଳୟ ସମ୍ମୁଖରେ ଗାଁର ଲୋକମାନେ।

# ୩ୟ ଦିନରେ ବହିଷ୍କୃତ ୪ ଗୋଷ୍ଠୀ ସହାୟିକାଙ୍କ ଧାରଣା



କୁଜଙ୍ଗ ବ୍ଲକ ସମ୍ମୁଖରେ ଧାରଣାରତ ବହିଷ୍କୃତ ୪ ଗୋଷ୍ଠୀ ସହାୟିକା।

କୁଜଙ୍ଗ,୩।୮(ଡି.ଏନ.ଏ.)

କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ ବର୍ଷ ତଳୁ ବହିଷ୍କୃତ ୪ ଜଣ ଗୋଷ୍ଠୀ ସହାୟିକାଙ୍କ ଧାରଣା ୩ୟ ଦିନରେ ପହଞ୍ଚିଛି। ପ୍ରଶାସନ ନିଦାବିଷ୍ଟ ସାଜିଥିଲା ବେଳେ, ପୋଲିସ ରାତିଦିନ ଜଗି ରହିବାକୁ ବାଧ ହୋଇଛି। ପ୍ରକାଶ ଯେ, କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ପଞ୍ଚାୟତରେ ଜୀବିକା ମିଶନ ଯୋଜନାରେ କାର୍ଯ୍ୟ କରିଥିବା ୪ଜଣ ଗୋଷ୍ଠୀ ସହାୟିକା ଯଥାକ୍ରମେ ଜାନକିବାଳା ସ୍ୱାଇଁ, ବିନତି ବେହେରା, ମିନରଭା ମହାପାତ୍ର ଓ ସୁଲୋଚନା ପଲାଇଙ୍କୁ ସରକାରୀ ଅର୍ଥ ହଡପ କରିଥିବା ଅଭିଯୋଗରେ ୨୦୧୮ରୁ ବହିଷ୍କୃତ କରାଯାଇଛି। ହେଲେ ତାଙ୍କ ବହିଷ୍କାରକୁ ବେଆଇନ ଦର୍ଶାଇ ଜିଲାପାଳଙ୍କ ସମେତ ରାଜ୍ୟ ଜୀବିକା ମିଶନ ନିର୍ଦ୍ଦେଶକଙ୍କୁ ଜଣାଇବାରେ କୌଣସି ସୁଫଳ ନ ମିଳିବାରୁ ସେମାନେ ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଛନ୍ତି। ଏମାନଙ୍କ ବଦଳରେ ଅନ୍ୟ ୪ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଏମାନେ ବିରୋଧ କରି ଧାରଣାରେ ବସିଛନ୍ତି। ସେମାନେ ଦାବି କରିଛନ୍ତି, ସେମାନଙ୍କୁ ପୁଣି ନିଯୁକ୍ତି ଦେବା ସହ ୫ ବର୍ଷର ବକେୟା ଦରମା ପ୍ରଦାନ କରାଯାଉ।

## ଅର୍ଥ ହେରଫେର ଅଭିଯୋଗରେ ବହିଷ୍କୃତ କରାଯାଇଛି : ବିପିଏମ

ବହିଷ୍କୃତ ଗୋଷ୍ଠୀ ସହାୟକମାନଙ୍କ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କିଛି ପଦକ୍ଷେପ ନେଇପାରିବେ ନାହିଁ ବୋଲି ବିଡିଓ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜିଲାପାଳ ଓ ପୋଲିସ ପ୍ରଶାସନକୁ ଅବଗତ କରାଇଛନ୍ତି ବୋଲି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି। ଧାରଣାକାରୀମାନେ ଅଡିଟ ରିପୋର୍ଟ ମାଗିବା ଫଳରେ ଅଡିଟ ହୋଇନାହିଁ ବୋଲି ବିଡିଓ କହିଛନ୍ତି। ଏମାନଙ୍କ ବହିଷ୍କାର ସମ୍ପର୍କରେ ବିପିଏମ୍ ପଙ୍କଜିନୀ ଦାସ କହିଛନ୍ତି, ସରକାରୀ ଅର୍ଥ ଆତ୍ମସାତ କରିଥିବାରୁ ସେମାନଙ୍କୁ ବହିଷ୍କାର କରାଯାଇଛି। ସେମାନେ ତ କାମ କରିନାହାନ୍ତି ଦରମା କେଉଁଠୁ ଦିଆଯିବ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ୫ ବର୍ଷ ତଳେ କୁଜଙ୍ଗ ବ୍ଲକର ବାଲିଆ ଓ ଭୂତମୁଣ୍ଡାଇ ପଞ୍ଚାୟତ ମହାସଂଘରେ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ସେତେବେଳେ ଆନ୍ଦୋଳନ, ଧାରଣା ଓ ପୋଲିସରେ ଅଭିଯୋଗ ହୋଇଥିଲା।

# ଆଳିରେ ଖୁଲମ୍‌ଖୁଲା ଚାଲିଛି ଚୋରାମଦ କାରବାର

ଆଳି,୩।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଦିନକୁଦିନ ଚୋରାମଦ କାରବାର ଖୁଲମ୍‌ଖୁଲା ଭାବେ ବଢ଼ିଚାଲିଛି। ଚୋରାମଦ ବେପାରୀମାନେ ଦିନରାତି ଏହି କାରବାରରେ ଲିପ୍ତ ରହୁଥିବା ବେଳେ ଅବକାରୀ ବିଭାଗ ନିଦାବିଷ୍ଟ ସାଜିଛି। ଗାଁ ଗହଳିରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ଭୁସାମାଲ ଦୋକାନ ପର୍ଯ୍ୟନ୍ତ ସବୁଠି ଚୋରାମଦର ଖୁଲମ୍‌ଖୁଲା ବେପାର ଚାଲିଛି। ଗାଁରେ ଚୋରାମଦ ମିଳୁଥିବାରୁ ଗ୍ରାମ୍ୟ ପରିବେଶ ନଷ୍ଟ ହେବା ସହ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଆଳିରେ ଏହି କାରବାର ରୋକିବା ନିମନ୍ତେ ଅବକାରୀ କାର୍ଯ୍ୟାଳୟ ରହିଛି। ମାତ୍ର ତାହା ସବୁ ସମୟରେ ଖୋଲା ରହୁନି। ବିଭାଗ ଅଧିକାରୀଙ୍କ ଅନୁପସ୍ଥିତ ସୂଚାଇ ଦେଉଛି ଯେ, ଏହି କାରବାର ପଛରେ ବିଭାଗର ପ୍ରଚ୍ଛଦ ହାତ ରହିଛି। ଆଳି ବ୍ଲକରେ ଏକ ସରକାରୀ ଠିପି ବନ୍ଦ ମଦ ଦୋକାନ, ବିଅର ପାର୍ଲର ଓ ଗୋଟିଏ ଦେଶୀମଦ ଦୋକାନ ଥିବାବେଳେ ଜୁଆଣିଆରେ ବିଅର ପାର୍ଲର, ଗୋବିନ୍ଦପୁରରେ ଠିପି ବନ୍ଦ ମଦ ଦୋକାନ, ବାଟିପେଡା ଠିପି ବନ୍ଦ ମଦ ଦୋକାନ, ସିଙ୍ଗିରି ମଦ ଦୋକାନ ରହିଛି। ଏଥିସହ ଗାଁ ଗହଳିରେ ଏବେ ଗୋଟିଏ ପରେ ଗୋଟିଏ ଚୋରାମଦ କାଉଣ୍ଟର ଖୋଲିବାରେ ଲାଗିଛି। ଆଳିରେ ଚୋରାମଦ କାରବାର ବନ୍ଦ କରିବାକୁ ଅବକାରୀ ବିଭାଗ ରହିଛି। ମାତ୍ର ବିଭାଗ ଅଧିକାରୀ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟାଳୟକୁ ଆସୁଛନ୍ତି। ହାତଗଣତି କେତେଜଣ ବ୍ୟବସାୟୀଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଚୋରାମଦ, ଗଞ୍ଜେଇ ଆଦି ଜବତ କରି ଜେଲ ପଠାଉଛନ୍ତି। ମାତ୍ର ପରେ ବ୍ୟବସାୟୀ ଜଣକ ଜେଲରୁ ମୁକୁଳି ଆସି ପୁଣି ସୁରୁଖୁରୁରେ ବ୍ୟବସାୟ କରୁଛନ୍ତି। ଗତ ମାସରେ ଆଳି ପୋଲିସ କୋଳିଡିହ, ବାଳକାଟି, ସିଙ୍ଗିରି ଆଦି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଚୋରାମଦ, ଗଞ୍ଜେଇ ଜବତ କରିଥିଲା। ଅବକାରୀ ବିଭାଗ ମଧୁବନରେ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କ ନିକଟରୁ ଅଳ୍ପ ମଦ ଜବତ କରି ବାହାବା ନେବାରେ ଲାଗିଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ପୋଲିସ ଚୋରାମଦ ଜବତ କରିବାରେ ସଫଳ ହେଉଛି ତେବେ ଅବକାରୀ ବିଭାଗ କାହିଁକି ଏହା କରୁନାହିଁ। ଅପରପକ୍ଷରେ କେଉଁ ସ୍ଥାନରୁ କେତେ ପରିମାଣର ମଦ ଜବତ କରାଗଲା ସେ ସମ୍ପର୍କରେ ଗଣମାଧ୍ୟମକୁ ଆଳି ଅବକାରୀ ବିଭାଗ କୌଣସି ସୂଚନା ଦେଉନାହିଁ।

## ଅବକାରୀ ବିଭାଗ ସବୁ ଜାଣି ଅଜଣା

# ଅବକାରୀ ବିଭାଗ ଜାମୁଗାଁରୁ ୧୦୦ ପେଟି ମଦ କଲା ଜବତ

ଜଗତ୍‌ସିଂହପୁର ଅଫିସ, ୩।୮

ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବୁଧବାର ନାଉଗାଁ ବ୍ଲକ ଅଞ୍ଚଳରୁ ୧୦୦ ପେଟି ମଦ ଜବତ କରାଯାଉଛି। ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଏହା ଉପରେ ଜଗତ୍‌ସିଂହପୁର ଅବକାରୀ ଥାନାରେ ନଂ.୪୧/୨୨ ରୁଜୁ ମାମଲା କରାଯାଇଛି। ହେଲେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ସାହୁ ଓରଫ ହଡା ଫେରାର ହୋଇଯାଇଛନ୍ତି। ହଡାଙ୍କୁ ଫେରାର କରାଇବାରେ ତାଙ୍କ ସ୍ତ୍ରୀ ରତ୍ନାବତୀଙ୍କ ଭୂମିକା ଥିବାରୁ ଉଭୟ ଦମ୍ପତିଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜିଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡା କହିଛନ୍ତି, ନାଉଗାଁ ବ୍ଲକ ଅଞ୍ଚଳରେ ବହୁ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଗଚ୍ଛିତ ସହ ବିକ୍ରୟ ହେଉଥିବା ଖବର ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ, ଏସ୍‌ପିଙ୍କ ସହାୟତାରେ ଜଗତ୍‌ସିଂହପୁର ଅବକାରୀ ଥାନା ଓଆଇସି ରଞ୍ଜୁଲତା ବାରିକ ଏକ ଟିମ୍ ସହ ଜାମୁଗାଁର ଚୋରା ମଦ କାରବାରକାରୀ ହଡାଙ୍କ ଘରେ ଚଢାଉ କରିଥିଲେ। ସୌଭାଗ୍ୟ ତାଙ୍କ ବାସଗୃହ ଭିତରୁ ୮୦ ପେଟି ଆସ୍କା ଫଟି ଓ ୧୪ ପେଟି ବିଦେଶୀ ମଦ ଜବତ ହେବା ସମ୍ଭବ ହୋଇଥିଲା। ଏହାପରେ ହଡା ଘର ପାଖ ଗଣେଶ ଚନ୍ଦ୍ର ବେହେରାଙ୍କ ଘରୁ ୬ ପେଟି ଆସ୍କା ଫଟି ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଏହି ଚଢାଉ ସମୟରେ ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଅବକାରୀ ଥାନା ଓଆଇସି ବଳରାମ ଦାସ, କନଷ୍ଟେବଳ ପ୍ରକାଶ ଚନ୍ଦ୍ର ରାଉତ, ବର୍ଷା ଖୁଣ୍ଟିଆ ଓ ଜୟଦେବ ପାତ୍ର ପ୍ରମୁଖ ସାମିଲ ଥିଲେ।





ଅବକାରୀ ବିଭାଗ ଜବତ କରିଥିବା ୧୦୦ ପେଟି ଚୋରା ମଦ।

## ମୁଖ୍ୟ ଚୋରା ମଦ ବେପାରୀ ଫେରାର

# ପାରାଦୀପରେ ଭୂତଳ ଜଳ ହ୍ରାସ ପାଉଛି

ପାରାଦୀପ,୩।୮ (ସ୍ୱ.ପ୍ର.)

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀର ଅନେକ ସ୍ଥାନରେ ପରିବେଶ ବିଗିଡିବାରେ ଲାଗିଛି। କେଉଁଠି ଅତିବୃଷ୍ଟି ତ କେଉଁଠି ଶୁଖିଲା ପଡିଛି। ଏମିତି ଅବସ୍ଥା ଏବେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଲାଣି। ସମୁଦ୍ର ସଂଲଗ୍ନ ଅଞ୍ଚଳରେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଇବାରେ ଲାଗିଛି ବୋଲି ସରକାରୀ ଭାବେ ସୂଚନା ମିଳିଛି। ଜଗତ୍‌ସିଂହପୁର ଜିଲାର ଶିଳ୍ପ ଭିତ୍ତିକ ପାରାଦୀପରେ ଏଭଳି ସ୍ଥିତି ଦେଖା ଦେଲାଣି। ଯେଉଁଠି ୪ବର୍ଷ ତଳେ ୨୮୦ ମିଟର ତଳେ ମଧୁରଜଳ ମିଳୁଥିଲା ସେଠାରେ ଏବେ ୨୯୫ ରୁ ୩୦୦ ମିଟର ତଳକୁ ପାଣି ଖସି ଗଲାଣି। ଯେଉଁମାନେ ୫ ବର୍ଷ ତଳେ ନିଜସ୍ୱ ଘର ପାଇଁ ନଳକୂପ ବସାଇଥିଲେ ସେମାନେ ଏବେ ପୁଣି ନୂଆ ନଳକୂପ ବସାଇଲେଣି। କାରଣ ପୁରୁଣା ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଛି। ପୂର୍ବଭଳି ପାଣିର ମାତ୍ରା ରହୁନାହିଁ ବୋଲି ପାରାଦୀପ ଉଦୟବିହାର ବାସିନ୍ଦା ବୁବୁ ତାରେଣିଆ କୁହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ମୁର୍ମୁଙ୍କୁ ପଚାରିବାରେ ୨୦୧୮ପୂର୍ବରୁ ଯେଉଁ ନଳକୂପ ଥିଲା ସେସବୁରେ ଏଭଳି ସମସ୍ୟା ଉପୁଜିଛି। କାରଣ ଭୂତଳ ଜଳ କ୍ରମଶଃ ହ୍ରାସ ପାଉଛି। ପାରାଦୀପର ନୂଆବଜାର ଅଞ୍ଚଳରେ ଏବେ ୨୬୦ରୁ ୨୭୦ ମିଟର ଗଭୀରରେ ମଧୁରଜଳ ମିଳୁଥିବା ବେଳେ ବିଜୟଚନ୍ଦ୍ରପୁର ଅଞ୍ଚଳରେ ତାହା ୨୮୫ ରୁ ୨୯୦ ମିଟର ଓ ଭିତରଗଡ଼ରେ ୩୦୦ ମିଟର ତଳେ ପାଣି ବାହାରୁଛି। ଭୂତଳ ଜଳ କମ ବ୍ୟବହାର ପାଇଁ ସରକାର ଏବେ ବିକଳ୍ପ ପନ୍ଥା ଆପଣେଇବାକୁ ଯାଉଛନ୍ତି। ମହାନଦୀର ଜୟପୁରଠାରୁ ପାଣି ଆଣି କୁଜଙ୍ଗ ସନ୍ତରାଠାରେ ଗଚ୍ଛିତ ରଖାଯିବ। ୨ ଏକର ଜାଗାରେ ଉକ୍ତ ପାଣିକୁ ଶୋଧନ କରି ପାରାଦୀପ ପୌରାଞ୍ଚଳ ଓ କୁଜଙ୍ଗ ବ୍ଲକର ଗ୍ରାମାଞ୍ଚଳରେ ଯୋଗାଣ କରାଯିବ। ଏଥିପାଇଁ ପ୍ରାଥମିକ ସର୍ଭେ କାମ ସରିଛି। ଏଥିପାଇଁ ପାଖାପାଖି ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରସ୍ତାବ ରହିଛି। ପାରାଦୀପ ପୌରାଞ୍ଚଳ ପାଇଁ ଏବେ ଦୈନିକ ୧୬ ମିଲିୟନ ଲିଟର ପାଣି ଆବଶ୍ୟକ ହେଉଛି। ଅଧିକାଂଶ ସ୍ଥାନରେ ଲୋକମାନେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ଯାହା ଆଗାମୀଦିନରେ ସଙ୍କଟ ଦେବାର ସମ୍ଭାବନା ରହିଛି ବୋଲି ସେ କୁହିଛନ୍ତି। ଅନ୍ୟ ଏକ ଖବର ଅନୁସାରେ, ପାରାଦୀପର ଶିଳ୍ପସଂସ୍ଥାଗୁଡିକ ଲୁଚ୍ଚାୟିତ ଭାବେ ଭୂତଳ ଜଳ କାରଖାନା ପାଇଁ ବ୍ୟବହାର କରୁଥିବା ଜଣାଯାଏ। ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ସରକାରୀ ଭାବେ କରାଯାଉନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, ଏହାକୁ ତଦାରଖ କରିବା କାମ ଆଉ ପାଖରେ ନାହିଁ। ଭୂତତ୍ତ୍ୱବିତ୍ ଅଧିକାରୀ ଏହାକୁ ଦେଖିବା କଥା। ସୂଚନାଯୋଗ୍ୟ, ପାରାଦୀପରେ ଜଳ ପରିଚାଳନା ପାଇଁ ସେପରି କଟକଣା ନ ଥିବାରୁ କେତେଜଣ ଲୋକ ଭୂତଳ ଜଳକୁ ଶୋଧନ କରି ବଟଲିଂ କରି ବିକ୍ରି କରୁଛନ୍ତି। ଏଭଳି ପ୍ରାୟ ୫ ରୁ ଅଧିକ ସ୍ଥାନରେ ଚାଲିଛି। ଗୋଟିଏ ପଟେ ଜଳସ୍ତର ହ୍ରାସ ପାଉଥିବା ବେଳେ ଅପରପକ୍ଷେ ପାଣିର ବଜାରୀକରଣ ଯୋଗୁଁ ଜଳସଙ୍କଟ ଲାଗି ରହୁଛି।



ଲୋକମାନେ ଗଭୀର ନଳକୂପ ଖୋଳୁଛନ୍ତି।



# ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ

**ବିର୍ମିଂହାମ, ୩।୮:** କାନାଡାକୁ ୩-୨ ଗୋଲରେ ପରାସ୍ତ କରି ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ହକି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ପରସ୍ଥିତି ସୃଷ୍ଟି କରିଥିଲା। ସେମିଫାଇନାଲ ପ୍ରବେଶ ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ ଥିବା ବେଳେ ଭାରତୀୟ ଦଳ ଅନ୍ତିମ କ୍ୱାର୍ଟରରେ ଲାଲରେଶମୀଙ୍କ ନିର୍ଣ୍ଣାୟକ ଗୋଲରେ ବିଜୟୀ ହୋଇଥିଲା। ନିଶ୍ଚିତ ବିଜୟ ଲକ୍ଷ୍ୟରେ ଓହ୍ଲାଇଥିବା ଭାରତ ମ୍ୟାଚର ପ୍ରଥମ ମିନିଟରୁ ଆକ୍ରମଣ କରିଥିଲା। ତୃତୀୟ ମିନିଟରେ ସଲିମା ଟେଟେ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତ ୧-୦ରେ ଆଗୁଆ ରହିଥିବା ବେଳେ ୨୨ତମ ମିନିଟରେ ଆଉ ଏକ ଗୋଲ କରିଥିଲେ ନବନୀତ କୌର। ୦-୨ରେ ପଛୁଆ ରହିବା ପରେ କାନାଡା ମଧ୍ୟ ଜବରଦସ୍ତ ଆକ୍ରମଣ କରିଥିଲା। କାନାଡା ପକ୍ଷରୁ ବ୍ରିଏନେ ଷ୍ଟେୟାର୍ସ ୨୩ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚର ୩୯ ତମ ମିନିଟରେ ହାନ୍ନା ହନ୍ ଆଉ ଏକ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଉନ୍ନତ ଗୋଲ ତାରତମ୍ୟ କାରଣରୁ କାନାଡାକୁ ସେମି ପ୍ରବେଶ ପାଇଁ ଡ୍ର ଆବଶ୍ୟକତା ରହିଥିଲା। ମ୍ୟାଚ୍ ସାମନ୍ତର ସ୍ତରକୁ ଆସିବା ପରେ କାନାଡା ରକ୍ଷଣାତ୍ମକ ଖେଳ ଖେଳିଥିଲା। ୪୭ ମିନିଟରେ ସୋନିଆଙ୍କ ଗୋଲ ନାକଚ ହୋଇ ଯାଇଥିବା ବେଳେ ୪୯ ମିନିଟରେ ନେହା ଗୋୟଲଙ୍କ ଗୋଲକୁ ଭିଡିଓ ରେଫରାଲ ଜରିଆରେ ଖାରଜ କରିଥିଲା କାନାଡା। ୫୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜିତ ଗୋଲ ସ୍କୋର କରିବାକୁ ପ୍ରୟାସ କରିଥିଲେ। ରିବାଉଣ୍ଡକୁ ଗୋଲପୋଷ୍ଟ ମଧ୍ୟକୁ ପଠାଇବା ସହିତ ଲାଲରେସମୀ ଭାରତରୁ ସେମିଫାଇନାଲ ବର୍ଥ ପକ୍କା କରିଥିଲେ।





ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ବିଜୟ ହାସଲପରେ ଉଲ୍ଲସିତ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଖେଳାଳି।


ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



ଭାନ୍ବି ସ୍ୱାଇଁ
ଗ୍ରାମ- ଏରଡ଼ା, ନାଉଗାଁ, ଜଗତ୍‌ସିଂହପୁର
ଆଜି ତୃତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ- ଜେଜେ, ଜେଜେମା, ପାପା, ମାମା, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୭୬


## ପିତାଙ୍କ ସ୍ୱପ୍ନ ପାଇଁ ୬୨ ବର୍ଷୀୟ କୋଚ୍ ହେଲେ ଖେଳାଳି

ବର୍ମିଂହାମ୍,୩।୮ (ପି.ଟି)

ପିତାଙ୍କ ସ୍ୱପ୍ନ ପୂରଣ ପାଇଁ ପାଲଟିଗଲେ ଆଥ୍‌ଲେଟ। ୬୨ ବର୍ଷୀୟ ଟେବୁଲ ଟେନିସ୍ କୋଚ୍ ଜଣଙ୍କ ନିଜ ପରିବାରର ପରମ୍ପରା ବଜାୟ ରଖିବା ପାଇଁ ଖେଳାଳି ଜର୍ସି ପିନ୍ଧି କୋର୍ଟକୁ ଓହ୍ଲାଇଛନ୍ତି। ଇଂଲଣ୍ଡରେ ଜନ୍ମିତ ଷ୍ଟିଭ୍ ରିଲି ଫିଜି ଟିଟି ଦଳର କୋଚ୍ ଭାବେ କାର୍ଯ୍ୟ କରନ୍ତି। ୮୪ ବର୍ଷ ପୂର୍ବେ ଷ୍ଟିଭ୍‌ଙ୍କ ପିତା ଜିମ୍ ୧୯୩୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ସେ ସମୟରେ ଏହି କ୍ରୀଡ଼ାର ନାମ ବ୍ରିଟିଶ୍ ଏମ୍ପାୟାର ଗେମ୍‌ସ ରହିଥିଲା। ୧୯୩୬-୪୩ ଯାଏ ଜିମ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ବକ୍ସିଂ କରୁଥିଲେ। ଜିମ୍ ରିଲି ଯେଉଁ ପୋଷାକ ପିନ୍ଧି ୧୯୩୬ ବକ୍ସିଂ ଚାମ୍ପିୟନଶିପ୍ ପଦକ ଜିତିଥିଲେ ସେହି ପୋଷାକ ସହିତ ମ୍ୟାଚ୍ ଖେଳିବେ ଷ୍ଟିଭ୍। ପିତା ଜଣେ ବକ୍ସର ରହିଥିବା ବେଳେ ଷ୍ଟିଭ୍‌ଙ୍କୁ ବକ୍ସିଂ ସମେତ ବିଭିନ୍ନ ଖେଳରେ ପ୍ରଶିକ୍ଷଣ ମିଳୁଥିଲା। ଟିଟି ତାଙ୍କୁ ବେଶ୍ ପସନ୍ଦ ଆସିଥିବା ବେଳେ ରୟାଲ ନାଭିରେ କାର୍ଯ୍ୟ କରିବା ସମୟରେ ନିଜ ଟିଟି ଦକ୍ଷତାର ବିକାଶ କରିଥିଲେ। ୧୭ ବର୍ଷ ବୟସରେ ନୌସେନାରେ କାମ କରି ୨୨ ବର୍ଷ ସେବା କରିଥିଲେ। ନୌସେନା ଛାଡ଼ିବା ପରେ ଜଣେ ଡାଇଭର ଭାବେ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ଏହି ସମୟରେ ଏକ ଚୁକ୍ତିଭିତ୍ତିକ ଚାକିରିରେ ଫିଜିକୁ ଯାଇଥିବା ବେଳେ ୨୦୦୯ରେ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟିଗଲେ। ସମୟକ୍ରମେ ଫିଜି ଟିଟି ଦଳର କୋଚ୍ ଭାବେ କାର୍ଯ୍ୟ କରିବା ଆରମ୍ଭ କଲେ ଷ୍ଟିଭ୍। ଏହା ପୂର୍ବରୁ ଏକାଧିକଥର ତାଙ୍କୁ ଫିଜି ପକ୍ଷରୁ ଖେଳିବା ପାଇଁ ଅଫର ମଧ୍ୟ ଦିଆଯାଇଛି। ହେଲେ ପିତାଙ୍କ ଜନ୍ମଭୂମିରେ ଖେଳିବା ଲାଗି ପୂର୍ବ ଅଫରଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଆସୁଥିଲେ। ମୋର ଏହି କୃତିତ୍ୱ ପାଇଁ ମୋ ପରିବାର ଗର୍ବ ଅନୁଭବ କରିବ ବୋଲି କହିଛନ୍ତି ଷ୍ଟିଭ୍। ଉଲ୍ଲେଖଯୋଗ୍ୟ, ସେ ପୁରୁଷ ସିଙ୍ଗଲ୍ସ, ମିକ୍ସଡ ଡବଲ୍ସ ଓ ଦଳଗତ ଇଭେଣ୍ଟରେ ଫିଜିର ପ୍ରତିନିଧିତ୍ୱ କରିବେ।

## ଭାରତ ୮, କାନାଡା ୦

ବର୍ମିଂହାମ୍,୩।୮ (ପି.ଟି)

ହରମନପ୍ରୀତ୍ ସିଂ ଓ ଆକାଶଦୀପ୍ ସିଂଙ୍କ ଡବଲ୍ ଗୋଲ ସହାୟତାରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ହକିରେ ବୁଧବାର କାନାଡାକୁ ୮-୦ଗୋଲରେ ପରାସ୍ତ କରି ସେମି ଫାଇନାଲର ନିକଟବର୍ତ୍ତୀ ହୋଇଛି। ୱେଲ୍ସ ବିପକ୍ଷରେ ଅନ୍ତିମ ମ୍ୟାଚ ବାକି ରହିଥିବା ବେଳେ ଟେବଲ ଟପରେ ରହିଛି ଭାରତୀୟ ଦଳ। ହରମନପ୍ରୀତ୍ ସିଂ(୭ ଓ ୫୪ ମିନିଟ) ଦୁଇଟି ପେନାଲ୍ଟି କର୍ନରୁ ଗୋଲରେ ରୂପାନ୍ତରିତ ଚାଲିଥିଲା। ସେହିପରି ଆକାଶଦୀପ ସିଂ(୩୮ ଓ ୬୦ ମିନିଟ୍) ଦୁଇଟି ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ(୧୦ ମିନିଟ୍), ଲଳିତ ଉପାଧ୍ୟାୟ(୨୦ ମିନିଟ୍), ଗୁରଜାଣ୍ଟ ସିଂ(୨୭) ଓ ମନଦୀପ ସିଂ (୫୮ ମିନିଟ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚରେ ଭାରତ ଘାନାକୁ ୧୧-୦ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଆଗୁଆ ଥିଲେ ହେଁ ସୁଯୋଗ ହାତଛଡା କରିବା ସହିତଦଳ ୪-୪ରେ ଅମୀମାଂସିତ ରହିଥିଲା।

## ବିକାଶଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

**ଚଣ୍ଡୀଗଡ,୩।୮ (ପି.ଟି):** ଆଉ ଜଣେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତାଙ୍କୁ ପୁରସ୍କୃତ କରିବା ନେଇ ପଞ୍ଜାବ ସରକାରଙ୍କ ଘୋଷଣା। ଭାରୋତ୍ତୋଳକ ବିକାଶ ଠାକୁରଙ୍କ ପାଇଁ ବୁଧବାର ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ୯୬ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଠାକୁର ମୋଟ୍ ୩୪୬ (ସ୍ନାଚ୍ ୧୫୫+କ୍ଲିନ୍ ଆଣ୍ଡ ଜର୍କ ୧୯୧) କିଗ୍ରା ଓଜନ ଉଠାଇବା ସହିତ ରୌପ୍ୟ ପଦକ ଜିତିଥିଲେ। ଏହା ଠାକୁରଙ୍କ ଦ୍ୱିତୀୟ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ। ପୂର୍ବରୁ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ବିଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ବିକାଶ ବ୍ରୋଞ୍ଜ ଜିତିଥିଲେ। ରାଜ୍ୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସୁବିଧା ଯୋଗାଇଦେବା ପାଇଁ ସରକାର ବଦ୍ଧପରିକର ବୋଲି ବିକାଶ କହିଛନ୍ତି। ସରକାରଙ୍କ କ୍ରୀଡ଼ାନୀତି ଅନୁସାରେ ଏହି ପୁରସ୍କାର ରାଶି ଘୋଷଣା କରାଯାଇଛି ବୋଲି ମାନ୍ କହିଛନ୍ତି।

## ଆନ୍ତଃସ୍କୁଲ ବାସ୍କେଟ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୩।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଗୋଠପାଟଣାସ୍ଥିତ ଟାଇମ୍ସ ସ୍କଲାର ଗୁରୁକୁଳରେ ଦୀର୍ଘ ୩ ଦିନ ଧରି ଖେଳାଯାଉଥିବା ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବାଳକ ବିଭାଗରେ ୧୨ଟି ଏବଂ ବାଳିକା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଟାଇମ୍ସ ସ୍କଲାର ଗୁରୁକୁଳ ରନର୍ସଅପ୍ ରହିଥିଲା। ବିଦ୍ୟାଳୟ ଚେୟାରମ୍ୟାନ୍ ଡ. ସାରଦା ମିଶ୍ର ମୁଖ୍ୟ ଅତିଥି ଓ ପ୍ରଶାନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ରନର୍ସ ଅପ୍ ଟାଇମ୍ସ ସ୍କଲାର ଗୁରୁକୁଳ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ସିକାଗୋକୁ ହରାଇଲା ଚୌଦ୍ୱାର

**ଭୁବନେଶ୍ୱର, ୩।୮(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ୍ ଅଏଲ୍ ପ୍ରାୟୋଜିତ ପ୍ରିଜନ୍ ଟୁ ପ୍ରାଇଡ୍ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କାରାଗାର ଚେସ୍‌ରେ ଆମେରିକାର ସିକାଗୋକୁ ୩-୧ରେ ଚୌଦ୍ୱାର ପରାସ୍ତ କରିଛି। ଚେସ୍ ଖେଳ ମାଧ୍ୟମରେ ଜେଲରେ ଥିବା ଅନ୍ତେବାସୀମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ଉଦ୍ଦେଶ୍ୟରେ ଚେସ୍ ଡଟ୍ କମ୍ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଅନ୍ତର୍ଜାତୀୟ କାରାଗାର ଚେସ୍ ପାଇଁ ଏହା ପୂର୍ବରୁ ଭାରତର ୨୧ଟି କାରାଗାର ମଧ୍ୟରେ ପ୍ରତିଯୋଗିତା ହୋଇଥଲା।

**ପ୍ରିଜନ ଟୁ ପ୍ରାଇଡ୍ ଚେସ୍**

ଫାଇନାଲରେ ବରୋଦାକୁ ହରାଇ ଭାରତର ଚୌଦ୍ୱାର ସର୍କଲ କାରାଗାର ସିକାଗୋ କାରାଗାର ବିପକ୍ଷରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚୌଦ୍ୱାର ପକ୍ଷରୁ ନିରଞ୍ଜନ ବେହେରା, କୃଷ୍ଣପ୍ରିୟା ସିଂ, ସାଗର ସ୍ୱାଇଁ ଓ ସିଦ୍ଧାର୍ଥ ପୃଷ୍ଟି ପ୍ରତିନିଧିତ୍ୱ କରିଥିଲେ। ଗ୍ରାଣ୍ଡମାଷ୍ଟର ଅଭିଜିତ୍ କୁନ୍ତେ, ଆଇଓସିଏଲ୍‌ର ବରିଷ୍ଠ ଅଧିକାରୀ ବି. ଜି. ଯୋଗେଲକର, ମୟୂର କାଦେରକର ଏବଂ ରାକେଶ କୁଲକର୍ନିଙ୍କ ସହଯୋଗରେ ପ୍ରତିଯୋଗିତା ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ଭାରତୀୟ ତୈଳ ନିଗମର ଜାତୀୟ ଅଧକ୍ଷ ଏସ୍.ଏମ୍. ବୈଦ୍ୟା ଅଭିନନ୍ଦନ ଜଣାଇଛନ୍ତି।


GOVERNMENT OF ODISHA No. C-938
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
Phone No.: (0663) 2412135, Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-04/2022-23 Dt.01.08.2022

| | | |
|---|---|---|
| 01. | Name of the Work | : 1 No. Work |
| 02. | Type of Bid | : Single Bid System |
| 03. | Estimated Cost | : Rs.26.24 lakhs |
| 04. | Period of Completion | : 3 (Three) Calendar Months |
| 05. | Date & time of availability of bid document in the portal | : From 11.00 A.M. of Dt.08.08.2022 to 5.00 P.M. of 20.08.2022 |
| 06. | Last date/time of receipt of bids in the portal | : 5.00 P.M. of 20.08.2022 |
| 07. | Date & time of opening of Technical Bids | : At 11.30 A.M. of 22.08.2022 |
| 08. | Name and address of the Officer Inviting Bid | : Superintending Engineer, P.H. Division, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768 001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H. Division, Sambalpur
OIPR-13026/11/0005/2223

GOVERNMENT OF ODISHA No. B-431
OFFICE OF THE CHIEF CONSTRUCTION ENGINEER
JEYPORE (R&B) CIRCLE, JEYPORE
e-mail ID: supenger_rbjyp@yahoo.co.in, Phone No.: 06854-231528
INVITATIONS FOR BIDS (IFB)
Bid Identification No. C.C.E.J.C. (R&B) - 07/2022-23
No. 3116 Date: 28.07.2022

| | | |
|---|---|---|
| 1. | Nature of the Work | : Building Works |
| 2. | Total No. of Works | : 03 (Three) Nos. |
| 3. | Estimated Cost | : Rs.101.36 lakhs to 499.16 lakhs as per works |
| 4. | Period of Completion | : 06 (Six) Months to 10 (Ten) Months |
| 5. | Cost of Bid document | : Rs.10,000/- each |
| 6. | Bid Security (EMD) | : Bid Security Declaration (Schedule-K) |
| 7. | Class of Contrator | : "B", "A" & "Special" Class according to works |
| 8. | Date & time of availability of bid document in the portal | : From 10.00 hours of 06.08.2022 to 17.00 hours of 25.08.2022 |
| 9. | Last date/time for receipt of bids in the portal | : 17.00 hours of 25.08.2022 |
| 10. | Opening date of Bid | : 10.00 hours of 26.08.2022 |
| 11. | Name and address of the Officer Invting Bid | : Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.
OIPR-34108/11/0008/2223
Sd./- Chief Construction Engineer
Jeypore (R&B) Circle, Jeypore

Government of Odisha No. O-771
OFFICE OF THE SUPERINTENDING ENGINEER
RURAL WORKS DIVISION, JHARSUGUDA
Email: eerw_jharsuguda@yahoo.co.in, Tel.: 06645-271643
Bid Identification No. Online - SEJSG - 02 of 2022-23
NOTICE INVITING TENDER FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the Work | : Road works as per DTCN available in the www.tendersorissa.gov.in |
| 2. | Total No. of Work | : 02 (Two) Nos. |
| 3. | Estimated Cost | : Rs.15.66 lakhs to Rs.17.75 lakhs |
| 4. | Period of Completion | : 2 (Two) Calendar Months |
| 5. | Period and time of availability of bid document in the portal for bidding | : Dt.05.08.2022 at 11.00 A.M. to 16.08.2022 upto 05.00 P.M. |
| 6. | Date and time of bid opening | : Dt.17.08.2022 at 11.00 A.M. |
| 7. | Name and address of the Officer Inviting Bid | : S.E., R.W. Division, Jharsuguda |

1) Other details can be seen from detailed notice inviting tenders, available in website www.tendersorissa.gov .in.
2) Corrigendum if any shall only be published in the above website.
Sd./- Superintending Engineer
R.W. Division, Jharsuguda
OIPR-25104/11/0003/2223

OFFICE OF THE DISTRICT & SESSIONS JUDGE, ANGUL
RECRUITMENT YEAR 2022-23
Advertisement No. 01, Dated-02.08.2022
(For the post of Jr.Clerk-cum-Copyist, Jr.Typist and Stenographer Grade-III.)
No.W-51:Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs.19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/-81,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P© No. 1273 of 2014 of the Hon'ble Court. **The last date of receipt of application is fixed to 01.09.2022 by 5.00 P.M.**
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website https://districts.ecourts.gov.in/angul or https://angul.nic.in/.
Sd./- Chairman-cum-District Judge
Recruitment Committee, Angul.
OIPR-18012/11/0004/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, DHARMAGARH
Tel.: 06672295251, Email: rw_dharmagarh@yahoo.com
BID IDENTIFICATION No. DMGH/Online-05 of 2022-23 Date: 02.08.2022
"e" PROCUREMENT NOTICE
No. O-773: Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| 1. Name of the work | : Road works in the district of Kalahandi as mentioned in DTCN |
| 2. Total No. of works | : 01 No. |
| 3. Estimated Cost | : Rs.13.25 lakhs |
| 4. Period of Completion | : 01 Calendar Month |
| 5. Other details | : |

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 06.08.2022 at 10.00 A.M. | 17.08.2022 upto 5.00 P.M. | 16.08.2022 upto 5.00 P.M. | 19.08.2022 At 11.00 A.M. |

Further details can be seen from the website www.tendersorissa.gov.in.
Sd./- Executive Engineer
Rural Works Division, Dharmagarh
OIPR-25100/11/0005/2223

Government of Odisha "e" procurement Notice
Bid Identification No. PWDK- 12/2022-23
No. G2/ 5527 Dt. 26 .07.2022
No.B-429:-
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work | : 03 Nos. Building Work. |
| 2 | Estimated cost | : From Rs.9.08 lakhs to Rs.50.55 lakhs |
| 3 | Period of completion | : 6 (Six) calendar months |
| 4 | Date and time of availability of bid document in the portal | : From 10.00 hr. 05.08.2022 to 17.00 hr. of 16.08.2022 |
| 5 | Last date / time for receipt of bids in the portal | : 17.00 hr. of 16.08.2022 |
| 6 | Date of opening of bid from portal | : 11.30 hr. of 17.08.2022 |
| 7 | Name and address of the officer inviting bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd./- S.K. Behera
Superintending Engineer, Keonjhar (R&B) Division
OIPR-34004/11/0003/2223

See Career Appointment on every Wednesday & Saturday

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶ୍ରୀ ଭୁବନେଶ୍ୱର ଦାସ
ଆବିର୍ଭାବ- ୨୧।୦୪।୧୯୫୦
ତିରୋଧାନ- ୨୫।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା।
ସୌଜନ୍ୟ-ସାଗରଗୁଆଁ ଉଚ୍ଚ ବିଦ୍ୟାଳୟର ପୁରାତନ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ବୃନ୍ଦ

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 80,000,00/- ପାଆନ୍ତୁ ଓ ମାସକୁ ଭଡା 80,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
Call or SMS
7735130553

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଥା କର୍ତ୍ତବ୍ୟର


ଲୋପାମୁଦ୍ରା-ନାରାୟଣ

ଜନ୍ମ ଦେଇଥିବା ପିଲାଙ୍କ ପ୍ରତି ମା'-ବାପାଙ୍କର କର୍ତ୍ତବ୍ୟ ରହିଛି। ଶିଶୁଟିଏ ଜନ୍ମ ନେବା ପରେ ତାକୁ ଲାଳନପାଳନ କରି ବଡ଼ କରିବା ସହ ତା' ପାଖରେ ଛାଇ ଭଳି ଠିଆ ହୋଇଥାଆନ୍ତି। ହେଲେ ପିଲାଙ୍କର ମଧ୍ୟ ମା'-ବାପାଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ବାସ୍, ଏଭଳି ଏକ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବୋଉର ହାତବାକ୍ସ'ରେ। ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେବା ସହ ସେଥିରେ ବାପା ଭୂମିକାରେ ଅଭିନୟ କରିଛନ୍ତି। 'ଏହି ଫିଲ୍ମର କାହାଣୀ ବେଶ୍ ବଳିଷ୍ଠ। ତାହାକୁ ଉପସ୍ଥାପନା କରିବା ସମୟରେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଛି। କାରଣ ଏହି ଫିଲ୍ମରେ ଅନେକ ସୋସିଆଲ ମ୍ୟାସେଜ ରହିଛି, ଯାହାକୁ ଦର୍ଶକ ହୃଦୟଙ୍ଗମ କରିବା ଦରକାର ବୋଲି କହନ୍ତି ନାରାୟଣ।' ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଡ. ଆରତି ପାଟଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ନାରାୟଣ। ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ଏଥିରେ ଲୋପାମୁଦ୍ରା ମିଶ୍ର, ସୁଶ୍ରୀ ଏବଂ ରାଜେଶ ପଣ୍ଡା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

ଅପେରା ହାଲ୍‌ଚାଲ୍

# ଅପଡେଟ୍ କାହାଣୀ ଚଏସ କରିଥାଏ


ମହେଶ ହାଜରା

'ବର୍ତ୍ତମାନ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସୁନ୍ଦର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକଟିଏ ରଚନା କରାଯାଇପାରିବ। ତେଣୁ ମୁଁ ସବୁବେଳେ ଅପେଡେଟ୍ କାହାଣୀ ଚଏସ୍ କରିଥାଏ। ହୁଏତ ଏଭଳି ବିଷୟବସ୍ତୁକୁ ବୁଝିବାକୁ ଦର୍ଶକ କିଛି ସମୟ ନେଇପାରନ୍ତି, ହେଲେ ଅନ୍ୟ ନାଟକଠାରୁ ଏହି ନାଟକଗଡ଼ିକ ନିଶ୍ଚୟ ଭିନ୍ନ ବୋଲି କହନ୍ତି ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ମହେଶ ହାଜରା।' ଚଳିତ ଯାତ୍ରା ସିଜନରେ ତାଙ୍କ ନିର୍ଦ୍ଦେଶନାରେ ଚାରୋଟି ନାଟକ-'ବଞ୍ଚି ପାରିବିନି ତୋ ବିନା', 'ଦେ ରେ ଧରା ମୋ ଦୁଃଖ ପାସୋରା' (ଚକୋଲେଟ୍ ରଙ୍ଗମଞ୍ଚ), 'ତୋ ପ୍ରେମରେ ବନ୍ଧା ମୋ ରଜନୀ ଗନ୍ଧା' (ଅପେରା ସୂର୍ଯ୍ୟମନ୍ଦିର) ଏବଂ ଜାରଜ ଜହର ନୁହେଁ କାହାର (ଯାତ୍ରା ରଙ୍ଗମହଲ)ର ମଜା ଦର୍ଶକ ନେଇପାରିବେ। ଛୋଟ ପରଦାରେ 'ତପସ୍ୟା', 'ଦୁର୍ଗା', 'ମାୟା' ଏବଂ 'ପ୍ରେମ କୁହୁକ' ପରି ମେଗା ଧାରାବାହିକରେ ନିର୍ଦ୍ଦେଶନା ଦେବା ପରେ ସେ ଏଣ୍ଟ୍ରି କରିଥିଲେ ଯାତ୍ରା ଜଗତରେ। ବାଘାଯତୀନ ଲୋକନାଟ୍ୟର ସୁପରହିଟ୍ ନାଟକ 'ମୃତ୍ୟୁଦଣ୍ଡ'ରୁ ଆରମ୍ଭ ହୋଇଥିଲା ମହେଶଙ୍କ ଅପେରା ନିର୍ଦ୍ଦେଶନା। ତା'ପରେ ଏହି ପାର୍ଟିର 'ସୀତାର ଜଳୁଛି ଚିତା' ନାଟକଟି ଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ହୋଇଥିଲା। ଏହାସହ ପରିବେଷିତ ହୋଇସାରିଥିବା ରଙ୍ଗମହଲର 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ଏବଂ ବାଘାଯତୀନର 'ତୁ କାନ୍ଦିଲେ ମୁଁ କାନ୍ଦିବି'ର ମଧ୍ୟ ନିର୍ଦ୍ଦେଶନା ଦେଇସାରିଛନ୍ତି ସେ। 'ନାଟକଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ କାହାଣୀକୁ ତନ୍ନ ତନ୍ନ କରି ତର୍ଜମା କରିଥାଏ। ପ୍ରତିଟି ଡାଏଲଗ୍‌ର ଗୁରୁତ୍ୱକୁ ଭଲ ଭାବରେ ପରଖି ନିଏ। ତା'ପରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଇଥାଏ। ଏ ପର୍ଯ୍ୟନ୍ତ ଦର୍ଶକ ମୋତେ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ ବୋଲି କହନ୍ତି ମହେଶ।'

# ଭୁଲନ୍ତି ନାହିଁ ତାପସୀ


ତାପସୀ

ତାପସୀ ପାନ୍ନୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣିଛ ? ବ୍ୟାଡମିଣ୍ଟନ ଖେଳିବା। ଅଭିନୟ ସିନା ନିଶା ପାଲଟି ଯାଇଛି, ହେଲେ ଖେଳକୁଦଠାରୁ ସେ ନିଜକୁ ଦୂରେଇ ନେଇ ପାରିନାହାନ୍ତି। ଆଉ ଏକ ଖାସ୍ କଥା ହେଲା 'ପୁନେ-୭ ଏକ୍‌ସେ' ବ୍ୟାଡମିଣ୍ଟନ ଟିମ୍‌ର ସେ ଜଣେ ସହ-ମାଲିକାଣୀ। ଏପରି କି ତାଙ୍କର ଏହି ଟିମ୍ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଅଂଶଗ୍ରହଣ କରି ସଫଳତା ହାସଲ କରିସାରିଛି। ଏ ନେଇ ତାପସୀ କହନ୍ତି, 'ସ୍କୁଲରେ ପଢ଼ିବା ସମୟରୁ ମୁଁ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି। ଏବେ ଅଭିନୟ ଚାଲିଛି। ତା'ସହ ପ୍ରତିଦିନ ଯେମିତି ହେଲେ କିଛି ସମୟ ବ୍ୟାଡମିଣ୍ଟନ ଖେଳିଥାଏ।' ଭାରତନାଟ୍ୟମ୍ ଏବଂ କଥକ ନାଚିବାରେ ତାପସୀଙ୍କର ପଟୁତା ରହିଛି। ଷ୍ଟାଣ୍ଡାର୍ଡ-୪ରେ ପଢ଼ିବା ବେଳଠାରୁ ସେ ଏହି ନୃତ୍ୟ ଶିଖୁଥିଲେ ଏବଂ ନିଜ ପାଠପଢ଼ା କ୍ୟାରିୟର ଭିତରେ ସେ ଅନେକ ପୁରସ୍କାର ଜିତିବାରେ ସକ୍ଷମ ହୋଇଥିଲେ। ତାମିଲ-ତେଲୁଗୁ ଫିଲ୍ମରେ ଆକ୍ଟିଂ ଆରମ୍ଭ କରିବା ବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରି କି ସେହି ସମୟରେ ଫ୍ଲପ୍ ସାବ୍ୟସ୍ତ ହୋଇଥିବା ଅଭିନେତାଙ୍କର ସେ ନାୟିକା ଭୂମିକାରେ ଅଭିନୟ କରିଥିଲେ। ହେଲେ ନିଜର ଦକ୍ଷତା ବଳରେ ସେ ପରବର୍ତ୍ତୀ ସମୟରେ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ।

# ଟେନ୍‌ସନରେ କ୍ରିତି

କ୍ରିତି ସାନନଙ୍କର ଟେନ୍‌ସନ ଏବେ ବଢ଼ିଯାଇଛି। ଗୋଟିଏ ପଟେ 'ବେଢ଼ିୟାଁ' ରିଲିଜ ଅପେକ୍ଷାରେ ଥିବାବେଳେ 'ଗଣପଥ', 'ଆଦିପୁରୁଷ' ଏବଂ 'ଶେହେଜାଦା' ନିର୍ମାଣାଧୀନ ଅବସ୍ଥାରେ ରହିଛି। ସେପଟେ ତାଙ୍କ ହାତରେ ଆଉ କେତୋଟି ସିନେମା ରହିଛି, ଯାହାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ତେଣୁ କାହା ପାଇଁ କେତେବେଳେ ସମୟ ଦେବେ ସେ ନେଇ ଦୋଛକିରେ ପଡ଼ିଛନ୍ତି କ୍ରିତି। ଏପରି ସମସ୍ୟା ବିଷୟରେ ସେ କହନ୍ତି, 'ଏବେ ଦୁଇଟି ନୂଆ ସିନେମା ମୁଁ ସାଇନ୍ କରିଛି। ଏହାର ଶୁଟିଂ ଏକାଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ପଡ଼ିବ। ଆଶା ରଖିଛି ମୋ ଅନୁରୋଧ ରକ୍ଷାକରି ପ୍ରଯୋଜନା ସଂସ୍ଥା ମୋ ସହ ସହଯୋଗ କରିବେ। ଏଥିପାଇଁ ମୁଁ ଏବେ ଟେନ୍‌ସନରେ ଅଛି।' କ୍ରିତିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ହେରୋପନ୍ତୀ'ରୁ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ 'ଆଇଫା' ପୁରସ୍କାର ମିଳିଥିଲା। ଚଳିତ ବର୍ଷ ମଧ୍ୟ 'ମିମି' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି।


କ୍ରିତି

# କାହାକୁ ଡରନ୍ତି କାଜଲ

ତେଲୁଗୁ, ତାମିଲ ଅବା ହିନ୍ଦୀ ସିନେମାରେ କାଜଲ ଅଗ୍ରୱାଲ ଜଣେ ପରିଚିତ ଅଭିନେତ୍ରୀ। ହେଲେ ସେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା କୁକୁର। ଅର୍ଥାତ୍ କୁକୁରଟିଏ ଦେଖିଲେ ତାଙ୍କ ମନରେ ଭୟ ସଞ୍ଚାର ହୋଇଥାଏ। ନିକଟରେ ସେ ଏଭଳି ଅନୁଭୂତିକୁ ବଖାଣିଥିଲେ। ଏ ନେଇ କାଜଲ କହନ୍ତି, 'ଥରେ ମୁଁ ମୋର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲି। ତାଙ୍କ ଗେଟ୍ ପାସ୍ କରିବା ସମୟରେ ଦୁଇଟି କୁକୁର ମୋତେ ଦେଖି ଭୁକିବା ଆରମ୍ଭ କଲେ। କ'ଣ କରିବି ଜାଣିପାରିଲି ନାହିଁ। ତାଙ୍କର ଘର ସଦସ୍ୟ ମୋତେ ବୁଝାଇଲେ ଯେ 'ଆସ, ସେ କିଛି କରିବେ ନାହିଁ।' ତା'ପରେ କୁକୁର ଦୁଇଟି ବନ୍ଧା ହେବା ପରେ ମୁଁ ଘର ଭିତରକୁ ଯାଇଥିଲି। ମୋ ମନରେ ଏହି ଭୟ ଏ ପର୍ଯ୍ୟନ୍ତ ରହିଛି।'


କାଜଲ

# ଆରମ୍ଭରୁ ସଫଳତା

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। ଫିଲ୍ମଟି ଜୁଲାଇ ୩୧ରେ ପରଦା ଉପରକୁ ଆସିଛି। କେବଳ ସେତିକି ନୁହେଁ, ଚିତ୍ରଟି ପ୍ରାରମ୍ଭିକ ସଫଳତା ହାସଲ କରିବା ପରେ ଏହାର ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ ଏବଂ ସମସ୍ତ କଳାକାରଙ୍କ ଖୁସି କହିଲେ ନ ସରେ। ଏ ନେଇ କୁନାଲ କହନ୍ତି, 'ଫିଲ୍ମଟିର ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା କରାଯାଇଥିଲା। ଚଳଚ୍ଚିତ୍ରଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ୍ କରିବାରେ ସହାୟକ ହୋଇଛି ବୋଲି କହିବି।' ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ରାଜ୍-ସାସା

# ଲଭପ୍ରୀତ୍, ଘୋଷାଲଙ୍କୁ ବ୍ରୋଞ୍ଜ ପଦକ

**ବର୍ମିଂହାମ, ୩।୮ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବୁଧବାର ଭାରୋତ୍ତୋଳନରୁ ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତର ଲଭପ୍ରୀତ ସିଂ। ସେହିପରି ସ୍କ୍ୱାଶ୍‌ର ସିଙ୍ଗଲ୍ସ ଇଭେଣ୍ଟରେ ପ୍ରଥମଥରପାଇଁ ପଦକ ଆଣିଛନ୍ତି ସୌରଭ ଘୋଷାଲ। ସେ ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି। ୩୫ ବର୍ଷୀୟ ଘୋଷାଲ ବ୍ରୋଞ୍ଜ ପଦକ ମ୍ୟାଚରେ ଡିଫେଣ୍ଡି ଚାମ୍ପିୟନ ଇଂଲଣ୍ଡର ଜେମ୍ସ ୱିଲଷ୍ଟ୍ରପ୍‌ଙ୍କୁ ୩-୦ (୧୧-୬, ୧୧-୧, ୧୧-୪)ରେ ପରାସ୍ତ କରିଛନ୍ତି। ପୁରୁଷ ୧୦୯ କେଜି ବର୍ଗରେ ୨୪ ବର୍ଷୀୟ ପଞ୍ଜାବ ଭାରୋତ୍ତୋଳକ ମୋଟ ୩୫୫ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୧୬୩ କେଜି ଉଠାଇଥିବାବେଳେ କ୍ଲିନ୍ ଆଣ୍ଡ ଜର୍କରେ ୧୯୨ କେଜି ଉତ୍ତୋଳନକରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। କାମେରୁନର ଜୁନିୟର ନାବେୟୁ ୩୬୧ କେଜି ସହ ସ୍ୱର୍ଣ୍ଣ ଏବଂ ସମୋଆର ଜ୍ୟାକ୍ ଓପେଲୋଗେ ୩୫୮ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଭାରୋତ୍ତୋଳକଙ୍କ ଚମକ ଅବ୍ୟାହତ ରହିଛି।



ବ୍ରୋଞ୍ଜ ପଦକ ସହ ଲଭପ୍ରୀତ ସିଂ।



ଲଢ଼େଇ ଶେଷ ହେବା ପରେ ଜୁଡୋକା ତୁଲିକା ମାନ୍।

**ଜୁଡୋ: ଫାଇନାଲରେ ମାନ୍**

ଭାରତର ତୁଲିକା ମାନ୍ ମହିଳା ୭୮ କେଜି ଜୁଡୋ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ। ୪ ଥର ଜାତୀୟ ଚାମ୍ପିୟନ ଏହି ୨୨ ବର୍ଷୀୟ ଭାରତୀୟ ଜୁଡୋକା ଆରମ୍ଭରେ ପଛରେ ପଡ଼ି ଯାଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ସେମିଫାଇନାଲରେ ନ୍ୟୁଜିଲାଣ୍ଡର ସିଡ୍‌ନୀ ଆଣ୍ଡ୍ରୁ୍ୟସଙ୍କୁ ମାତ୍ର ୩ ମିନିଟ ମଧ୍ୟରେ ହରାଇ ଦେଇଥିଲେ। ଫାଇନାଲରେ ସେ ସ୍କଟଲାଣ୍ଡର ସାରା ଆଡିଙ୍ଗଟନଙ୍କୁ ଭେଟିବେ। ପୂର୍ବରୁ ଏଲ.ସୁଶୀଳା ଦେବୀ ଓ ବିଜୟ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇ ସାରିଥିବାବେଳେ ଜୁଡୋ ଇଭେଣ୍ଟରୁ ଭାରତର ଏହା ହେବ ତୃତୀୟ ପଦକ। ଭାରତର ଦୀପକ ଦେସୱାଲ ପୁରୁଷ ୧୦୦ କେଜି ଜୁଡୋ ଇଭେଣ୍ଟରେ ଅଗ୍ରଗତି କରିଛନ୍ତି।

**ବକ୍ସିଂ: ନିତୁ, ହୁସାମୁଦ୍ଦିନ ପଦକ ନିଶ୍ଚିତ କଲେ**

ବକ୍ସିଂ ଇଭେଣ୍ଟରୁ ପଦକ ନିଶ୍ଚିତ କରିଛନ୍ତି ଭାରତର ହୁସାମୁଦ୍ଦିନ ମହମ୍ମଦ ଓ ନିତୁ ଗଙ୍ଘାସ। ପୁରୁଷ ୫୭ କେଜି ଓ ମହିଳା ୪୮ କେଜି ଇଭେଣ୍ଟରେ ଦୁହେଁ ସେମିଫାଇନାଲରେ ପ୍ରବେଶ କରି ଏହି ସଫଳତା ପାଇଛନ୍ତି। ନିଜାମାବାଦର ୨୮ ବର୍ଷୀୟ ହୁସାମୁଦ୍ଦିନ ଏକାଗ୍ରତା ବଜାୟ ରଖି ନାମ୍ବିଆର ଟ୍ରାଏଗେନ ମର୍ନିଙ୍ଗଙ୍କୁ ୪-୧ ବ୍ୟବଧାନରେ ପରାସ୍ତ କରିଛନ୍ତି। ଦୁଇଥର ୟୁଥ୍ ଗୋଲ୍ଡ ମେଡାଲିଷ୍ଟ ୨୧ ବର୍ଷୀୟା ନୀତୁଙ୍କ ପ୍ରତିଦ୍ୱନ୍ଦ୍ୱୀ ନର୍ଦ୍ଦର୍ନ ଆୟର୍ଲାଣ୍ଡର ନିକୋଲେ କ୍ଲାଏଡ୍ ତୃତୀୟ ତଥା ଅନ୍ତିମ ରାଉଣ୍ଡରୁ ଓହରି ଯାଇଥିଲେ। ଫଳରେ ନୀତୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

**ପ୍ରି କ୍ୱାର୍ଟରରେ ଚିନାପ୍ପା-ସାନ୍ଧୁ**

ସିଙ୍ଗିଲ୍ସ ବିଫଳତାକୁ ପଛରେ ପକାଇ ମିକ୍ସଡ ଡବଲ୍ସ ଅଭିଯାନ ଆରମ୍ଭ କରିଛନ୍ତି ଜ୍ୟୋତ୍ସ୍ନା ଚିନାପ୍ପା। ହରିନ୍ଦର ପାଲ ସିଂ ସାନ୍ଧୁଙ୍କ ସହିତ ମିକ୍ସଡ ଡବଲ୍ସ ଖେଳୁଥିବା ବେଳେ ଉଭୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଶ୍ରୀଲଙ୍କାର ୟେହେନି କୁରୁପ୍ପୁ ଏବଂ ରବିନ୍ଦୁ ଲକ୍ସିରିଙ୍କୁ ୮-୧୧, ୧୧-୪ ଓ ୧୧-୩ରେପରାସ୍ତ କରିଥିଲେ। ପ୍ରଥମ ସେଟରେ ଭାରତୀୟ ଯୋଡି ସାମାନ୍ୟ ଖରାପ ପ୍ରଦର୍ଶନ କରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍ ଏକପାଖିଆ ରହିଥିଲା। ସିଙ୍ଗିଲ୍ସ ଇଭେଣ୍ଟର ପ୍ଲେଟ୍ ବର୍ଗରେ ଫାଇନାଲ ମ୍ୟାଚ୍ ଜିତିଛନ୍ତି ସୁନୟନା ସାରା କୁରୁଭିଲ୍ଲା। ଗୟାନାର ଫଙ୍ଗ ଏ ଫ୍ୟାଟଙ୍କୁ ୧୧-୭, ୧୩-୧୧ ଓ ୧୧-୨ ପରାସ୍ତ କରିଥିଲେ ଏହି ୨୩ ବର୍ଷୀୟା ଭାରତୀୟ ଖେଳାଳି।



ସେମିଫାଇନାଲ ପ୍ରବେଶରେ ଉଲ୍ଲସିତ ନିତୁ ଗଙ୍ଘାସ।

**ଲନ୍ ବୋଲ୍: ମହିଳା ଓ ମ୍ରିଦୁଲଙ୍କ ବିଜୟ**

ପ୍ରଥମ ଥର ପାଇଁ ଲନ୍ ବୋଲ ଇତିହାସରେ ଭାରତୀୟ ମହିଳା ୪ ଜଣିଆ ଦଳ ଇତିହାସ ରଚିଥିବା ବେଳେ ଭାରତୀୟ ମହିଳା ଯୋଡି ଓ ମ୍ରିଦୁଲ ବୋର୍ଗୋହେନ୍ ବିଜୟୀ ହୋଇଛନ୍ତି। ବୁଧବାର ମହିଳା ଯୋଡି ଲଭଲି ଚୌବେ ଓ ନାୟମୋନୀ ସାଇକିଆ ନିୟୁର ହିନା ରେରେଲ୍ଲି ଓ ଅଲିଭିଆ ବକିଙ୍ଗହାମଙ୍କୁ ୨୩-୬ରେ ପରାସ୍ତ କରିଛନ୍ତି। ରାଉଣ୍ଡ-୩ ମୁକାବିଲାରେ ଉଭୟ ଖେଳାଳି ଦକ୍ଷିଣ ଆଫ୍ରିକା ଦଳକୁ ଭେଟିବେ। ଉଭୟ ଲଭଲି ଓ ସାଇକିଆ ସ୍ୱର୍ଣ୍ଣ ବିଜୟୀ ଲନ୍ ବୋଲ୍ ଟିମ୍‌ର ସଦସ୍ୟ ରହିଥିଲେ। ସେହିପରି ପୁରୁଷ ସିଙ୍ଗିଲ୍ସ ବର୍ଗରେ ଦୁଇଟି ବିଜୟ ହାସଲ କରିଛନ୍ତି ମ୍ରିଦୁଲ୍ ବୋର୍ଗୋହେନ୍। ଫକାନ ଆଇଲାଣ୍ଡର ଲୋକ୍ ରାଇଟଙ୍କୁ ଏକପାଖିଆ ଭାବରେ ୨୧-୫ରେ ପରାସ୍ତ କରିଥିଲେ ମ୍ରିଦୁଲ୍। ଦ୍ୱିତୀୟ ମୁକାବିଲାରେ ସ୍କଟଲାଣ୍ଡର ଇଆନ୍ ମ୍ୟାକ୍‌ଲେନଙ୍କୁ ୨୧-୧୯ରେ ପରାସ୍ତ କରିଛନ୍ତି। ଇଆନ୍ ଆରମ୍ଭରୁ ୧୨-୬ରେ ଆଗୁଆ ରହିଥିଲେ। ହେଲେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୧୭-୧୭କୁ ଆଣି ମ୍ୟାଚ୍ ଜିତି ନେଇଥିଲେ ମ୍ରିଦୁଲ୍। ଗୁରୁବାର ସେ ପରବର୍ତ୍ତୀ ମୁକାବିଲା ରସ୍ ଡେଭିସଙ୍କ ବିପକ୍ଷରେ ଖେଳିବେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪୨ | ୩୪ | ୩୪ | ୧୧୦ |
| ଇଂଲଣ୍ଡ | ୩୫ | ୩୪ | ୨୪ | ୯୩ |
| ନ୍ୟୁଜିଲାଣ୍ଡ | ୧୪ | ୮ | ୭ | ୨୯ |
| କାନାଡ଼ା | ୧୨ | ୧୭ | ୧୯ | ୪୬ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୭ | ୧୮ |
| **ଭାରତ** | **୫** | **୫** | **୫** | **୧୫** |
| ସ୍କଟଲାଣ୍ଡ | ୪ | ୮ | ୧୬ | ୨୮ |
| ୱେଲ୍ସ | ୩ | ୨ | ୮ | ୧୩ |
| ମାଲେସିଆ | ୩ | ୨ | ୩ | ୮ |
| ନାଇଜେରିଆ | ୩ | ୧ | ୪ | ୮ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ବୁଧବାର ରାତି ୧୧ଟା ସୁଦ୍ଧା)

## ଶ୍ରୀଲଙ୍କାର ଦୁଇ ଆଥଲେଟ୍ ନିଖୋଜ

**ବର୍ମିଂହାମ୍,୩।୮ (ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡାଗ୍ରାମରୁ ଦୁଇ ଜଣ ଶ୍ରୀଲଙ୍କା ଆଥଲେଟ ଓ ଜଣେ ମ୍ୟାଚ ଅଫିସିଆଲ ନିଖୋଜ ହୋଇ ଯାଇଛନ୍ତି। ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କା ପକ୍ଷରୁ ୧୬୧ ଜଣିଆ ଦଳ ପଠାଯାଇଥିବା ବେଳେ ସେଥିମଧ୍ୟରେ ୫୧ ଜଣ ସପୋର୍ଟ ଷ୍ଟାଫ୍ ରହିଥିଲେ। ଏହି ଘଟଣା ପରେ ସମସ୍ତ ଖେଳାଳିଙ୍କୁ ନିଜର ପାସପୋର୍ଟ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଉ ଏଭଳି ଘଟଣାର ପୁନରାବୃତ୍ତି ନଘଟେ ସେଥିପାଇଁ ଏଭଳି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଶ୍ରୀଲଙ୍କା ଜୁଡୋ ଦଳରେ ଜଣେ ପୁରୁଷ ଏବଂ ଦୁଇ ଜଣ ମହିଳା ଆଥଲେଟ ରହିଛନ୍ତି। ନିଖୋଜ ଆଥଲେଟ ଜଣକ ମହିଳା ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ସହିତ ନିଖୋଜ ଅଫିସିଆଲ ଜଣକ ଜୁଡୋ ଟିମର ମ୍ୟାନେଜର ବୋଲି କୁହାଯାଇଛି।

## ଓଡ଼ିଶା ୟେଲୋ, ଭାଓଲେଟ୍ ବିଜୟୀ

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଏବଂ ଓଡ଼ିଶା ଭାଓଲେଟ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଭାଓଲେଟ ୩ ଉଇକେଟରେ ଓଡ଼ିଶା ପର୍ପଲକୁ ପରାସ୍ତ କରିଛି। ଓଡ଼ିଶା ପର୍ପଲ ୨୦ ଓଭରରେ ୯ ଉଇକେଟ ହରାଇ ୮୦ ରନ୍ କରିଥିବାବେଳେ ଭାଓଲେଟ୍ ୧୮.୫ ଓଭରରେ ୭ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ୩୨ ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବା ଭାଓଲେଟ ଦଳର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ବିଧାୟକ ପ୍ରଶାନ୍ତ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୟେଲୋ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ୪୨ ରନ୍‌ରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଥିଲା। ୫୫ ବଲ୍‌ରୁ ଦ୍ରୁତ ୮୯ ରନ୍ କରିଥିବା ୟେଲୋ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ପ୍ରଦାନ କରିଥିଲେ।

## କିଶୋର କ୍ଲବ ୪-୦ରେ ବିଜୟୀ

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ କିଶୋର କ୍ଲବ ୪-୦ ଗୋଲରେ ଲାଲବାଗ୍ କ୍ଲବକୁ ପରାସ୍ତ କରିଛି। କିଶୋର କ୍ଲବ ପକ୍ଷରୁ ସ୍ୱାଧୀନ ବଧାଇ ୭୪ ଓ ୭୬ ମିନିଟ୍‌ରେ ୨ଟି ଏବଂ ଅଙ୍କିତ ବେହେରା ୪୯ ଓ ପ୍ରଭାତ ଦନସନା ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ ଓ ରାଧାରମଣ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଦ୍ୱିତୀୟ ସ୍ଥାନରେ ସୂର୍ଯ୍ୟକୁମାର

**ଦୁବାଇ,୩।୮ (ପି.ଟି):** ଭାରତୀୟ ଟପ୍ ଅର୍ଡର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତିମ ମୁକାବିଲାରେ ଶତକ ହାସଲ କରିଥିବା ଯାଦବ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ୭୬ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସ୍ ବଳରେ ଦୁଇ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଟପ୍ ର୍ୟାଙ୍କ୍‌ରେ ଥିବା ବାବର ଆଜମ୍‌ଙ୍କଠାରୁ ମାତ୍ର ଦୁଇ ପଏଣ୍ଟ ପଛରେ ରହିଛନ୍ତି। ପ୍ଲେୟର ଅଫ୍ ଦ ମ୍ୟାଚ୍ ରହିଥିବା ଯାଦବଙ୍କ ରେଟିଂ ପଏଣ୍ଟ ୮୧୬ ରହିଛି। ସାଉଥ୍ ଆଫ୍ରିକା ବ୍ୟାଟ୍ସମ୍ୟାନ ରିଜା ହେଣ୍ଡ୍ରିକ୍ସ ୩ଟି ମ୍ୟାଚ୍‌ରୁ ୩ଟି ଅର୍ଦ୍ଧଶତକ ହାସଲ କରିବା ସହିତ ର୍ୟାଙ୍କିଙ୍ଗ୍ ତାଲିକାରେ ଉପରକୁ ଉଠିଛନ୍ତି।

## ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି୨୦ ଖେଳିବ ଭାରତ

**ନୂଆଦିଲ୍ଲୀ, ୩।୮ (ପି.ଟି.):** ଆଗକୁ ଟି୨୦ କ୍ରିକେଟ ବିଶ୍ୱକପ୍ ଆସୁଥିବାରୁ ଏହାର ଡ୍ରେସ୍ ରିହର୍ସାଲ ସ୍ୱରୂପ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୬ଟି ଟି୨୦ ମ୍ୟାଚ୍ ଖେଳିବ। ଆଉ ଏକ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୦ ଓଭର ବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ଶିଖର ଧାୱନ ଦିନିକିଆ ସିରିଜରେ ଭାରତୀୟ ଦଳର ନେତୃତ୍ୱ ନେବେ। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ ସେପ୍ଟେମ୍ବର ୨୦ରେ ମୋହାଲିଠାରେ ଅନୁଷ୍ଠିତ ହେବ। ୨୩ରେ ଦ୍ୱିତୀୟ ଟି୨୦ ନାଗପୁର ଏବଂ ୨୫ରେ ତୃତୀୟ ମ୍ୟାଚ୍ ହାଇଦ୍ରାବାଦ୍‌ରେ ଖେଳାଯିବ। ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ସେପ୍ଟେମ୍ବର ୨୮ରେ ଆରମ୍ଭ ହେବ। ପ୍ରଥମ ଟି୨୦ ଥିରୁଭାନନ୍ତପୁରମ୍‌ଠାରେ ଖେଳାଯିବା ପରେ ଦ୍ୱିତୀୟ ଟି୨୦ ଅକ୍ଟୋବର ୨ରେ ଗୁଆହାଟୀ ଏବଂ ତୃତୀୟ ମ୍ୟାଚ୍ ଇନ୍ଦୋରରେ ୪ ତାରିଖରେ ଅନୁଷ୍ଠିତ ହେବ। ଅକ୍ଟୋବର ୬ରୁ ଦିନିକିଆ ସିରିଜ ଆରମ୍ଭ ହେବ। ଲକ୍ଷ୍ନୌ, ରାଞ୍ଚି ଓ ଦିଲ୍ଲୀରେ ମ୍ୟାଚ୍‌ଗୁଡ଼ିକ ଯଥାକ୍ରମେ ୬, ୯ ଓ ୧୧ ତାରିଖରେ ଖେଳାଯିବ।




*Basis Global NCAP safety rating for adult occupant protection. Hatchback refers to cars with 2 box body shape, length less than 4m & petrol engine less than 1.2L. **Terms & Conditions Apply. All features shown are not available in all variants and vary for different variants.#Ex-showroom price (Delhi).
BHUBANESWAR: Dion Automotives: 7506018735, Trupti Enterprises: 7506018747. Gugnani Autocars: 9619127347. CUTTACK: Gugnani Autocars: 7506018750. Dion Automotives: 7506018735. NAYAGARH: Trupti Enterprises: 9152102480. PATRAPARA: Trupti Enterprises: 7506018747. PATIA: Trupti Enterprises: 7506018747. PURI: Dion Automotives: 9152102460. KEONJHAR: Gugnani Autocars: 9152102472. PARADIP: Trupti Enterprises: 9152102516.BERHAMPUR: Dion Automotives: 9152102460. JAJPUR: Gugnani Autocars: 9152102472. CHANDIKHOL: Gugnani Autocars: 9152102472. KENDRAPARA: Trupti Enterprises: 9152102516. KHORDA: Trupti Enterprises: 9152102516.


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରି ଅଭିଯୋଗ: ୨ ଗିରଫ

**ଧର୍ମଶାଳା,୩ା୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ମିଲତନଗର ଅଞ୍ଚଳରୁ ଗାଡ଼ି ବ୍ୟାଟେରି ଓ ଟାୟାର ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ସେକ୍ କମରନ ଓ ପତିତପାବନ ପରିଡ଼ା। ମିଲତନଗରର ଅଞ୍ଚଳର ଜଣେ ଗାଡ଼ି ମାଲିକଙ୍କ ଘରୁ ୩ଦିନ ତଳେ ବ୍ୟାଟେରି ଓ ଟାୟାର ଚୋରି ହୋଇଥିବା ନେଇ ସମ୍ପୃକ୍ତ ମାଲିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୩୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

**ଧର୍ମଶାଳା,୩ା୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସମ୍ପୃକ୍ତ ଯୁବକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ବିଶ୍ୱଜିତ ମୁଦୁଲି(୨୦)। ବିଶ୍ୱଜିତ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ଯୁବକ ଅରାଜି ହେବା ସହ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୪୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବାଲିଚନ୍ଦ୍ରପୁର,୩ା୮(ସ୍ୱ.ପ୍ର.):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ବାଲିଚନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ୍ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ କୃତିବାସ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ପୂର୍ବତନ ସମ୍ପାଦକ ନିରଞ୍ଜନ ମହାନ୍ତି, ହିମାଂଶୁ ଶେଖର ବଳ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ମହାଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ଜେନା ଯୋଗଦାନ କରି ଶିଶୁମାନେ ବିଜ୍ଞାନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ମେଳାରେ ବିଦ୍ୟାମନ୍ଦିରର ପରିଚାଳନା ସମିତି ଉପସଭାପତି ଗୟାଧର ସାହୁ, କୋଷାଧକ୍ଷ ଉତ୍କଳ କୁମାର ବଳସାମନ୍ତ ଯୋଗ ଦେଇଥିଲେ। ୫୦୩ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ମେଳାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିରୀକ୍ଷକ ଭାବେ ବିଭିନ୍ନ କଲେଜ ଓ ସ୍କୁଲର ଅଧାପକ ଏବଂ ଶିକ୍ଷକ ଯୋଗଦାନ କରି ପ୍ରତିଯୋଗୀଙ୍କ ମେଧା ଆକଳନ କରିଥିଲେ। ଶେଷରେ ବିଦ୍ୟାମନ୍ଦିର ବରିଷ୍ଠ ଆଚାର୍ଯ୍ୟ ଦେବେନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫ଶହ ଏକର ଜମିର ଧାନ ଫସଲ ଉଜୁଡ଼ିଲା

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୩ା୮**

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ମରି ପଡ଼ିଛନ୍ତି ଶତାଧିକ ଜଳଚର ଜୀବ
- ପ୍ରଦୂଷଣ ନା ପୋକ ଦାୟୀ ତାହା ଅସ୍ପଷ୍ଟ
- କାରଣ ଖୋଜିଲେ କୃଷି ବିଭାଗ ଅଧିକାରୀ

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ମାନତିରା, ରାବଣା, ଅରାସାହି, ମଙ୍ଗଳପୁର, ଦଶମାଣିଆ, କେନ୍ଦୁଡିପି ଆଦି ଗ୍ରାମର ୫୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଗଛ ନଷ୍ଟ ହୋଇଛି। କେବଳ ଧାନ ଗଛ ନୁହେଁ ସମ୍ପୃକ୍ତ ଜମିରେ ମାଛ, କଙ୍କଡା ଆଦି ଶତାଧିକ ଜଳଚର ଜୀବ ମରି ପଡିଛନ୍ତି। ଲଗାଣ ବର୍ଷା ପରେ ପାର୍ଶ୍ୱବର୍ତ୍ତୀ ମଇଥାନ ଇସ୍ପାତ୍, ରୋହିତ ଫେରୋଟେକ୍, ନ୍ୟୁଭିଷ୍ଟା ଓ ଯାଜପୁର ସିମେଣ୍ଟର ପ୍ରଦୂଷିତ ଜଳ ପ୍ରଭାବରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷେ ଜିଲା କୃଷି ବିଭାଗ ପକ୍ଷରୁ ଜିଲା କୃଷି ଅଧିକାରୀ ବୈରାଗୀ ସେଠୀ, ବ୍ଲକ କୃଷି ଅଧିକାରୀ ବେଣୁଧର ପଣ୍ଡା, କୃଷି ନୀରିକ୍ଷକ ଶରତ ଚନ୍ଦ୍ର ନାଏକ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ପତ୍ର ସୁଡଙ୍ଗ ପୋକ ଯୋଗୁ ଫସଲ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦେଇଛନ୍ତି। ତେବେ ଏହାର ଅଧିକ କାରଣ ଜାଣିବା ପାଇଁ କୃଷି ବିଭାଗ ପକ୍ଷରୁ ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଏହାବାଦ୍ ରାସାୟନିକ ଦ୍ରବ୍ୟ ମିଶା ପାଣି ଯୋଗୁ ଜଳଚର ଜୀବଙ୍କ ମୃତ୍ୟୁ ହୋଇଛି ବୋଲି କୃଷି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହିକ୍ରମରେ ପୋକ ନା ବାୟୁ ଓ ଜଳ ପ୍ରଦୂଷଣ ଏଥିପାଇଁ ଦାୟୀ ସେ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ଜୁଲାଇ ଶେଷ ସପ୍ତାହରେ ଲଗାଣ ବର୍ଷା ହେବା ପରେ କ୍ଷେତରେ ରୁଆ ଧାନ ଗଛର ପତ୍ର ଶୁଖି ଯାଉଥିବା ଦେଖିବାକୁ ମିଳିଥିଲା। ଚାଷୀ ଏହା ଦେଖିବା ପରେ ମୁଣ୍ଡରେ ହାତ ଦେଇ ବସିଥିଲେ। ରୁଆ ବିହୁଡା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥିବା ଚାଷୀ ଏଭଳି ପରିସ୍ଥିତି ଦେଖି କୃଷି ବିଭାଗକୁ ଜଣାଇଥିଲେ। ଏହାବାଦ୍ ଚାଷୀମାନେ କାରଖାନାର ବର୍ଜ୍ୟଜଳ ପାଇଁ ଏଭଳି ଭାବେ ଚାଷ କ୍ଷତିଗ୍ରସ୍ତ



ହୋଇଥିବା ସନ୍ଦେହ କରିଥିଲେ। ମଇଥାନ ଇସ୍ପାତ୍ ଦୀର୍ଘଦିନ ଧରି ବନ୍ଦ ହେବା ପରେ ୨୦୨୧ରୁ ତାହା ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି। ଏହି କାରଖାନାର ବର୍ଜ୍ୟଜଳ ଉପଚାର ନ କରି ବାହାରକୁ ଛଡ଼ାଯାଉଥିବା କାରଣରୁ ଶତାଧିକ ଏକର ଜମିରେ କେମିକାଲ ମିଶା ପାଣି ମାଡ଼ିଯାଉଛି। ନିକଟରେ ଲଗାଣ ବର୍ଷା ହେବା କାରଣରୁ ମଇଥାନ ଇସ୍ପାତ୍ ସମେତ ରୋହିତ ଫେରୋଟେକ୍ ଏବଂ ନ୍ୟୁଭିଷ୍ଟା ଓ ଯାଜପୁର ସିମେଣ୍ଟର ବର୍ଜ୍ୟଜଳ ବହୁ ପରିମାଣରେ ବାହାରକୁ ଛଡା ଯାଇଥିଲା ବୋଲି ଚାଷୀମାନେ କହିଛନ୍ତି। ଏହାବାଦ୍ ସିମେଣ୍ଟ କମ୍ପାନୀର ଅତି ପ୍ରଦୂଷଣ ଫ୍ଲାଏ ଆସ୍, ସ୍ଲାଗ୍, କ୍ଲିଙ୍କର, କୋଲ, ଜିପସନ ଆଦି ଖୋଲା ସ୍ଥାନରେ ରଖାଯାଉଛି। ବର୍ଷା ହେଲେ ସେହି ବିଷାକ୍ତ ପାଣି ଚାଷ ଜମିରେ ମିଶୁଛି। ଏହାସହ ସାମାନ୍ୟ ପବନ ହେଲେ ବାୟୁ ପ୍ରଦୂଷଣ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିସବୁ କାରଣ ଯୋଗୁ ଶତାଧିକ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ସନ୍ଦେହ କରିଛନ୍ତି।

ମାନତିରା ଗ୍ରାମର ଚାଷୀ ଆନନ୍ଦ ମଲ୍ଲିକ କୁହନ୍ତି, ୨୦ ହଜାର ଟଙ୍କା ଋଣ କରି ୨ ଏକର ଜମିରେ ଧାନ ଚାଷ କରିଥିଲି। ଅମଳ ହେଲେ ଋଣ ଶୁଝିବା ସହ ବର୍ଷକର ଗୁଜୁରାଣ ମେଣ୍ଟାଇ ଥାଆନ୍ତି। କିନ୍ତୁ ସମସ୍ତ ଧାନ ଗଛ ପୋଡ଼ି ପାଉଁଶ ହେବାକୁ ବସିଛି। ଏଭଳି ପରିସ୍ଥିତିରେ ପରିବାର କେମିତି ଚଳିବ ସେ ନେଇ ଚିନ୍ତା ଘାରିଛି। ଚାଷୀ ପଦ୍ମନାଭ ପାଲ ଓ ବାବନ ମଲ୍ଲିକ କୁହନ୍ତି, ଚାଷ କରିଥିବା ସମସ୍ତ ଫସଲ ନଷ୍ଟ ହୋଇ ଯାଇଛି। ଏଭଳି ପରିସ୍ଥିତିରେ ପରିବାର ପ୍ରତିପୋଷଣ କିଭଳି ହେବ ସେ ନେଇ ଦିନରାତି ଚିନ୍ତାରେ ଅଛି। କାରଖାନା ପ୍ରଦୂଷଣ ପାଣି ସେମାନଙ୍କୁ ତଳିତଳାନ୍ତ କରି ଦେଇଛି ବୋଲି ଚାଷୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଚାଷୀମାନଙ୍କଠାରୁ ଏଭଳି କୌଣସି ଅଭିଯୋଗ ସେମାନେ ପାଇନାହାନ୍ତି। ଉପରୋକ୍ତ ଗାଁ ନିକଟରେ ରହିଥିବା କାରଖାନାଗୁଡ଼ିକ ଆବଶ୍ୟକ ଗାଇଡ୍‌ଲାଇନ ମାନି ବାହାରକୁ ଜଳ ନିଷ୍କାସନ କରୁଛନ୍ତି। ତେବେ ନିକଟରେ ବର୍ଷା ହୋଇଥିବାରୁ ପ୍ରଦୂଷଣ ପାଣି ବାହାରକୁ ଯାଇଥାଇପାରେ। ଏନେଇ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଏଏସ୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

**ବାଲିପାଟଣା,୩ା୮(ଡି.ଏନ୍.ଏ.)**

**ମାମଲା ରଫାଦଫା ପାଇଁ ନେଉଥିଲେ ୫ ହଜାର ଲାଞ୍ଚ**

ବାଲିପାଟଣା ଥାନା ଏଏସ୍‌ଆଇ ପୁଷ୍ପଲତା ପାଇକରାୟ ଏକ ଗଣ୍ଡଗୋଳ ମାମଲାକୁ ରଫାଦଫା କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ବୁଧବାର ଗିରଫ ହୋଇଛନ୍ତି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସୂଚନା ମୁତାବକ, ଏହି ଥାନା ଅଧୀନ କଣ୍ଟାପଡ଼ା ଗ୍ରାମର ନୃସିଂହ ସେନାପତି ଏକ ମାର୍‌ପିଟ ଘଟଣାର ସମାଧାନ କରିବାକୁ ଏଏସ୍‌ଆଇ ପାଇକରାୟଙ୍କୁ କହିଥିଲେ। ହେଲେ ଏଥିପାଇଁ ଏଏସ୍‌ଆଇ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ନୃସିଂହ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଭିଜିଲାନ୍ସ ଡିଏସ୍‌ପି ଅମିତା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏଏସ୍‌ଆଇ ପାଇକରାୟଙ୍କ ଘର ବାହାରେ ରହିଥିଲେ। ଏଏସ୍‌ଆଇ ତାଙ୍କ ସରକାରୀ ବାସଭବନରେ ନୃସିଂହଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଏସ୍‌ଆଇଙ୍କୁ ଗିରଫ କରି ଭୁବନେଶ୍ୱର ନେଇଯିବା ସହ କିଛି ଦସ୍ତାବିଜ ମଧ ଭିଜିଲାନ୍ସ ଟିମ୍ ପାଇଛି।

# ଟିପ୍ପରର ଧକ୍କାରେ ମା’, ଝିଅଙ୍କ ମୃତ୍ୟୁ



ଭାରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଛି।

**ଧର୍ମଶାଳା/ଚଢ଼େଇଧରା, ୩ା୮(ଡି.ଏନ.ଏ.)**

**ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଥିବା ଚର୍ଚ୍ଚା**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ବୁଧବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ଟିପ୍ପର ଧକ୍କାରେ ସ୍କୁଟିରେ ଆସୁଥିବା ମା’, ଝିଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ସିର୍ଭିକା ଚକ୍ରବର୍ତ୍ତୀ(୪୭)ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ(୨୬)। ଉଭୟ କେନ୍ଦ୍ରାପଡ଼ା ଜିଲାର ଏକ ଗାଁକୁ ଶୁଦ୍ଧି କ୍ରିୟାରେ ଯୋଗଦେବାକୁ ଯାଇ ଫେରୁଥିଲେ। ଏହି ସମୟରେ ବରଡ଼ାଛକ ନିକଟରେ (ଓଆର୍‌-୧୬-ଡି-୬୪୦୮) ବିଶିଷ୍ଟ ୬ ଚକିଆ ଟିପ୍ପର ଡୁବୁରୀ ଅଭିମୁଖେ ଯାଉଥିବାବେଳେ ବରଡ଼ା ଗଳିପୋଲଠାରୁ କିଛି ଦୂରରେ ମା, ଝିଅଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସ୍କୁଟି ଭାଙ୍ଗି ରୁଜି ନଷ୍ଟ ହୋଇଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟିପ୍ପରଟି ମଧ ସେଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣା ପଛରେ ସୁଚିନ୍ତିତ ଷଡ଼ଯନ୍ତ୍ର ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଉକ୍ତ ଗାଡ଼ି ଚାଳକଙ୍କ ସହିତ ବରଡ଼ା ପୂର୍ବବର୍ତ୍ତୀ ଆରୁହା ଛକଠାରେ ମା’ଝିଅଙ୍କ ସାଇଡ୍ ମରାକୁ କେନ୍ଦ୍ରକରି ଉଚ୍ଚବାଚ ହୋଇଥିଲା। ପରେ ସ୍ଥାନୀୟ ଲୋକଙ୍କ ଜରିଆରେ ଆପୋସ ସମାଧାନ ସହ ଚାଳକକୁ କିଛି ଲୋକ ବୁଝାଶୁଝା କରିଥିଲେ। ତେଣୁ ରାଗ ରଖି ଡ୍ରାଇଭାର ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିବା କୁହାଯାଉଛି। ସିର୍ଭିକା ସୁକିନ୍ଦା ବ୍ଲକରେ ଏମ୍‌ବିକେ ଥିବାବେଳେ ଝିଅ ସୋନାଲି ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଦୁର୍ଘଟଣାପରେ ସେଠାରେ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ପୋଲିସ ଭିଡ଼ ନିୟନ୍ତ୍ରଣ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ପୋଲିସ ଘଟଣାର ଉଚିତ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଦରଦାମ ବୃଦ୍ଧି ନେଇ ୫ରେ କଂଗ୍ରେସର ବିକ୍ଷୋଭ

**ଯାଜପୁର ଟାଉନ,୩ା୮(ଡି.ଏନ.ଏ.)**

ଦରଦାମ ବୃଦ୍ଧିକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ରାଜ୍ୟର ସମସ୍ତ ଜିଲାରେ ଆଗାମୀ ୫ ତାରିଖ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହିକ୍ରମରେ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟବହାର ଜିନିଷ ମୂଲ୍ୟ ବିଗତ ରେକର୍ଡକୁ ଅତିକ୍ରମ କରିଯାଇଛି। ଜନ ସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏଥି ମଧ୍ୟରେ ସରକାର ମାଛ, ଗୁଡ, ଅଟା, ଚୂଡା, ମୁଢ଼ି ଓ ଖଇରେ ଜିଏସଟି ବୃଦ୍ଧି କରି ଗରିବ ଜନ ସାଧାରଣଙ୍କ ଉପରେ ବୋଝ ଲଦି ଦେଇଛନ୍ତି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଛି। ଜିଲା କଂଗ୍ରେସ କମିଟି, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ. ଦଳିତ ସେଲ, ମହିଳା କଂଗ୍ରେସ କମିଟିର ସଦସ୍ୟ ସହ ସମସ୍ତ କର୍ମକର୍ତ୍ତାଙ୍କୁ ବିକ୍ଷୋଭରେ ଉପସ୍ଥିତ ରହିବା ପାଇଁ ସନ୍ତୋଷ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ନିବେଦନ କରିଛନ୍ତି।

## ଟ୍ରାକ୍ଟର ଓଲଟି ଚାଳକ ମୃତ



**ଯାଜପୁର ରୋଡ୍,୩ା୮(ଡି.ଏନ.ଏ.)**

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ବ୍ୟାସସରୋବର ଜଗନ୍ନାଥ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ବୁଧବାର ସକାଳେ ସ୍ଥାନୀୟ ଆଦିବାସୀ ସାହିରେ ଉତ୍ତେଜନା ଦେଖାଦେଇଥିଲା। ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତକ ହେଲେ ସ୍ଥାନୀୟ ଜଗନ୍ନାଥ ବସ୍ତି ଅଞ୍ଚଳର ନିର୍ଗୁଲ ଚାମ୍ପିଆ(୨୯)। ମଙ୍ଗଳବାର ରାତିରେ ଓଡି-୩୪-କେ-୯୨୮୪ ନମ୍ବର ବିଶିଷ୍ଟ ଟ୍ରାକ୍ଟରକୁ ନେଇ ନିର୍ଗୁଲ ମୋରମ ପାଇଁ ଏକ ବେଆଇନ ଖାଦାନକୁ ଯାଇଥିଲେ। ତେବେ କୌଣସି କାରଣରୁ ଟ୍ରାକ୍ଟରଟି ମୋରମ ଖାଦାନ ତଳକୁ ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ନିର୍ଗୁଲ ଚାପି ହୋଇଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ଶ୍ରମିକ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାକୁ ଲୁଚାଇବା ପାଇଁ ଟ୍ରାକ୍ଟରକୁ ଏହାର ମାଲିକ ଘଟଣାସ୍ଥଳରୁ ପ୍ରାୟ ୪ କି.ମି. ଦୂରକୁ ସ୍ଥାନାନ୍ତରିତ କରିଦେଇଥିଲେ। ଏହି ଦୁର୍ଘଟଣା ରାତିରେ ମୋରମ ଚୋରା ଚାଲାଣ ହେତୁ ଘଟିଥିବା ଲୋକେ ଆଲୋଚନା କରୁଛନ୍ତି। ଯାଜପୁର ରୋଡ୍ ପୋଲିସ ଏ ନେଇ ନଂ.୪୦୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଟ୍ରାକ୍ଟର ମାଲିକ ସମ୍ପୃକ୍ତ ଚାଳକଙ୍କ ଶୁଦ୍ଧି କ୍ରିୟା ପାଇଁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କା ଦେଇଛନ୍ତି। ୧୦ ଦିନ ମଧ୍ୟରେ ଆଉ ୭୦ ହଜାର ଟଙ୍କା ଦେବେ ବୋଲି ଥାନାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ନଦୀରେ ବୁଡ଼ି ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୩ା୮(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ଓରଡ଼ ଗ୍ରାମରେ ବୁଧବାର ସନ୍ଧ୍ୟାରେ ନିକଟସ୍ଥ ଏକ ନଦୀକୁ ଯାଇଥିବାବେଳେ ଗୋଡ଼ ଖସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏଡି ଥାନା ଅନ୍ତର୍ଗତ କୁହୁଡି ଛକଡିପୁରର ପ୍ରଦୀପ ଶାସମଲଙ୍କ ପୁଅ ଆଶିଷ (୧୪)। ସେ ଚଣ୍ଡେଶ୍ୱର ନିକଟସ୍ଥ ପାରିଓରଡ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ଓରଡ ଗ୍ରାମରେ ଥିବା ଏକ କୋଚିଂ ସେଣ୍ଟରକୁ ଆଶିଷ ଟିଉଶନ କରିବାକୁ ଯାଇଥିଲେ। ହେଲେ ପରେ ସେ ନିକଟସ୍ଥ ସାତଶଙ୍ଖ ନଦୀ ହୁଳହୁଳା ଗଣ୍ଡକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଟିଉଶନକୁ ନ ଫେରିବାରୁ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହ ଆଶିଷଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ରଘୁନାଥପୁର ନିକଟ ନଦୀରେ ଆଶିଷଙ୍କୁ ପାଇଥିଲେ। ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ପଠାଇଛି।

## ରାଜପଥ କଡ଼ରେ ମରି ପଡ଼ିଥିବା ଷଣ୍ଢର ସତ୍କାର

**ଯାଜପୁରସଦର,୩ା୮(ଡି.ଏନ୍.ଏ.)**

କୁଆଖିଆ-ଯାଜପୁର ଟାଉନ୍ ୨୦ନଂ.ଜାତୀୟ ରାଜପଥର ବରୁଆଁଛକ ନିକଟରେ ରାସ୍ତାକଡ଼ରେ ୪ଦିନ ହେଲା ମରି ପଡ଼ିଥିବା ଷଣ୍ଢର ସତ୍କାର କରାଯାଇଛି। ବରୁଆଁଛକ ବଣିଜସଂଘ ସଭାପତି ତଥା ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ପରିଡ଼ା ସ୍ଥାନୀୟ ଯୁବକଙ୍କ ସହାୟତରେ ଷଣ୍ଢର ସତ୍କାର କରିଛନ୍ତି। ଷଣ୍ଢ ମରିଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଦୁର୍ଗନ୍ଧ ଯୋଗୁ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହିତ ଗାଡିଚାଳକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ବିଞ୍ଝାରପୁର,୩ା୮(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉଉରକୁଳ ପଞ୍ଚାୟତସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବୁଧବାର ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧକ୍ଷ ଯତୀନ କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ବୃକ୍ଷ ହିଁ ଜୀବନ ମତବ୍ୟକ୍ତ କରିବା ସହିତ ଚାରାରୋପଣ, ବୃକ୍ଷର ମହତ୍ତ୍ୱ ଓ ବନ ମହୋତ୍ସବର ମୂଳ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଯୋଗଦେଇ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ବ୍ୟାପକ ଚାରାରୋପଣ କରି ଆଗାମୀ ଭବିଷ୍ୟତ ପାଇଁ ଏକ ବିଶାଳ ଉଦାହରଣ ସୃଷ୍ଟି କରି ପାରିବେ ବୋଲି ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ପରିସରରେ ସମୁଦାୟ ୧୫୦ ଚାରାରୋପଣ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ଚାରାରୋପଣ କରିଛନ୍ତି ସେମାନେ ତାହାର ଯତ୍ନନେବେ ବୋଲି ପ୍ରତିଶ୍ରୁତିଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପ୍ରୀତିକ୍ରୀଷ୍ଣା ନାଥ, ପ୍ରଫୁଲ୍ଲ ବେହେରା, ଶିକ୍ଷାବିତ କ୍ଷୀରୋଦ କୁମାର ମଲିକ, ସିଆର୍‌ସିସି ଅକ୍ଷୟ କୁମର ଧଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।



ବନମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବରିଷ୍ଠ ନାଗରିକଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସେବା

**ଯାଜପୁର ଟାଉନ,୩ା୮(ଡି.ଏନ.ଏ.)**

ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଏକ ଯୋଜନା ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳନା କରାଯାଇଛି। ବୁଧବାର ଯାଜପୁର ମାନସପୋଲଠାରେ ଏହି କାର୍ଯ୍ୟକମର ଉଦ୍‌ଘାଟନ କରାଯାଇଛି। ଏହାର ମୁଖ୍ୟ ସଂଯୋଜକ ଯାଜପୁର ଜିଲାର ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନାବରଣରେ ଏଡିଏମ୍ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଏଡିପିଏଚ୍‌ଓ (ଡି.ସି) ଡାକ୍ତର ଉମେଶ ଚନ୍ଦ୍ର ମଲ୍ଲିକ, ରବୀନ୍ଦ୍ରନାଥ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୁଳମଣି ପତି, ଅବସରପ୍ରାପ୍ତ ତହସିଲଦାର ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିରଜା ସ୍କୁଲ ଅଫ୍ ନର୍ସିଂ ପରିସରରେ ଏକ ଚିକିତ୍ସା ଶିବିର



ଭ୍ରାମ୍ୟମାଣ ଚିକିତ୍ସା ସେବାର ଶୁଭାରମ୍ଭ କରାଯାଉଛି।

ଅନୁଷ୍ଠିତ ହୋଇଥିଲା। ଏଥିରେ ନବନିଯୁକ୍ତ ମୋବାଇଲ ମେଡିକେୟାର ୟୁନିଟ୍‌ର ଡାକ୍ତର ଅନିତା ସାହୁ, ସଂଯୋଜକ ସଚ୍ଚିଦାନନ୍ଦ ମିଶ୍ର, ନର୍ସ ସୁଚରିତା ମିଶ୍ର ଉପସ୍ଥିତ ରହି ୪୨ ଜଣ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ସମ୍ପାଦକ ପରେଶ ମଲ୍ଲିକ, ନର୍ସିଂ କଲେଜ୍‌ର ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର ଏହାକୁ ପରିଚାଳନା କରିଥିଲେ। ମନୋରଞ୍ଜନ ସାହୁ, ଗୀତାଞ୍ଜଳି ନାୟକ, ଅଭୟ ଜେନା, ବନ୍ଦିତା ନାୟକ, ପୁଷ୍ପଲତା ମହାନ୍ତି, ସଞ୍ଜିତା ନାୟକ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଭାଜପା କାର୍ଯ୍ୟକାରିଣୀ ବୈଠକ

ଭାପୁର,୩।୮(ଡି.ଏନ.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକ ଭାଜପା କରବର ମଣ୍ଡଳ କାର୍ଯ୍ୟକାରିଣୀ ମାରଡାସ୍ଥିତ ଭଙ୍ଗାରିକାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲା ମହିଳା ସଭାପତି ଇଂ.ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀରେ ମଣ୍ଡଳ ସଭାପତି ସୁନୋଜ ଧଳ ଅଧକ୍ଷତା କରିଥିଲେ । ବୈଠକରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ଭାଜପା ପ୍ରଭାରୀ ପ୍ରଶନ୍ନ କୁମାର ଦାଶ ଓ ଜିଲା ପ୍ରତିନିଧି ଡ.ହରିହର ଦାଶ ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହରଘର ତ୍ରିରଙ୍ଗା ଅଭିଯାନ ପାଇଁ ସେଠାରେ ଉପସ୍ଥିତ ଜନସାଧାରଣ ଓ କର୍ମୀମାନଙ୍କୁ ତ୍ରିରଙ୍ଗା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକାରିଣୀ ବୈଠକରେ ଭାପୁର ମଣ୍ଡଳ ସଭାପତି କାର୍ତ୍ତିକ ନାୟକ , ଜିଲା ପ୍ରତିନିଧି ପ୍ରକାଶ ବାହିନୀପତି ,ଉପସଭାପତି ମଧୁସୂଦନ ପଣ୍ଡା ,ରବିନ୍ଦ୍ର ସାହୁ ,ଦୋଳ ଗୋବିନ୍ଦ ସାହୁ, ବିଭୂତି ଭୂଷଣ ଷଡ଼ଙ୍ଗୀ ,ମନୋଜ କୁମାର ସ୍ୱାଇଁ ,ଆଇନଜୀବୀ ରାଜେଶ ସାମନ୍ତରାୟ, ପ୍ରଫୁଲ୍ଲ ସାହୁ ଓ ବଟକୃଷ୍ଣ ବିଶ୍ୱାଳ ଉପସ୍ଥିତ ଥିଲେ ।

### ପାଣିରେ ବୁଡ଼ି ମହିଳା ମୃତ

ଦଶପଲ୍ଲା,୩।୮(ଡି.ଏନ.ଏ.): ବୁଧବାର ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ପୋଖରୀ ହୁଡା ସାହିର ଜଣେ ମହିଳାଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି । ମୃତକ ହେଲେ ଉଜଳି ପରିଡା। ସେ ସକାଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବା ଦେଖି ପରିବାର ଲୋକ ପୋଖରୀକୁ ଖୋଜିବାକୁ ଯାଇଥିଲେ। ହେଲେ ସେତେବେଳେ ଉଜଳି ପାଣିରେ ଭାସୁଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ବୋମାମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା, ୩ ଗିରଫ

ଖଣ୍ଡପଡ଼ା,୩।୮(ସ୍ୱ.ପ୍ର.)-ଖଣ୍ଡପଡା ଥାନା ଅଧୀନ ବଡବୋଦସା ଗ୍ରାମରେ ରାଜନୈତିକ ହିଂସାରୁ ବୋମାମାଡ଼ ଘଟି ପ୍ରଶାନ୍ତ କୁମାର ତାରେଣିଆ(୩୩)ଙ୍କ ଗତ ଫେବୃୟାରୀ ୨୩ ତାରିଖ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ବାସୁଦେବ ପଢିଆରୀ, ବେଣୁଧର ପଢିଆରୀ ଓ ଦୀନବନ୍ଧୁ ପଢିଆରୀଙ୍କୁ ପୋଲିସ ମଙ୍ଗଳବାର ରାତିରେ ସ୍ଥାନୀୟ ଅଞ୍ଚଳରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ପୂର୍ବରୁ ଦୀପ୍ତିକାନ୍ତ ପଢିଆରୀ, ତୋଫାନ ପଢିଆରୀ, ବ୍ରହ୍ମାନନ୍ଦ ପଢିଆରୀ, ସଂଗ୍ରାମ ସାମନ୍ତରାୟଙ୍କ ସମେତ ଘଟଣାର ମୁଖ୍ୟ ଅଭିଯୁକ୍ତ ନରେଶ ମାଝିଙ୍କୁ ଗିରଫ କରିଥିଲା ।

# ଛତୁଆର ଗୁଣବତ୍ତାକୁ ନେଇ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ,୩।୮

- ଶିଶୁଙ୍କୁ ବଣ୍ଟନ ହେଉଥିବା ଛତୁଆରେ ବାଲି
- ଡିଏସ୍‌ଡବ୍ଲ୍ୟୁଓଙ୍କୁ ଫେରାଦ୍ ପରେ ସିଡିପିଓଙ୍କ ତଦନ୍ତ



ଛତୁଆରୁ ବାହାରିଥିବା ବାଲି।

ନୟାଗଡ଼ ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଥିବା ଛତୁଆର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଏହାର ମାନ ଭଲ ନ ଥିଲେ ମଧ ଏହାକୁ ଛୋଟ ଛୋଟ ଶିଶୁ ଓ ଗର୍ଭବତୀଙ୍କୁ ଦିଆଯାଉଛି। ମାଙ୍କପଲ୍ଲୀ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ବଣ୍ଟନ ହୋଇଥିବା ଛତୁଆ ବାଲିଆ ଲାଗିବା ପରେ ଏହାର ମାନ ନେଇ ସୃଷ୍ଟ ସନ୍ଦେହ ସତ୍ୟ ବୋଲି ପ୍ରମାଣିତ ହୋଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର କେତେଜଣ ଅଭିଭାବକ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲୁଓ)ଙ୍କୁ ବୁଧବାର ଫେରାଦ୍ ହୋଇଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲାରେ ରହିଛି ୧୫୮୪ ଅଙ୍ଗନୱାଡି କେନ୍ଦ୍ର। ଏଥିରୁ ଭାପୁର ବ୍ଲକରେ ୧୫୩, ଦଶପଲ୍ଲା ବ୍ଲକରେ ୨୨୯, ଗଣିଆ ବ୍ଲକରେ ୮୨, ଖଣ୍ଡପଡା ବ୍ଲକରେ ୧୬୯, ନୟାଗଡ଼ ବ୍ଲକରେ ୨୩୦, ନୂଆଗାଁ ବ୍ଲକରେ ୧୬୮, ଓଡଗାଁ ବ୍ଲକରେ ୨୩୦, ରଣପୁର ବ୍ଲକରେ ୩୨୩ କେନ୍ଦ୍ର ରହିଛି। ଜିଲାରେ ୬ମାସ ଠାରୁ ୩ ବର୍ଷର ଶିଶୁ ୧୫୮୪, ୩ରୁ ୬ ବର୍ଷର ଶିଶୁ ୩୧ ହଜାର ୬୭୨, ଗର୍ଭବତୀ ମହିଳା ଓ ପ୍ରସୂତି ମା ୧୨ ହଜାର ୨୬ ଏପରି ମୋଟରେ ୮୦ ହଜାର ୩୩୫ ଥିବା ସରକାରୀ ରେକର୍ଡ କହୁଛି। ଏମାନଙ୍କ ପାଇଁ ଯୋଗାଣ ହେଉଥିବା ଛତୁଆର ମାନ ଠିକ୍ ନୁହେଁ ବୋଲି ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଏନେଇ ଗଣିଆର ସୌଦାମିନୀ ନାୟକ କୁହନ୍ତି, ଛତୁଆ ସ୍ୱାଦିଷ୍ଟ ରହୁନି। ଏହା ଶିଶୁ ଓ ଗର୍ଭବତୀଙ୍କ ପାଇଁ ଆସୁଥିବାବେଳେ ଅଧିକାଂଶ ଏହାକୁ ନ ଖାଇ ଗୋରୁ ଗାଈଙ୍କୁ ଖାଇବାକୁ ଦେଉଛନ୍ତି। ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି। ଏଣୁ ଚୁପ ହୋଇ ରଖିବାକୁ ବାଧ୍ୟ ହେଉଛୁ। ରଣପୁରର ମନିଷା ସାହୁ କୁହନ୍ତି, ଗୁଣବତ୍ତା ନ ଥାଇ ଛତୁଆ ଶିଶୁ ଓ ଗର୍ଭବତୀଙ୍କୁ ଦେବା ଠିକ୍ ନୁହେଁ। ଛତୁଆ ଯେଉଁମାନେ ଖାଉଛନ୍ତି ତାହା କାମରେ ଲାଗିବନି। ଯଦି ସରକାର ଛତୁଆ ଦେଉଛନ୍ତି ତା'ହେଲେ କ୍ୱାଲିଟି ରଖୁ ନାହାନ୍ତି କାହିଁକି। ଓଡ଼ଗାଁର ରାମଚନ୍ଦ୍ର ସାହୁ କୁହନ୍ତି, ୨ ପ୍ରକାର ଛତୁଆ ଅସୁଛି। କ୍ୱାଲିଟି ଟେଷ୍ଟ ପାଇଁ ଉନ୍ନତମାନର ଛତୁଆ ଦେଇ ଗୁଣବତ୍ତା ହାସଲ କରାଯାଉଛି। ତେବେ ମାନ ଭଲ ନ ଥିବା ଛତୁଆ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଦେଇ ସେମାନଙ୍କୁ ରୋଗିଣା କରାଯାଉଛି। ଏହା କେତେଦୂର ଠିକ୍ ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ଯେଉଁ ଅଙ୍ଗନୱାଡି ଏହି ଛତୁଆ ଦେଉଛନ୍ତି ତାଙ୍କୁ ଖାଇବାକୁ ଦେଲେ ସେମାନେ ଖାଇବେନି ବୋଲି ସେ କହିଛନ୍ତି। ମାଙ୍କପଲ୍ଲୀର ଜଣେ ମହିଳା ନିଜ ନାମ ଗୋପନ ରଖି କହିଛନ୍ତି, ଛତୁଆ ବାଲିଆ ଲାଗିଲା। ଚଲାରେ ଚଲାଇବା ପରେ ବାଲି ବାହାରିଲା। ଜାଣି ଶୁଣି ନିମ୍ନମାନର ଛତୁଆ କିପରି ଛୋଟ ଶିଶୁଙ୍କୁ ଦେବୁ। ଗତ ମାସରେ ଛତୁଆରୁ ଗୋଡ଼ି ବାହାରିଥିଲା। ଏଣୁ ଛତୁଆର ମାନ ପରୀକ୍ଷଣ ପାଇଁ ଅତର୍କିତ ଭାବେ ଚଢ଼ାଉ କରାଯିବା ଦରକାର। ହେଲେ ଦୁର୍ନୀତିରେ ତଳୁ ଉପରସ୍ତର ପର୍ଯ୍ୟନ୍ତ ସାମିଲ୍ ଥିବାରୁ ମାଙ୍କପଲ୍ଲୀ ଛତୁଆ ପ୍ରସଙ୍ଗ ଶୀତଳ ଭଣ୍ଡାରକୁ ଚାଲିଯିବ। ଏହା କେବଳ ଲୋକ ଦେଖାଣିଆ ତଦନ୍ତ ହେଉଛି। ତଦନ୍ତ ଆରମ୍ଭରୁ ଚାପ ପଡିବା ଆରମ୍ଭ ହୋଇଗଲାଣି। ଏହାକୁ ଚପାଇ ଦେବାକୁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ମମତା ରାଣୀ ପାତ୍ର କୁହନ୍ତି, ମାଙ୍କପଲ୍ଲୀ ଛତୁଆରୁ ବାଲି ବାହାରିବା ଘଟଣାର ଲିଖିତ ଅଭିଯୋଗ ମିଳିନି। ତେବେ ମୌଖିକ ଅଭିଯୋଗ ରହିଛି। ନାଗଡ ସିଡିପିଓ ଏହାର ତଦନ୍ତ କରୁଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନେବି। ଅନ୍ୟ କେଉଁଠାରେ ଛତୁଆର ମାନ ନେଇ ଅଭିଯୋଗ ମିଳିନି ବୋଲି କହିଛନ୍ତି।

### ପୈତୃକ ସମ୍ପତ୍ତି ପାଇଁ ହତ୍ୟା ଘଟଣା, ୨ ଅଭିଯୁକ୍ତ ଗିରଫ

ଖଣ୍ଡପଡ଼ା,୩।୮(ସ୍ୱ.ପ୍ର.)

ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ୨୦୨୦ଜାନୁୟାରୀ ୨୫ରେ ବେଣାଗାଡିଆ ଗ୍ରାମର ପ୍ରମୋଦ ଦାସଙ୍କୁ ସମ୍ପର୍କୀୟମାନେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ । ଏହି ଘଟଣାରେ ପ୍ରମୋଦଙ୍କ ସ୍ତ୍ରୀ କଲ୍ୟାଣୀ ଦାସ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ୮ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତମାନେ ଗ୍ରାମ ଛାଡି ଫେରାର ହୋଇଯାଇଥିଲେ । ଏହି ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ବେଣାଗାଡିଆ ଗ୍ରାମର ଶିବ ବେହେରା ଓ ସନ୍ତୋଷ ଦାସଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମାଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି । ସୂଚନା ଯୋଗ୍ୟ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ପୂର୍ବରୁ ପ୍ରଦୀପ ଦାସଙ୍କୁ ଗିରଫ କରିଥିଲା ।

## ୭୫ କି.ମି. ପଦଯାତ୍ରା କରିବେ କଂଗ୍ରେସ କର୍ମୀ

ନୟାଗଡ଼ ଅଫିସ,୩।୮

- ୯ରୁ ଲଡୁବାବା ପୀଠରୁ ଶୁଭାରମ୍ଭ ହେବ ପଦଯାତ୍ରା
- ୧୦ରେ ସାମିଲ ହେବେ ପିସିସି ସଭାପତି

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ କଂଗ୍ରେସ କର୍ମୀମାନେ ଜିଲା ବ୍ୟାପୀ ୭୫ କି.ମି. ପଦଯାତ୍ରା କରିବେ। ଏଥିପାଇଁ ବୁଧବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପର୍ଯ୍ୟବେକ୍ଷକ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର,ପିସିସି ସମ୍ପାଦକ ହୁସେନ ଖାଁ,ବରିଷ୍ଠ ନେତା ସରୋଜ ପରିଡା, ବସନ୍ତ ମହାରଣା, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା ଜେନା, ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର,ସେବାଦଳ ସଂଯୋଜକ ବିମଳ ଦାଶ,ବ୍ଲକ ସଭାପତି ବୁଲୁ ପରିଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଗଷ୍ଟ ୯ କ୍ରାନ୍ତି ଦିବସ ଦିନ ଶରଣକୂଳ ଲଡୁବାବା ମନ୍ଦିର ନିକଟରୁ ଦଳୀୟ କର୍ମୀ ପଦଯାତ୍ରାରେ ଯାଇ ଗୋଡିପଡା ସ୍ଥିତ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ଶ୍ରୀଧର ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ୧୦ରେ ନୟାଗଡ଼ ଜଗନ୍ନାଥ ମନ୍ଦିରଠାରୁ ପଦଯାତ୍ରାକୁ ପିସିସି ସଭାପତି ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରା ନୟାଗଡ଼ ସହର ପରିକ୍ରମା କରି ଖୁଣ୍ଟୁବନ୍ଧ କାଳିଆଷଣ୍ଢ ଯାତ୍ରା ପଡିଆ ପର୍ଯ୍ୟନ୍ତ ଯିବ। ୧୧ରେ ନୂଆଗାଁ ବ୍ଲକ, ୧୨ରେ ରଣପୁର ଠାରେ ରଘୁଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଗୋପାଳପୁର ଯାଏ ଯିବ। ୧୩ରେ ଖଣ୍ଡପଡ଼ା ବ୍ଲକ ଏବଂ ୧୪ରେ ଦଶପଲ୍ଲା ମହାବୀର ମନ୍ଦିରରେ ପୂଜାର୍ଚ୍ଚନା କରି ପଦଯାତ୍ରା କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ନୟାଗଡ଼ ପାଇଁ ସରୋଜ ପରିଡା, ଖଣ୍ଡପଡ଼ା ପାଇଁ ହୁସେନ ଖାଁ, ରଣପୁର ପାଇଁ କମଳ ଚରଣ ସାହୁ ଏବଂ ଦଶପଲ୍ଲା ପାଇଁ ବସନ୍ତ ମହାରଣାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଶୁକ୍ରବାର ଖଣ୍ଡପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଧାମୁଳା ବେଆଇନ ବାଲିଘାଟ ଶାଗମାଛ ଦରରେ ନିଲାମ, ଅନେକ କୋଟି ଟଙ୍କା ଲାଞ୍ଚ କାରବାର ପ୍ରତିବାଦରେ ସତ୍ୟାଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ତାଲା

ନୟାଗଡ଼ ଅଫିସ,୩।୮

ନୟାଗଡ଼ ସହରର ରାଜବାଟୀ ପରିସରସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟରେ ତାଲା ଝୁଲିଥିବାରୁ ବିଦ୍ୟୁତ୍ ଗ୍ରାହକମାନେ ହନ୍ତସନ୍ତ ହୋଇଥିଲେ । ୧୭ ମାସର ଘର ଭଡା ୧ ଲକ୍ଷ ୩୬ ହଜାର ଟଙ୍କା ବାକି ପଡିବା ପରେ ରାଜ ପରିବାରର କର୍ମଚାରୀ କାର୍ଯ୍ୟାଳୟରେ ତାଲା ଝୁଲାଇ ଥିଲେ । ତେବେ ତାଲା ଝୁଲାଇବା ପୂର୍ବରୁ ଭଡା ଟଙ୍କା ଦେବାକୁ ବାରମ୍ବାର କୁହାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା ।

## ସଡ଼କ ଦୁର୍ଘଟଣାରେ ୨ ସାମାଜିକ କର୍ମୀ ମୃତ

ଦଶପଲ୍ଲା,୩।୮(ଡି.ଏନ.ଏ.)

ଦୁଇ ମୃତକଙ୍କ ନାମ ସନ୍ତୋଷ



୨ ସାମାଜିକ କର୍ମୀ(ଫାଇଲ ଫଟୋ)।

ଏକ ସଡ଼କ ଦୁର୍ଘଟଣାରେ ଦଶପଲ୍ଲା ଅଞ୍ଚଳର ୨ ସାମାଜିକ କର୍ମୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସନ୍ତୋଷ ତାରେଣିଆ ଏବଂ ସନ୍ତୋଷ ସାହୁ। ଏହି ଖବର ମିଳିବା ପରେ ଦଶପଲ୍ଲା ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଏକ କାରରେ ଉଭୟଙ୍କ ସହ ଅନ୍ୟଜଣେ ବ୍ୟକ୍ତି କୌଣସି କମାରେ ଯାଉଥିଲେ। ଗାଡ଼ିଟି ଖଜୁରୀପଡ଼ା ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦଶପଲ୍ଲା ଅନ୍ଧାରକୋଟ ଗ୍ରାମର ସନ୍ତୋଷ ତାରେଣିଆଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଆହତ ଦଶପଲ୍ଲା ଅନନ୍ତବିହାରର ସନ୍ତୋଷ ସାହୁଙ୍କୁ ପ୍ରଥମେ ଫୁଲବାଣୀ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଟ୍ରାକ୍ଟର ଓଲଟି ଯୁବକ ମୃତ

ନୂଆଗାଁ,୩।୮(ଡି.ଏନ.ଏ.)



ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡା ପଞ୍ଚାୟତ ବେଲବଣି ଗ୍ରାମରେ ମଙ୍ଗଳବାର ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୀନାଗାଡିଆ ଗ୍ରାମର ସଞ୍ଜୟ କୁମାର ପ୍ରଧାନ ଓରଫ ମୁନା (୩୫) । ସଞ୍ଜୟ ଟ୍ରାକ୍ଟର ନେଇ ବେଲବଣି ଗ୍ରାମରେ ଥିବା ଚାଷ ଜମିକୁ କାଦୁଅ କରିବା ପାଇଁ ଯାଇଥିଲେ । ହେଲେ ଟ୍ରାକ୍ଟରଟି କାଦୁଅରେ ଫସି ଯାଇଥିଲା । ଗାଡିଟିକୁ ବାହାର କରିବା ପାଇଁ ସେ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ । ସନ୍ଧ୍ୟା ହୋଇ ଆସୁଥିବାରୁ ସେ ବ୍ୟକ୍ତି ହୋଇ ଶେଷ ଚେଷ୍ଟା କରୁଥିଲେ । ହେଲେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ସଞ୍ଜୟ ଗାଡି ତଳେ ଥିବା କାଦୁଅରେ ଚାପି ହୋଇ ଯାଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଜେସିବିରେ ଟ୍ରାକ୍ଟର ଉଠାଇ ସଞ୍ଜୟଙ୍କୁ ବାହାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା ।

## ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ

ନୟାଗଡ଼ ଅଫିସ,୩।୮

କୃଷକ ଉତ୍ପାଦକ ସଙ୍ଗଠନ ଗଠନ ପାଇଁ ପ୍ରସ୍ତୁତି

କୃଷକ ଉତ୍ପାଦକ ସଙ୍ଗଠନ ଗଠନ ପାଇଁ କେନ୍ଦ୍ରୀୟ ଯୋଜନା ଅଧିନରେ ଥିବା ଜିଲାସ୍ତରୀୟ ମନିଟରିଂ କମିଟିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନାବାର୍ଡର ଜିଲା ଉନ୍ନୟନ ଅଧିକାରୀ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ପାଳନ, ମତ୍ସ୍ୟଜୀବୀ, କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ, ଜୀବିକା ମିଶନ, ନାଫେଡର ପ୍ରତିନିଧିମାନେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ଯୋଜନା ଅଧିନରେ ପ୍ରୋତ୍ସାହନ ପ୍ରାପ୍ତ କୃଷକ ଉତ୍ପାଦକ ସଙ୍ଗଠନର ଅଗ୍ରଗତି ଉପରେ ଜିଲାପାଳ ସମୀକ୍ଷା କରିଥିଲେ । ସେହିପରି କ୍ଲଷ୍ଟର ଆଧାରିତ ବ୍ୟବସାୟ ସଙ୍ଗଠନର ଭୂମି ସ୍ତରରେ ପ୍ରସ୍ତାବିତ କ୍ଷେତ୍ରଗୁଡିକର ପୁଙ୍ଖାନୁପୁଙ୍ଖ ସର୍ଭେ କରିବାକୁ ଓ କୃଷକଙ୍କ ଆୟ ବୃଦ୍ଧି ସମ୍ଭାବନାକୁ ଆକଳନ କରିବାକୁ ପରାମର୍ଶ ଦେଇଛନ୍ତି । କୃଷକମାନଙ୍କୁ ଯେପରି ଉପଯୁକ୍ତ ତାଲିମ ଦିଆଯିବ ସେନେଇ ଗୁରୁତ୍ୱାରୋପ କରିଥିଲେ । ଯୋଜନାର ସୁଫଳ ରୂପାୟନ ନିମନ୍ତେ ଲାଇନ ବିଭାଗର ଅଧିକାରୀମାନେ ନିଜର ମତାମତ ରଖିଥିଲେ । ପୁଣି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ମଧ ଆଲୋଚନା ହୋଇଥିଲା ।

## ଅନୁଧ୍ୟାନ କଲେ ଏଏସ୍‌ଆଇ ଅଧିକାରୀ

ପୁରୀ ଅଫିସ,୩।୮

ଶ୍ରୀମନ୍ଦିର ଗର୍ଭଗୃହରୁ ପ୍ଲାଷ୍ଟର ଖସିବା ଘଟଣା

ଶ୍ରୀମନ୍ଦିର ଗର୍ଭଗୃହର ରତ୍ନସିଂହାସନ ପଛପାର୍ଶ୍ୱ ଉପରି ଭାଗରୁ ପ୍ଲାଷ୍ଟର ଖସିବା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମଙ୍ଗଳବାର ରତ୍ନସିଂହାସନ ପରିକ୍ରମା ମାର୍ଗର ବାମପାର୍ଶ୍ୱ ଚନ୍ଦନ ଅର୍ଗଳିରେ ପ୍ରଭୁ ବଳଭଦ୍ରଙ୍କ ପଛପଟେ ପ୍ରାୟ ଦେଢ଼ କେଜି ଓଜନର ଏହି ପ୍ଲାଷ୍ଟର ଖଣ୍ଡ ଖସିଛି। ତେବେ ସୌଭାଗ୍ୟବଶତଃ ବଡ଼ ଠାକୁର ବଳଭଦ୍ରଙ୍କ ଶ୍ରୀଅଙ୍ଗ ପ୍ରତି କୌଣସି କ୍ଷତି ଘଟିନାହିଁ। ଏ ନେଇ ବୁଧବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଏଏସ୍‌ଆଇର ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଛନ୍ତି।

ସୂଚନା ଅନୁଯାୟୀ, ମନ୍ଦିରର ରକ୍ଷଣାବେକ୍ଷଣ ସହ ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଦାୟିତ୍ୱ ଦିଆଯାଇଛି। ଗତ ରଥଯାତ୍ରାବେଳେ ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ କରାଯାଇଥିଲା। ଏବେ ଚନ୍ଦନ ଅର୍ଗଳିରେ ପ୍ଲାଷ୍ଟର ଖଣ୍ଡ ଖସିବା ଏଏସ୍‌ଆଇର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରାଥମିକ ସୁରକ୍ଷା ଦେବା ଦରକାର ବୋଲି ଶ୍ରୀମନ୍ଦିର ଚୂନରା ସେବାୟତ ଶରତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ସ୍ଥିତି ପରଖିବା ପରେ ଏଏସ୍‌ଆଇ ସଂରକ୍ଷଣ ଅଧିକାରୀ ପ୍ରଧାନ କହିଛନ୍ତି, ବଳଭଦ୍ରଙ୍କ ପଛପାର୍ଶ୍ୱରେ ଏକ ପ୍ଲାଷ୍ଟର ଛାଡ଼ିଛି। ସେହି ପ୍ଲାଷ୍ଟରର ମୋଟେଇ ଅଧିକ ଥିବାରୁ ଏହା ଏକରୁ ଦେଢ଼ କିଲୋ ଓଜନର ହେବ ବୋଲି ଅନୁମାନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, କୌଣସି ପଥର ଖସିନାହିଁ। ଆର୍ଦ୍ରତା କାରଣରୁ ବଳଭଦ୍ରଙ୍କ ସିଂହାସନ ପଛକାନ୍ଥରୁ ୨ଫୁଟ୍ ଲମ୍ବର ଚୂନ ପ୍ଲାଷ୍ଟର ଖସିପଡ଼ିଛି। ଏଏସ୍‌ଆଇକୁ ଏସମ୍ପର୍କରେ ସୂଚନା ଦିଆଯାଇଛି।

# ପାଇଖାନା ନିର୍ମାଣ ନାମରେ ହରିଲୁଟ୍

ଭାପୁର,୩।୮(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକରେ ଫେଲ ମାରିଛି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ପରିମଳ ଯୋଜନା । ପାଇଖାନା ନିର୍ମାଣ ନାମରେ ହୋଇଛି ଲକ୍ଷାଧିକ ଟଙ୍କା ହରିଲୁଟ । ପାଇଖାନା ନ ଥାଇ ବାହ୍ୟ ମଳମୁକ୍ତ ଅଞ୍ଚଳ ବୋଲି ଘୋଷଣା କରାଯାଇ ସବୁଆଡେ ଫଳକ ମରାଯାଇଛି । ଏକଥା ଦେଖିଲେ ଯେ କେହି ତାଜୁବ ହୋଇଯିବ । ଅଧିକାଂଶ ଗାଁରେ ପାଇଖାନା ନିର୍ମାଣ ହୋଇ ନ ଥିବା ବେଳେ କାଗଜ କଲମରେ ସବୁ କିଛି ଠିକ୍ ଚାଲିଥିବା ଦେଖିବାକୁ ମିଳିଛି ।

ମିଳିଥିବା ସୂଚନା ଅନୁଯାୟୀ, ଭାପୁର ବ୍ଲକରେ କେଉଁଠି ପାଇଖାନା ନିର୍ମାଣ ହୋଇ ନାହିଁ ତ ଆଉ କେଉଁଠି ଅଧାପନ୍ତରିଆ ଅବସ୍ଥାରେ ରହିଛି । ନିମ୍ନମାନର କାମ ଯୋଗୁ ବହୁ ପାଇଖାନା ମାଟିରେ ମିଶି ସାରିଛି । ଅଧିକାଂଶ ପାଇଖାନାରେ କବାଟ ନ ଥିବା ବେଳେ ଟାଙ୍କିରେ ଘୋଡଣୀ ପଡିନାହିଁ । ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରିବାକୁ ଯାଇ କେନ୍ଦ୍ର ସରକାର ସ୍ୱଚ୍ଛ ପରିମଳ ଯୋଜନାରେ ସମସ୍ତ ପରିବାରକୁ ପାଇଖାନା ନିର୍ମାଣ କରିବାକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଏଥିପାଇଁ ହିତାଧିକାରୀଙ୍କୁ ୧୨ହଜାର ଟଙ୍କା ଲେଖାଏ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଭାପୁର ବ୍ଲକର ୨୦ପଞ୍ଚାୟତର ୧୨୬ ଗାଁରେ ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଏବଂ କର୍ମଚାରୀମାନେ ଦାୟିତ୍ୱ ନେଇଥିଲେ । ଗାଁ ଗାଁ ବୁଲି ପାଇଖାନା କାର୍ଯ୍ୟର ତଦାରଖ କରିଥିଲେ। ଅଦ୍ୟାବଧି ଅଧିକାଂଶ ପାଇଖାନା ନିର୍ମାଣ ଅଧାରେ ଅଟକିଛି। ଏପଟେ ସମସ୍ତ ହିତାଧିକାରୀଙ୍କ ପାଇଖାନା ନିର୍ମାଣ ଶେଷ ହୋଇଥିବା ଦର୍ଶାଇ ରିପୋର୍ଟ ପ୍ରଦାନ କରାଯାଇଛି । ଫଳରେ ସରକାର ସେହି ଗାଁକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରି ବଡ଼ ବଡ଼ ହୋର୍ଡିଂ ମାରିଛନ୍ତି । ବିଜିପୁର ଓ ଧାନଚାଙ୍ଗଡା ପଞ୍ଚାୟତରେ ଠିକାଦାର ନିମ୍ନମାନର ପାଇଖାନା କରି ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି । କେଉଁଠି ପାଇଖାନା କବାଟ ଆଜି ପର୍ଯ୍ୟନ୍ତ ଲାଗି ନାହିଁ। ଟାଙ୍କିରେ ନନ୍ଦ ପଡିଛି ହେଲେ ଉପର ଘୋଡଣୀ ପଡିନାହିଁ। ପାଇଖାନା ଉପରେ ଆଜବେଷ୍ଟ ପଡିନାହିଁ । ହେଲେ ଠିକାଦାର ହିତାଧିକାରୀଙ୍କ ଫଟୋ ଉଠାଇ ଦସ୍ତଖତ ନେଇ ଟଙ୍କା ଉଠାଇ ନେଇଛନ୍ତି। ସୁନାଖଳା ଗ୍ରାମର ଅଗାଧୁ ବରାଡ, ସୁବଳ ବରାଡ, ଶତ୍ରୁଘନ ବରାଡଙ୍କ ପାଇଖାନା ଟାଙ୍କିରେ ଘୋଡଣୀ ନାହିଁ । ସେମାନେ ଠିକାଦାରଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଲୋକମାନେ ଘରେ ଥିବା ପାଇଖାନାକୁ ବ୍ୟବହାର ନ କରି ତା ଭିତରେ ଜାଳେଣି କାଠ ରଖୁଥିବା ଦେଖିବାକୁ ମିଳିଛି। ଲୋକମାନେ ରାସ୍ତା କଡରେ ମଳତ୍ୟାଗ କରୁଛନ୍ତି । ଏଥିପାଇଁ ବିଜିପୁର–ସୁନାଖଳା ରାସ୍ତାରେ ଯାତାୟତ କରିବା ସମ୍ଭବ ହୋଇନାହିଁ। ଏସଂକ୍ରାନ୍ତରେ ରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।





ଖୋଲା ପଡ଼ିଥିବା ପାଇଖାନା ଟାଙ୍କି।



ପାଇଖନା ଭିତରେ ଜାଳେଣି ସାମଗ୍ରୀ ରଖାଯାଇଛି।

## ଅନୁଧ୍ୟାନ କଲେ ଏଏସ୍ଆଇ ଅଧିକାରୀ

### ଶ୍ରୀମନ୍ଦିର ଗର୍ଭଗୃହରୁ ପ୍ଲାଷ୍ଟର ଖସିବା ଘଟଣା

**ପୁରୀ ଅଫିସ,୩।୮:** ଶ୍ରୀମନ୍ଦିର ଗର୍ଭଗୃହର ରତ୍ନସିଂହାସନ ପଛପାର୍ଶ୍ୱ ଉପରି ଭାଗରୁ ପ୍ଲାଷ୍ଟର ଖସିବା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମଙ୍ଗଳବାର ରତ୍ନସିଂହାସନ ପରିକ୍ରମା ମାର୍ଗର ବାମପାର୍ଶ୍ୱ ଚନ୍ଦନ ଅର୍ଗଳିରେ ପ୍ରଭୁ ବଳଭଦ୍ରଙ୍କ ପଛପଟେ ପ୍ରାୟ ଦେଢ଼ କେଜି ଓଜନର ଏହି ପ୍ଲାଷ୍ଟର ଖଣ୍ଡ ଖସିଛି। ତେବେ ସୌଭାଗ୍ୟବଶତଃ ବଡ଼ ଠାକୁର ବଳଭଦ୍ରଙ୍କ ଶ୍ରୀଅଙ୍ଗ ପ୍ରତି କୌଣସି କ୍ଷତି ଘଟିନାହିଁ। ଏ ନେଇ ବୁଧବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଏଏସ୍ଆଇର ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଛନ୍ତି। ସୂଚନା ଅନୁଯାୟୀ, ମନ୍ଦିରର ରକ୍ଷଣାବେକ୍ଷଣ ସହ ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ ପାଇଁ ଏଏସ୍ଆଇକୁ ଦାୟିତ୍ୱ ଦିଆଯାଇଛି। ଗତ ରଥଯାତ୍ରାବେଳେ ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ କରାଯାଇଥିଲା। ଏବେ ଚନ୍ଦନ ଅର୍ଗଳିରେ ପ୍ଲାଷ୍ଟର ଖଣ୍ଡ ଖସିବା ଏଏସ୍ଆଇର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରାଥମିକ ସୁରକ୍ଷା ଦେବା ଦରକାର ବୋଲି ଶ୍ରୀମନ୍ଦିର ଚୂନରା ସେବାୟତ ଶରତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ସ୍ଥିତି ପରଖିବା ପରେ ଏଏସ୍ଆଇ ସଂରକ୍ଷଣ ଅଧିକାରୀ ପ୍ରଧାନ କହିଛନ୍ତି, ବଳଭଦ୍ରଙ୍କ ପଛପାର୍ଶ୍ୱରେ ଏକ ପ୍ଲାଷ୍ଟର ଛାଡ଼ିଛି। ସେହି ପ୍ଲାଷ୍ଟରର ମୋଟେଇ ଅଧିକ ଥିବାରୁ ଏହା ଏକରୁ ଦେଢ଼ କିଲୋ ଓଜନର ହେବ ବୋଲି ଅନୁମାନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, କୌଣସି ପଥର ଖସିନାହିଁ। ଆର୍ଦ୍ରତା କାରଣରୁ ବଳଭଦ୍ରଙ୍କ ସିଂହାସନ ପଛକାନ୍ଥରୁ ୨ଫୁଟ୍ ଲମ୍ବର ଚୂନ ପ୍ଲାଷ୍ଟର ଖସିପଡ଼ିଛି। ଏଏସ୍ଆଇକୁ ଏସମ୍ପର୍କରେ ସୂଚନା ଦିଆଯାଇଛି।

# ଆମକୁ ଗୁଣ୍ଠେ ଜମି ମିଳୁନି, ଶିଳ୍ପ ସଂସ୍ଥାକୁ ୮୦ ଏକର

### ରାଷ୍ଟ୍ରପତିଙ୍କୁ ଗୁହାରି କଲେ ଆଦିବାସୀ ସମ୍ପ୍ରଦାୟ

**ଚଣ୍ଡିଖୋଲ,୩।୮ (ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ କଳକଳାରାସ୍ତାର ବୈରୀଠାରେ ନିର୍ମାଣ ହେବାକୁ ଯାଉଛି ଏକ ସିମେଣ୍ଟ କାରଖାନା। ଏହି କାରଖାନା ପାଇଁ ସରକାରଙ୍କ ପକ୍ଷରୁ ୮୦ ଏକର ଜମି ଯୋଗାଇ ଦିଆଯିବ। ଏନେଇ ଆସନ୍ତା ୫ ତାରିଖରେ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ତେବେ କାରଖାନାଟି ବୈରୀ ପଞ୍ଚାୟତର ବଗଉ, ଝାଟିଆପଡ଼ା ମୌଜାରେ ପ୍ରତିଷ୍ଠା ହେବ। ଏହି ମୌଜାରେ ୪୫ ଆଦିବାସୀ ପରିବାର ୩୦ବର୍ଷ ହେବ ରହିଆସୁଛନ୍ତି। ସେମାନେ ଗୁଣ୍ଠେ ଗୁଣ୍ଠେ ଜମିପଟ୍ଟା ପାଇଁ ଦୀର୍ଘ ବର୍ଷ ହେବ ସଂଘର୍ଷ କରିଆସୁଛନ୍ତି। ହେଲେ କେହି ନ ଶୁଣିବାରୁ ସେମାନେ ଏ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ପତ୍ରଲେଖି ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି।

ସେମାନେ ଦାବିପତ୍ରରେ ଦର୍ଶାଯାଇଛି ଯେ, ସେଠାରେ ଡାଲମିଆ ସିମେଣ୍ଟ କାରଖାନା ପୂର୍ବରୁ ରହିଛି। କାରଖାନା ପ୍ରତିଷ୍ଠା ସମୟରେ ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ପାଳନ କରାଯାଇ ନ ଥିଲା। କେବଳ ଆଲୋକୀକରଣ କରାଯାଇଥିବା ବେଳେ ଏହା ଅଚଳ ହେବା ପରେ କାରଖାନା କର୍ତ୍ତୃପକ୍ଷ ତାକୁ ମଧ୍ୟ ଖୋଲି ନେଇଗଲେ। ଆଜି ପର୍ଯ୍ୟନ୍ତ ଏଠାରେ ବିଦ୍ୟାଳୟଟିଏ ପ୍ରତିଷ୍ଠା ହୋଇପାରିଲା ନାହିଁ। ସ୍ୱାସ୍ଥ୍ୟ ସେବା କଥା ଦୂରରେ। ଗୋଟିଏ ମାତ୍ର ଅଙ୍ଗନୱାଡ଼ି କେନ୍ଦ୍ର ଝାଟିଆପଡ଼ାରେ ରହିଥିବା ବେଳେ ଡାଲମିଆ ସିମେଣ୍ଟ କମ୍ପାନୀ ମଝିରେ ରେଳଲାଇନ ବିଛାଇ ଦେଇଥିବାରୁ ପିଲାମାନେ ସେଠାକୁ ଯିବ ଅସମ୍ଭବ ହୋଇପଡ଼ିଛି। ଆଜି ପର୍ଯ୍ୟନ୍ତ ଦର୍ପଣ ତହସିଲଦାର ଓ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ ଭୂମିହୀନଙ୍କୁ ଯେଉଁ ଗୁଣ୍ଠେ ଜମି ଦିଆଯିବା କଥା ତାହା ମଧ୍ୟ ଦିଆଯାଇନାହିଁ। ସେହିଭଳି ଗୁଣ୍ଠେ ଜମି ପାଇଁ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ଆଦୌ କର୍ଣ୍ଣପାତ କରୁନାହିଁ। ଏହା ମଧ୍ୟରେ ଏକ ନୂତନ ସିମେଣ୍ଟ କାରଖାନା ସ୍ଥାପନ ହେବାକୁ ଆସିଛି, ଯାହାର ନାମ ମହାଶକ୍ତି ସିମେଣ୍ଟ। ସମ୍ପୃକ୍ତ କମ୍ପାନୀକୁ ସରକାର ଜମି ଯୋଗାଇ ଦେଉଛନ୍ତି। ହେଲେ ଆମର ୪୫ ଆଦିବାସୀ ପରିବାର ଦୀର୍ଘ ବର୍ଷଧରି ରହିଆସୁଥିଲେ ମଧ୍ୟ ଆମକୁ ଏଠାରୁ ବିସ୍ଥାପିତ ହେବାକୁ ପଡ଼ିବ। ତେଣୁ ରାଷ୍ଟ୍ରପତି ଏ ସମ୍ପର୍କରେ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିବାସୀ ପରିବାରର ବିଜି ଗାଗରାଇ, ହରି ନାୟକ, ବାଙ୍କା ମୁଣ୍ଡା, ସୁମିତ୍ରା ପୂର୍ତ୍ତି, ବାବୁଲି ବଦରା, ବୁଟୁ ସଏ, ମିନତି କାନରା, କୁନି ଗାଗରାଏଙ୍କ ସମେତ ବହୁ ଆଦିବାସୀ ସମ୍ପ୍ରଦାୟ ଭାଜପା ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୀମନ୍ତିନୀ ଜେନାଙ୍କ ଜରିଆରେ ପତ୍ର ପ୍ରେରଣ କରିଛନ୍ତି।



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଉଛି।

## ଭୁବନେଶ୍ୱରରେ ବାଇକ୍, ଏରସମାରୁ ଆସିଲା ଚାଲାଣ

**ଜଗତ୍‌ସିଂହପୁର ଅଫିସ, ୩।୮**

ଗାଡ଼ି ଭୁବନେଶ୍ୱରରେ ଥାଇ ମଧ୍ୟ ଜଗତ୍‌ସିଂହପୁର ଜିଲାରେ ଆଇନ ଉଲ୍ଲଂଘନ କରିଥିବା ଦର୍ଶାଯାଇ ଜରିମାନା ଧାର୍ଯ୍ୟ କରାଯାଇଛି। ଏ ନେଇ ବାଇକ୍ ମାଲିକ ଯାଜପୁର ଜିଲା କୁଆଖିଆ ଥାନା କବୀରପୁର ନିକଟ ଦରକୁଣ୍ଡି ଗାଁର ଭବାନୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ତାଙ୍କ ମୋବାଇଲକୁ ୩୦।୭।୨୨ରେ ଏକ ଚାଲାଣ ମେସେଜ୍ ଆସିଥିଲା। ଚାଲାଣ ନଂ. ଓଆର୍ ୩୮୦୦୯୨୨୦୭୨୩୨୧୫୮୨୬, ବାଇକ୍ ନଂ. ଓଆର୍ ୦୨ ଟି ୭୬୯୪ ସହ ୫୦୦ ଟଙ୍କାର ଚାଲାଣ କଟାଯାଇଥିବା ଉଲ୍ଲେଖ କରାଯାଇଛି। ମେସେଜ୍ ଶେଷଧାଡ଼ିରେ ଜଗତ୍‌ସିଂହପୁର ଟ୍ରାଫିକ୍ ପୋଲିସ ବୋଲି ଉଲ୍ଲେଖ କରାଯାଇଛି। ଲିଙ୍କ୍ ଖୋଲିଲା ପରେ ଟ୍ରାଫିକ୍ ପୋଲିସ ଓଡ଼ିଶା ପକ୍ଷରୁ ଚାଲାଣ ତାରିଖ ୨୩।୭।୨୨ ଦର୍ଶାଯାଇଛି। ଏକ ଅଜଣା ରାସ୍ତାରେ ସାଧାରଣ ଅପରାଧ କାରଣରୁ ଧାରା ୧୭୭ ଅନୁଯାୟୀ ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା ସ୍ପଷ୍ଟ କରାଯାଇଛି। ତେଣୁ ଟ୍ରାଫିକ୍ ପୋଲିସ ପକ୍ଷରୁ ହୋଇଥିବା ଏହି ତ୍ରୁଟିକୁ ସୁଧାରିବାକୁ ଗାଡ଼ି ମାଲିକ ଦାବି କରିଛନ୍ତି।

## ୨୦ଦିନରେ ତଦନ୍ତ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

### ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ବିଦ୍ୟାଳୟ ମରାମତି କାର୍ଯ୍ୟରେ ଲଗାଇବା ଘଟଣା

**ଚଣ୍ଡିଖୋଲ,୩।୮ (ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାହାଦୁର ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରମାନଙ୍କୁ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ମରାମତି କାମରେ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନର ୨୦ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଶିଶୁ ସୁରକ୍ଷା ଅଧିକାର କମିଶନର ଅନୁ ଚୌଧୁରୀ ଏସମ୍ପର୍କରେ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, ତତ୍କାଳୀନ ପ୍ରଧାନ ଶିକ୍ଷକ ପ୍ରମୋଦ ଦାସ ଜୁଲାଇ ୧୫ ତାରିଖରେ ଉପରୋକ୍ତ ବିଦ୍ୟାଳୟ ଗୃହ ମରାମତି କାମରେ ଛାତ୍ରମାନଙ୍କୁ ଲଗାଇଥିଲେ। କୁନିକୁନି ପିଲା ଶାବଳ, ଫାଉଡ଼ା ଆଦି ଧରି କାର୍ଯ୍ୟ କରୁଥିବାର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ଏହି ଭାଇରାଲ ଭିଡିଓରେ ପ୍ରଧାନ ଶିକ୍ଷକ ବସି ଥିବାବେଳେ ପିଲାମାନେ କାମ କରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ଉଦୟନାଥ ସାହୁ ଜାତୀୟ ଶିଶୁ ସୁରକ୍ଷା ଅଧିକାରଙ୍କ ନିକଟକୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ତାଙ୍କ ଦାବିର ୧୫ଦିନ ପରେ କମିଶନରଙ୍କ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହା ମଧ୍ୟରେ ପ୍ରଧାନ ଶିକ୍ଷକ ଦାସଙ୍କୁ ଯାଜପୁର ଜିଲା ଶିକ୍ଷାଧିକାରୀ ନିଲମ୍ବିତ କରି ସାରିଛନ୍ତି।

# ଚାଷୀ ପଞ୍ଜୀକରଣରେ ଅନିୟମିତତା

### ନରସିଂହପୁର ପ୍ରାଥମିକ କୃଷି ସମବାୟ ସମିତି

■କମିଶନ ନ ଦେଲେ ମିଳୁନି ଫର୍ମ, ଜିଲାପାଳଙ୍କୁ ଅଭିଯୋଗ

**ରସୁଲପୁର,୩।୮ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନରେ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ରହିଛି। ସେଥି ମଧ୍ୟରେ ନରସିଂହପୁର ପାକ୍ସ ଏକ ଅଗ୍ରଣୀ ପାକ୍ସ ଭାବେ ପରିଗଣିତ। ତେବେ ଏହି ପାକ୍ସରେ ଚାଷୀଙ୍କୁ ନାନା ଆଳରେ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି, ଯାହାର ପ୍ରମାଣ ମଣ୍ଡିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ବେଳେ ପଦାକୁ ଆସିଛି। ଏଠାରେ କମିଶନ ନ ଦେଲେ ଚାଷୀଙ୍କୁ ପଞ୍ଜୀକରଣ ଫର୍ମ ଦେବାକୁ ପାକ୍ସ ସମ୍ପାଦକ ଶ୍ରୀଧର ରଥ ମନା କରୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ଚାଷୀ ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ଫର୍ମ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଓ ଫର୍ମ ବାବଦକୁ କମିଶନ ମାଗୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିସହିତ ପାକ୍ସ ଜରିଆରେ ସୁରୁଖୁରୁରେ ଫର୍ମ ଯୋଗାଇ ଦେବାକୁ ଚାଷୀ ରମାକାନ୍ତ ସାହୁ, ଉଦୟନାଥ ସାହୁ, ସଂଗୀତା ମଳିକ, ଜଗନ୍ନାଥ ଦାସ, ଭାସ୍କର ସାହୁ, ଅଜୟ କୁମାର ସାହୁ, ଉଦୟ ମଳିକ ଓ ସନ୍ତୋଷ କୁମାର ବରାଳ ପ୍ରମୁଖ ଦାବି କରିଛନ୍ତି।

ଖରିଫ ଋତୁରେ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଜାରି ରହିଛି। ଆସନ୍ତା ୧୬ତାରିଖରେ ପଞ୍ଜୀକରଣର ଶେଷ ହେବ। ପଞ୍ଜୀକରଣ ପାଇଁ ପାକ୍ସରେ ଚାଷୀଙ୍କୁ ଫର୍ମ ଯୋଗାଇ ଦିଆଯାଉଛି। ଚାଷୀ ନାମ ପଞ୍ଜୀକରଣ କରିବା ପରେ ପାକ୍ସ ପକ୍ଷରୁ ସେମାନଙ୍କୁ ଟୋକନ ପ୍ରଦାନ କରାଯିବ। ଉକ୍ତ ଟୋକନ ଆଧାରରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ। ନରସିଂହପୁର ପାକ୍ସରେ ଏହି କାର୍ଯ୍ୟରେ ବାଧା ଉପୁଜୁଛି। ଚାଷୀଙ୍କ ଅଭିଯୋଗରୁ ଜଣାଯାଏ ଯେ, ଅନଲାଇନ ନାମ ପଞ୍ଜୀକରଣ ପାଇଁ ଚାଷୀ ପାକ୍ସକୁ ଫର୍ମ ଆଣିବାକୁ ଯାଇଥିଲେ। ମାତ୍ର ପାକ୍ସ ସମ୍ପାଦକ ରଥ ପଞ୍ଜୀକରଣ ଫର୍ମ ଦେବା ପୂର୍ବରୁ କମିଶନ ବାବଦକୁ ୧୦୦ଟଙ୍କା ଦାଖଲ କରିବାକୁ କହିଥିଲେ। ପୂର୍ବବର୍ଷ ଧାନ ବିକ୍ରି କରିଥିବା ଚାଷୀ କମିଶନ ଦେଇ ନ ଥିବାରୁ ସେମାନେ ବିକ୍ରି କରିଥିବା ଧାନରୁ କୁଇଣ୍ଟାଲ ପିଛା ୧୦୦ଟଙ୍କା ଦେବାକୁ ହେବ ବୋଲି କୁହାଯାଇଥିଲା। ତା ନ ହେଲେ ଫର୍ମ ନଦେବାକୁ ସମ୍ପାଦକ ମନା କରିଦେଇଥିଲେ। ଚାଷୀଙ୍କୁ ଅଫିସକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ପାକ୍ସ ପକ୍ଷରୁ କେତେଜଣ ମଦ୍ୟପ ଓ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ହାତବାରିଶ କରି ପାକ୍ସ ଚାଷୀଙ୍କଠାରୁ ମାସୁଲ ଆଦାୟ କରାଯାଉଛି। ଏହିଭଳି ଭାବରେ ଚାଷୀ ନାନା ବାଟରେ ଶୋଷଣର ଶିକାର ହେଉଛନ୍ତି। ଏ ଦିଗରେ ପଞ୍ଚାୟତ ଜନପ୍ରତିନିଧିଙ୍କ ସହଯୋଗ ରହୁଛି ବୋଲି ଚାଷୀମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ପାକ୍ସ ସମ୍ପାଦକ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀ ଅଭିଯୋଗ କରୁଥିବା ସମ୍ପର୍କରେ ସେ ଅବଗତ ଅଛନ୍ତି। ସେ କାହାରିକୁ ଫର୍ମ ଦେବାକୁ ମନା କରିନାହାନ୍ତି କି କୌଣସି ଚାଷୀଠାରୁ କମିଶନ ଆଦାୟ କରି ନାହାଁନ୍ତି। ପୂର୍ବବର୍ଷ ଏହି ପାକ୍ସରେ ଧାନ ବିକ୍ରି ପାଇଁ ୨୧୦ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସେଥି ମଧ୍ୟରୁ ୧୮୦ଜଣ ଚାଷୀ ଧାନ ବିକ୍ରି କରିଥିଲେ। ଚଳିତବର୍ଷ ୧୮୦ ଚାଷୀ ଧାନ ବିକ୍ରି ପାଇଁ ଅନଲାଇନରେ ନାମ ପଞ୍ଜୀକରଣ କରିସାରିଛନ୍ତି। ଆଗକୁ ଯେଉଁମାନେ ନାମ ପଞ୍ଜୀକରଣ ପାଇଁ ଇଚ୍ଛା ପ୍ରକଟ କରିବେ ସେମାନଙ୍କୁ ପାକ୍ସ ତରଫରୁ ଫର୍ମ ଯୋଗାଇ ଦିଆଯିବ। ଅପରପକ୍ଷରେ କେତେଜଣ ଚାଷୀ ପାକ୍ସକୁ ଆସି ହୋହଲ୍ଲା କରିବା ସହ ପାକ୍ସର ନିୟମିତ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ସମ୍ପାଦକ ପାଲଟା ଅଭିଯୋଗ କରିଛନ୍ତି।

# ମରାମତିକୁ ସପ୍ତାହେ ପୂରିନି, ବ୍ରାହ୍ମଣୀ ପୋଲରେ ଫାଟ

**ରସୁଲପୁର,୩।୮ (ଡି.ଏନ.ଏ.)**



ରସୁଲପୁର ବ୍ଲକ ସୀମା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ପୁରଣା ପୋଲରେ ବଡ଼ ଫାଟ ସୃଷ୍ଟି ହୋଇଛି। ୧୬ନଂ. ଜାତୀୟ ରଜାପଥ ସମ୍ପ୍ରସାରଣ ଓ ମରାମତି ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏହି ପୋଲକୁ ସପ୍ତାହକ ତଳେ ମରାମତି କରିଥିଲା। ମରାମତି ପାଇଁ ପୋଲରେ ମାସାଧିକ କାଳ ଗାଡି ଚଳାଚଳ ବନ୍ଦ ରହିଥିଲା। ମରାମତି ଶେଷ ହେବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଗାଡି ଚାଲିବାକୁ ମାତ୍ର ସପ୍ତାହେ ନ ପୁରୁଣୁ ପୋଲର ଯୋଡେଇ ମୁଣ୍ଡରେ ଫାଟ ସୃଷ୍ଟି ହୋଇଛି। ଏଥିଯୋଗୁ ଗାଡି ଚଳାଚଳରେ ବାଧା ଉପୁଜୁଛି। ଫାଟ ସ୍ଥାନରେ ଲୁହା ଆଙ୍ଗେଲଗୁଡ଼ିକ ପଦାକୁ ବାହାରି ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାଇକେଲ ଓ ବାଇକ ଚାଳକମାନଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି ହୋଇଛି। ଏହିଭଳି ସ୍ଥିତି ପୋଲର ଏକାଧିକ ସ୍ଥାନରେ ସୃଷ୍ଟି ହେଲାଣି। ଏହାକୁ ତୁରନ୍ତ ମରାମତି କରା ନ ଗଲେ ଆଗକୁ ବଡ଼ ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ପ୍ରକାଶଯୋଗ୍ୟ, ପୋଲ ନିକଟସ୍ଥ ବାରବାଟୀଠାରେ ଦୈନିକ ପରିବାହାଟ ଚାଲିଛି। ଏହି ପୋଲ ଦେଇ ଧର୍ମଶାଳା ବ୍ଲକର କୁମାରୀ, ଦେଉଳି, ଚହଟା, ମଙ୍ଗଳପୁର, ଚୋରମୁହାଁ, ଭୂବନ, ଜାରକା ଆଦି ଅଞ୍ଚଳରୁ ଶତାଧିକ ପରିବା ଚାଷୀ ଓ ବ୍ୟବସାୟୀ ବାରବାଟୀ ହାଟକୁ ଆସନ୍ତି। ପ୍ରତ୍ୟହ ହାଟଟି ବଡ଼ି ଭୋରୁ ବସୁଛି। ଅଧିକାଂଶ ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସାଇକେଲ ଓ ମଟର ସାଇକେଲରେ ପରିବହନ କରୁଛନ୍ତି। ରାତ୍ର ବେଳା ହାଟକୁ ଆସିବା ସମୟରେ ଚାଷୀ ପୋଲ ଉପରିସ୍ଥ ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ପୋଲ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏଭଳି ହେଉଛି ବୋଲି ପଥିକମାନେ ଅଭିଯୋଗ କରିଛନ୍ତି। ପୋଲକୁ ବାରମ୍ବାର ମରାମତି କରାଯାଉଛି। ହେଲେ ସମସ୍ୟାରେ ସୁଧାର ଆସି ପାରୁନାହିଁ। ଏନେଇ ରାଜପଥ ନିର୍ମାଣ ଓ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଡିବିଏଲ କମ୍ପାନୀର ପ୍ରକଳ୍ପ ମ୍ୟାନେଜର ହରିହର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲ ନିକଟକୁ ଯାଇ ସ୍ଥିତି ପରଖିବା ପରେ ଇଞ୍ଜିନିୟରଙ୍କ ସହିତ ଆଲୋଚନା କରିଛନ୍ତି। ଉକ୍ତ ଖାଲକୁ ତୁରନ୍ତ ମରାମତି କରାଯିବ। ତେବେ ପୋଲଟି ପୁରୁଣା ହୋଇଯାଇଥିବାରୁ ଯୋଡେଇ ସ୍ଥାନରେ ଫାଟ ସୃଷ୍ଟି ହେଉଛି ବୋଲି ସେ ପ୍ରକାଶ କରିଛନ୍ତି।

## ମାଛଧରା ବନ୍ଦର ପୋତାଶ୍ରୟରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ପାରାଦୀପ,୩।୮ (ସ୍ୱ.ପ୍ର.)**

ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରୁ ବୁଧବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହକୁ ସ୍ଥାନୀୟ ମେରାଇନ୍ ପୋଲିସ ଜବତ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୫/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ହେଲେ ମହେଶ୍ୱର ମାଝି(୪୫)। ତାଙ୍କ ଘର ଭଦ୍ରକ ଜିଲାର ବାଂଶଡା ଅଞ୍ଚଳରେ। ସେ ଲୋକନାଥ ନାମକ ବୋଟରେ ଥିଲେ। ଖରାବେଳେ ନୀଦରୁ ଉଠି ଶୌଚ ପାଇଁ ଯିବା ବେଳେ ଅସାବଧାନତା ବଶତଃ ପାଣିକୁ ଖସି ପଡିଥିଲେ। ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା।

## ଯବାନ ଜିତେନ୍ଦ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ଧର୍ମଶାଳା,୩।୮ (ଡି.ଏନ.ଏ.)**

ସିଆର୍‌ପିଏଫ୍ ଯବାନ ଜିତେନ୍ଦ୍ର ମୋହନ ଜେନାସାମନ୍ତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜନକ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କବି ଡ. ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଯୁଗାନ୍ତର ସମ୍ପାଦକ ଡ. ଭାଗ୍ୟଧର ସାହୁ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୁପତୀ ଭୂଷଣ ମିଶ୍ର ଯୋଗଦେଇ ଜିତେନ୍ଦ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'ଜିତେନ୍ଦ୍ର ଜ୍ୟୋତି' ପତ୍ରିକାକୁ ଲୋକାର୍ପଣ କରିଥିଲେ। ଜିତେନ୍ଦ୍ରଙ୍କ ପିତା ଶିଶୁ ସାହିତ୍ୟିକ ତଥା ଆଦର୍ଶ ଶିକ୍ଷକ ଡ. ମହେଶ୍ୱର ଜେନାସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ।

ଜିତେନ୍ଦ୍ର ଥିଲେ ଜଣେ ନିର୍ଭିକ, ପ୍ରଗାଢ଼ ଆଶାବାଦୀ ଓ ଉଚ୍ଚମନା। ସେ ଛୁଟିରେ ଗାଁକୁ ଆସିଲେ ଗ୍ରାମର ଉନ୍ନୟନ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ ବୋଲି ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଥିବା ଅତିଥି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ହରେକୃଷ୍ଣ ଜେନା, ଶିକ୍ଷାବିତ ବିଶ୍ୱନାଥ ପଣ୍ଡା, ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ, ଶିକ୍ଷାବିତ ଅର୍ଜୁନ ପୃଷ୍ଟି, ସୁନାକର ସାହୁ, ପ୍ରତାପରୁଦ୍ର ପଣ୍ଡା, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଖବରଦାତା ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ଗୋଲକ ଚନ୍ଦ୍ର ପଲାଇ, ସରୋଜିନୀ ପଣ୍ଡା, ନୃସିଂହ ମିଶ୍ର, ଦୁର୍ଗାପ୍ରସନ୍ନ ଦାଶ, ବିଭୁତି ଭୁଷଣ ପାଳ, ନିର୍ମଳ ଚନ୍ଦ୍ର ରାୟ, ଅଧୀର ଜେନା, ରାମଚନ୍ଦ୍ର ସାମଲ ଓ ଉମାକାନ୍ତ ବଳ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥି ପତ୍ରିକା ଲୋକାର୍ପଣ କରୁଛନ୍ତି।

# ଓଡ଼ିଶା ବୁଣାକାର ମହାସଂଘର ସମ୍ମିଳନୀ

**ଭୁବନେଶ୍ୱର,୩।୮ (ବ୍ୟୁରୋ)**

ବୁଣାକାର ହେଉଛନ୍ତି ଓଡ଼ିଶାର ପରିଚୟ। ସେମାନଙ୍କ କୃତି ରାଜ୍ୟକୁ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ବୁଣାକାରମାନେ ସ୍ୱତନ୍ତ୍ର ହାତ ତିଆରି କାମ ଭେଟି ଦିଅନ୍ତି। ହେଲେ ସେମାନେ ଏବେ ଅବହେଳିତ। ସେମାନଙ୍କ ସମସ୍ୟା ବୁଝିବା ସହ ସୁବିଧା ଯୋଗାଇଦେବା ପାଇଁ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ବୁଧବାର ଗୀତଗୋବିନ୍ଦ ସଦନଠାରେ ପ୍ରତିନିଧି ସମ୍ମିଳନୀ ଓ ବୁଣାକାର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ଓ ଖାଉଟି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଛନ୍ତି, ବୁଣାକାରମାନେ ଅନେକ ପରିଶ୍ରମ କରି ବିଭିନ୍ନ ପ୍ରକାର ସାମଗ୍ରୀ ଭେଟି ଦିଅନ୍ତି। ସେମାନଙ୍କ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇବା ଅର୍ଥ ସେମାନଙ୍କ ଭାତ ହାଣ୍ଡିରେ ଲାତ ମାରିବା। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଜରୁରୀ ଆବଶ୍ୟକ ପୂରଣ କରାଯିବ। ସମ୍ମାନିତ ଅତିଥିଭାବେ କଟକ ମହାନଗର ନିଗମର ମେୟର ସୁବାସ ସିଂ ଯୋଗଦେଇ କହିଛନ୍ତି, ଟେକ୍ସଟାଇଲ(ବୟନ) ଶିକ୍ଷା ପାଇଁ ଥିବା ଡିପ୍ଲୋମା କଲେଜକୁ ଡିଗ୍ରୀ କଲେଜ କରିବାର ସମୟ ଆସିଛି। ହସ୍ତତନ୍ତ ବିକାଶ ପରିଷଦ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ବୁଣାକାରଙ୍କ ସମସ୍ୟାକୁ ପହଞ୍ଚାଇ ଏହାର ସମାଧାନ କରାଯିବ ବୋଲି ସିଂ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ସଫଳ ସମବାୟବିତ୍ ସମ୍ବିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାରଙ୍କୁ କର୍ମଶାଳା ଯୋଗାଇଦେବା, ବିଦ୍ୟୁତ୍ ଦେୟ ଛାଡ଼ କରିବା, କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗା ଯାଉଥିବା ଜିଏସ୍‌ଟି ଉଚ୍ଛେଦ, ବିଭାଗୀୟ ସହାୟତା ପାଇଁ ଥିବା ଅନ୍‌ଲାଇନ୍ ବ୍ୟବସ୍ଥାକୁ ଅଫ୍‌ଲାଇନରେ ପରିବର୍ତ୍ତନ କରିବା, ୫୦ବର୍ଷରୁ ଊର୍ଦ୍ଧ୍ୱ ବୁଣାକାରମାନଙ୍କ ପାଇଁ ୩,୦୦୦ଟଙ୍କାରୁ ଅଧିକ ଭତ୍ତା ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ହଜାର ହଜାର ବୁଣାକାରମାନେ ଏକତ୍ରିତ ହୋଇଥିଲେ। ବୁଣାକାର ଆସେଲି ଦାସ, ସମ୍ବିତ ଆଚାର୍ଯ୍ୟ, ସନ୍ତୋଷ କୁମାର ନାୟକ, ଗଙ୍ଗାଧର ପରମାଣିକ, ପ୍ରଦୀପ କୁମାର ମେହେର, ସଞ୍ଜୟ କୁମାର ମେହେର, ନିମାଇଁ ଚରଣ କୁଣ୍ଡୁ, ବାସନ୍ତୀ ନନ୍ଦ, ରାମଚନ୍ଦ୍ର ସୁର, ମିନତୀ ପରମାଣିକ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା ସଭାପତିତ୍ୱ କରିଥିବାବେଳେ ଜମ୍ମେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ କୁଣ୍ଡୁ, ବିଶ୍ୱନାଥ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଦୁଖୀଶ୍ୟାମ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବୁଣାକାର ମହାସଂଘ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ୧୦ ବଖରା ଜଳିଗଲା

ଭଞ୍ଜନଗର: ଭଞ୍ଜନଗର ତହସିଲ ଅନ୍ତର୍ଗତ ତୁରୁମୁ ପଞ୍ଚାୟତ ବେରୁହାବାଡ଼ିରେ ବୁଧବାର ରାତି ପ୍ରାୟ ୮ ଟାରେ ଅଗ୍ନିକାଣ୍ଡ ୪ ପରିବାରର ୧୦ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସେମାନଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ମଧ୍ୟ ପୋଡି ନଷ୍ଟ ହୋଇଯାଇଛି। ସୂଚନା ପାଇ ଭଞ୍ଜନଗର ଅଗ୍ନିଶମ ବାହାନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

# ୧୫ ଦିନ ଭିତରେ ଦୂଷିତ ଜଳ ପ୍ରକ୍ରିୟାକରଣ ପ୍ରକଳ୍ପ କର

## ସ୍ଥାୟୀ ଲୋକ ଅଦାଲତଙ୍କ ନିର୍ଦ୍ଦେଶ

ଫୁଲବାଣୀ ଅଫିସ, ୩।୮

କନ୍ଧମାଳ ଜିଲା ତଥା ଫୁଲବାଣୀ ସହରର ଲାଇଫ ଲାଇନ ହେଉଛି ସାଲୁଙ୍କୀ ନଦୀ ଏହି ନଦୀର ପାଣି ଦିନକୁ ଦିନ ଦୂଷିତ ହେବାରେ ଲାଗିଛି । ସହରର ଲୋକେ ଅଳିଆ, ଆବର୍ଜନା, ମଇଳା ପାଣି ନଦୀକୁ ଛାଡି ଦେଉଛନ୍ତି। ଫୁଲବାଣୀ ପୌର ପରିଷଦ ଏହା ଉପରେ କୌଣସି ପଦକ୍ଷେପ ନେଉନାହିଁ । ଯାହାଫଳରେ ନଦୀ ପାଣି ଉପରେ ନିର୍ଭର କରି ଚଳୁଥିବା ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ଫୁଲବାଣୀ ସ୍ଥାୟୀ ଲୋକ ଅଦାଲତରେ ଦାଏର ହୋଇଥିବା ଏ ସମ୍ପର୍କିତ ଏକ ମାମଲାର ବିଚାର ସରି ରାୟ ପ୍ରକାଶ ପାଇଛି । ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ସନ୍ତୋଷ କୁମାର ନାୟକ ୧୫ ଦିନ ମଧ୍ୟରେ ଦୂଷିତ ଜଳ ପ୍ରକ୍ରିୟାକରଣ ପ୍ରକଳ୍ପ କରି ବିଶୁଦ୍ଧ ପାଣି ନଦୀରେ ଛାଡିବାକୁ ଫୁଲବାଣୀ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସହରର ପିଅନପଡା ଦେଇ ସାଲୁଙ୍କି ନଦୀ ପାର୍ଶ୍ୱରେ ଏକ ଡ୍ରେନ ନିର୍ମାଣ କରିବା, ସହରର ସମସ୍ତ ଡ୍ରେନ ପାଣି ଏହି ନୂତନ ଡ୍ରେନରେ ଛାଡି ବିଶୁଦ୍ଧ କରିବା ପରେ ତାକୁ ନଦୀରେ ମିଶାଇବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହିପରି ଘରର ଅଳିଆ, ଆବର୍ଜନା, ମଳ ଆଦି ଡ୍ରେନରେ ନ ଛାଡିବା ପାଇଁ ମାଇକ ଜରିଆରେ ଲୋକଙ୍କୁ ସଚେତନ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ସତର୍କ କରାଇଛନ୍ତି। ଯଦି ଏହାକୁ କେହି ନ ମାନିବେ, ତାହାଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ସହ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସାଲୁଙ୍କୀ ନଦୀ ଦୂଷିତ ସମ୍ପର୍କରେ ସହରର ମାଷ୍ଟ୍ରପଡାରେ ରହୁଥିବା ଅଶୋକ ପରିଡା ସ୍ଥାୟୀ ଲୋକ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ସେ ଦର୍ଶାଇଥିଲେ କି ସହରର କେତେଜଣ ଲୋକେ ପାଇଖାନା ଏବଂ ଦୂଷିତ ଜଳକୁ ନଦୀରେ ଛାଡୁଛନ୍ତି । ବର୍ଷା ଦିନେ ପୌର ପରିଷଦ ଡ୍ରେନରେ ଜଳ ଉଦବୃତ ହୋଇ ନଦୀରେ ମିଶୁଛି । ଏହାଦ୍ୱାରା ନଦୀ ଜଳ ପ୍ରଦୂଷିତ ହେଉଛି । ନଦୀ କୂଳରେ ବସବାସ କରୁଥିବା ଗ୍ରାମର ଲୋକେ ଅନ୍ୟ କିଛି ବିକଳ୍ପ ନ ଥିବାରୁ ଏହି ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହି ପାଣିରେ ବିଭିନ୍ନ ରାସାୟନିକ ପଦାର୍ଥ ସହ ବିଶାକ୍ତ ଦ୍ରବ୍ୟ ମଧ୍ୟ ମିଶୁଛି। ଏହି ପାଣି ଜୀବଜନ୍ତୁଙ୍କ ପାଇଁ ମଧ୍ୟ ବ୍ୟବହାରୀ ଉପଯୋଗୀ ହୋଇନାହିଁ। ନର୍ମଦା ବଞ୍ଚାଅ ଆନ୍ଦୋଳନରେ ସ୍ୱଚ୍ଛ ପାଣି ପାଇବା ସମସ୍ତଙ୍କ ମୌଳିକ ଅଧିକାର ବୋଲି ସମ୍ବିଧାନର ଧାରା ୨୧ରେ ଉଲ୍ଲେଖ ଥିବା ସୁପ୍ରିମକୋର୍ଟ ଦର୍ଶାଇଥିଲେ। ତେଣୁ ସାଲୁଙ୍କୀ ନଦୀକୁ ସ୍ୱଚ୍ଛ କରିବା ପାଇଁ ଫୁଲବାଣୀ ସହରରେ ଏକ ଦୂଷିତ ଜଳ ପ୍ରକ୍ରିୟା କରଣ ପ୍ରକଳ୍ପ ବସାଇବାକୁ ପରିଡା ଅଦାଲତକୁ ନିବେଦନ କରିଥିଲେ । ସୁଚନାଯୋଗ୍ୟ, ୨୦୧୨ ଜୁନ ୧୬ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ନଦୀ ଜଳ ଦୂଷିତ ସଂକ୍ରାନ୍ତରେ ଏକ ବୈଠକ ବସିଥିଲା । ଉକ୍ତ ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ପିଅନପଡାଠାରୁ ଏକ ଡ୍ରେନ ସାଲୁଙ୍କୀ ନଦୀ ପାର୍ଶ୍ୱରେ ନିର୍ମାଣ କରିବାକୁ କହିଥିଲେ । ଯେଉଁଥିରେ ସହରର ସବୁ ଆବର୍ଜନା, ଦୂଷିତ ପାଣି, ସହରର ଡ୍ରେନର ପାଣି ଆସି ମିଶିବ । ସେଠାରେ ବୈଜ୍ଞାନିକ ପ୍ରଣାଳୀରେ ପାଣି ବିଶୁଦ୍ଧ କରଣ କରାଯାଇ ନଦୀରେ ମିଶା ଯିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ।

## ନକଲି ମଦ ଜବତ, ଜଣେ ଗିରଫ

ଚିକିଟି,୩।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚିକିଟି ସ୍ଥିତ ସାନ ବଜାରରେ ଏକ ହୋଟେଲରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରାଯାଇଛି। ବ୍ରହ୍ମପୁର ଅବକାରୀ ବିଭାଗର ଏସ୍‌ପି ରମେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ତହସିଲ୍‌ଦାର ବିଶ୍ୱରଞ୍ଜନ କହଁରଙ୍କ ଉପସ୍ଥିତିରେ ଅବକାରୀ ଇନିସ୍ପେକ୍ଟର ମିହିର କୁମାର ସେଠୀ, ଚିକିଟି ଅବକାରୀ ଏସ୍‌ଆଇ ତପସ୍ୱିନୀ ବରାଳ ପ୍ରମୁଖ ଚଢାଉ କରି ୧୮୮ ବୋତଲ ନକଲି ବିଦେଶୀ ମଦ ଜବତ କରିଥିଲେ। ହୋଟେଲ ମାଲିକ ରାମଚନ୍ଦ୍ର ସାହୁଙ୍କୁ ଗିରଫ କରି ବୁଧବାର ପାତ୍ରପୁର କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ କୋଭିଡ୍ ଟିକା

ପାରଳାଖେମୁଣ୍ଡି, ୩।୮(ଡି.ଏନ୍.ଏ): ପାରଳାଖେମୁଣ୍ଡି ସ୍ଥିତ ବୃଦ୍ଧାଶ୍ରମ 'ଆଶ୍ରା'ର ଅନ୍ତେବାସୀଙ୍କ ନିମନ୍ତେ କୋଭିଡ ସଚେତନତା ଓ ଟିକାକରଣ କାର୍ଯ୍ୟକ୍ରମ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଓ ହିନ୍ଦୁସ୍ଥାନ ଲାଟେକ୍ସ ଫେମିଲି ପ୍ଲାନିଙ୍ଗ ଏଣ୍ଡ ପ୍ରମୋସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ମମତା ପାଢ଼ୀ ପରିଚାଳନା କରିଥିବା ବେଳେ ଏଚଏଲଏଫପିପିଟିର ଜିଲା ଅଧିକାରୀ ଦ୍ୱିଜେନ ରାଉଳ ଓ ବିଜୟ ଶଙ୍କର ପାଢ଼ୀ ଏବଂ ଆଶ୍ରାର ଅଧିକ୍ଷକ ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ମୋଟ ୨୨ ଜଣ ଅନ୍ତେବାସୀଙ୍କୁ ଟିକା ଦିଆଯାଇଥିଲା। ଏଏନଏମ ସଂଗୀତା ପାତ୍ର କୋଭିଡ ଟିକା ଦେଇଥିବା ବେଳେ ଏଥିରେ ଡିଇଓ ସହଯୋଗ କରିଥିଲେ ।

### ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୩।୮(ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୫୮ ଗୋଟି ଅଭିଯୋଗ ଆସିଥିଲା ବେଳେ ସାମୂହିକ ୪ଟି ଓ ବ୍ୟକ୍ତିଗତ ୫୪ଟି ଥିଲା। ସେଥିମଧ୍ୟରୁ ୭ଟିର ତୁରନ୍ତ ପଦକ୍ଷେପ ନିଆଯାଇ ସମାଧାନ କରାଯାଇଥିଲା। ରେଡ଼କ୍ରସ ପକ୍ଷରୁ ୬ଜଣଙ୍କୁ ୨୯ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### କାଶୀନଗରରେ ମରୁଡ଼ିର ପଦଧ୍ୱନି

କାଶିନଗର,୩।୮: କାଶୀନଗର ଅଞ୍ଚଳରେ ଏବେ ମରୁଡ଼ିର ପଦଧ୍ୱନୀ। ସ୍ୱଳ୍ପ ବୃଷ୍ଟି ଯୋଗୁ ଏଭଳି ଅବସ୍ଥା ହୋଇଥିବା ଚାଷୀମାନେ କହିଛନ୍ତି। ଜୁନ ମାସରୁ ଚାଷୀମାନେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଯେନତେନ ପ୍ରକାରେ ତଳି ପକାଇଥିଲେ। ଜୁଲାଇ ମାସରେ ଅଞ୍ଚଳରେ ୩୯ ପ୍ରତିଶତ ବର୍ଷା କମ ହୋଇଛି। ଫଳରେ କେତେକ ଜମିରେ ତଳି ପୋଡ଼ିଗଲାଣି। ରୁଆ ହୋଇଥିବା ଜମି ପୋଡ଼ିଗଲାଣି। କାଶୀନଗର ଅଞ୍ଚଳରେ ଜଳାଧାରର କୌଣସି ପ୍ରକାର ସୁବିଧା ନାହିଁ। ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ କୃଷ୍ଣସାଗର ଜଳାଶୟ ଖନନ ନ ହୋଇ ପାଣି ସଂରକ୍ଷଣ ନ ରହିବା ଫଳରେ ଏହି ବ୍ଲକର ସିଆଳି, ହରିପୁର, ଗୁରିଗାଁ, କାଶୀନଗର ଆଦି ତଳିଆ ଗ୍ରାମଗୁଡ଼ିକ ଜଳସେଚନର ସୁବିଧା ପାଇବାରୁ ବଞ୍ଚିତ। ବଂଶଧାରା ନଦୀରୁ ମେଗାଲିଷ୍ଟ ଦ୍ୱାରା ପାଣି ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ଏଠାରେ ମେଗାଲିଷ୍ଟ କାର୍ଯ୍ୟ ନିମ୍ନମାନର ଓ ଉପଯୁକ୍ତ ବୈଷୟିକ ଜ୍ଞାନରେ ନିର୍ମାଣ ହୋଇନଥିବାରୁ ବର୍ତ୍ତମାନ ପରିସ୍ଥିତିରେ ଚାଷୀଙ୍କ ଉପକାରରେ ଆସିପାରିଲା ନାହିଁ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି କୃଷି ବିଭାଗ ମାଗଣାରେ ବିହନ ଯୋଗାଇଦେବାକୁ ଦାବି ହୋଇଛି।

## ଧାନ ଦେଲାନି ପ୍ରଶାସନ, କେନାଲ ସଜାଡ଼ିଲେ ଚାଷୀ

ବୁଗୁଡ଼ା,୩।୮(ଡି.ଏନ୍.ଏ.)


କେନାଲ ସଜାଡୁଛନ୍ତି ଚାଷୀ।

ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ଚିଲିଖମା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଜାଉପାଣିଆ ଘାଇ ଦ୍ୱାରା ଚିଲିଖମା ଓ ଗୋଳାବନ୍ଧ ଗ୍ରାମର ଚାଷୀ ଉପକୃତ ହେଉଥିଲେ। ତେବେ ଏହି ଘାଇ ପାଣିକୁ ନେଇ ଗତବର୍ଷ ଉଭୟ ଗାଁ ମଧ୍ୟରେ ଗଣ୍ଡଗୋଳ ସହ ମାର୍‌ପିଟ ପରିସ୍ଥିତି ଉପୁଜିଥିଲା। ଏହି ଘାଇରୁ ପାଣି ଆସିବାକୁ ଥିବା ଏକ ଛୋଟିଆ କେନାଲର ଦୁଇପାଖ ମାଟି ଭୁଶୁଡି କେନାଲ ପୋତି ହୋଇଯିବା ଫଳରେ ଜଳସେଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ପାଣି ଜମିକୁ ଯାଇପାରୁନାହିଁ। କ୍ଷୁଦ୍ର ଜଳସେଚନ ବିଭାଗ ଚାଷୀଙ୍କ ଏହି ସମସ୍ୟାକୁ ଅଣଦେଖା କରୁଥିବା ଅଭିଯୋଗ କରି ବୁଧବାର ଚିଲିଖମା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଦୀର୍ଘ ୩୦୦ ମିଟର ପର୍ଯ୍ୟନ୍ତ କେନାଲରୁ ମାଟି ବାହାର କରାଯାଇଥିବା ବେଳେ ଆହୁରି ପ୍ରାୟ ୮୦୦ ମିଟର ବାକି ରହିଛି। କେନାଲରେ ଅଧିକ ପାଣି ଥିବାରୁ ଅବଶିଷ୍ଟ ମାଟି ଉଠିପାରି ନ ଥିବା ଗ୍ରାମବାସୀ କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଥିବା ବେଳେ ଗଣ୍ଡଗୋଳ ଆଶଙ୍କାରେ କ୍ଷୁଦ୍ର ଜଳସେଚନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଉ ନ ଥିବା ଜଣାପଡ଼ିଛି। ଏ ନେଇ ବର୍ତ୍ତମାନ ନୂତନ ଭାବେ ଯୋଗଦେଇଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ ଗୟାଚାନ୍ଦ ନାୟକଙ୍କୁ ପଚାରିବାରେ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗକୁ ଏ ସମ୍ପର୍କରେ କୌଣସି ଅବଗତ କରାଯାଇ ନ ଥିବା ସେ କହିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ଟ୍ରଷ୍ଟର କାର୍ଯ୍ୟକାରୀ ବୈଠକ

ବୁଗୁଡ଼ା,୩।୮(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଟ୍ରଷ୍ଟର କାର୍ଯ୍ୟକାରୀ ବୈଠକ ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ପୂର୍ବ ବୈଠକର ବିବରଣୀ ପାଠ, ଆୟବ୍ୟୟ ସମୀକ୍ଷା କରାଯାଇ ପୂର୍ବ ନିଷ୍ପତ୍ତି ପ୍ରକାରେ ନିକଟସ୍ଥ ବରଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ହାତକୁ ନିଆଯାଇ ଉଭୟ ଶୈକ୍ଷିକ ଓ ସହଶୈକ୍ଷିକ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିନିମନ୍ତେ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ରାମକୃଷ୍ଣ ସାହୁ, ଗୌରୀପତି ଦାଶ ଓ ଶ୍ୟାମ ସୁନ୍ଦର ନାୟକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ବୈଠକରେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଆର୍‌ଟିଓ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୩।୮(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ, ବେପରୁଆ ଭାବେ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟୁଛି ବୋଲି କହିଥିଲେ। ଗାଡି ଚଳାଇବା ବେଳେ ସତର୍କତା ଅବଲମ୍ବନ କଲେ ଦୁର୍ଘଟଣା କମିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମଭିଆଇ ନେତ୍ରାନନ୍ଦ ମିଶ୍ର, ମନସ୍ତତ୍ତ୍ୱବିତ ସନ୍ତୋଷ ମିଶ୍ର, ଇଂଲିଶ ବିଭାଗ ପ୍ରାଧ୍ୟାପକ ବିଭାସ ଦାସ ଅତିଥି ଭାବେ ଯୋଗଦେଇ ସ୍ଥିର ମନରେ ଗାଡି ଚଳାଇବା ଏବଂ ବାଇକ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନସିସି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପର୍ଯ୍ୟଟନ ସ୍ଥଳୀ, ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମୀକ୍ଷାକଲେ ଅଧ୍ୟକ୍ଷ

ପାରଳାଖେମୁଣ୍ଡି, ୩।୮ (ଡି.ଏନ୍.ଏ)

ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ବୁଧବାର ମୋହନା ବ୍ଲକ ଗସ୍ତରେ ଆସି ପର୍ଯ୍ୟଟନ ସ୍ଥଳ ଖସଡ଼ାକୁ ଯାଇ ତାହାର ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିଥିଲେ। ସେଠାକୁ ହଜାର ହଜାର ପର୍ଯ୍ୟଟନ ଦୈନିକ ଆସୁଥିବା ବେଳେ ସେମାନଙ୍କ ସୁବିଧା ନିମନ୍ତେ କୌଣସି ମୌଳିକ ସୁବିଧା ନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳଙ୍କ ଦୃଷ୍ଟିକୁ ଆଣି ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ, ଶିଶୁ ପାର୍କ, ରୋଷେଇ ଘର, ବିଶ୍ରାମ ଗୃହ, ଏବଂ ଦୈନିକ ବଜାର ଗୃହ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଥିଲେ। ଏହି ପରିଦର୍ଶନ ସମୟରେ ବହୁ ବିଜେଡି କର୍ମୀ ନେତାଙ୍କ ସହ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ ମଧ୍ୟ ଉପସ୍ଥିତ ଥିଲେ।ଏହା ପରେ ଜିଲା ପରିଷଦ ଅଧ୍ୟକ୍ଷ ରାଓ ପର୍ଯ୍ୟଟନ ସ୍ଥଳରୁ ଫେରି ଯୁବଗାଁ ଆଶ୍ରମ ବିଦ୍ୟାଳୟରେ ପ୍ରବେଶ କରି ବିଭିନ୍ନ ପ୍ରକାର ଅସୁବିଧା ଦେଖି କର୍ମଚାରୀଙ୍କ ସହ ଆଲୋଚନା କରି ଅସୁବିଧା ଗୁଡିକ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପରେ ଅଧ୍ୟକ୍ଷ ମାଣିକପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ବହୁ ଅବ୍ୟବସ୍ଥା ଦେଖି ମୋହନା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ନାବାଳିକା ବଳାତ୍କାରୀ ଗିରଫ

କାଶୀନଗର,୩।୮–

ଜନୈକା ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିଥିବା ଅଭିଯୋଗରେ କାଶୀନଗର ପୋଲିସ ହରିପୁର ଗ୍ରାମର କୋଲାକା ମହିନ୍ଦ୍ରାଙ୍କୁ ଆନ୍ଧ୍ରପ୍ରଦେଶର ବିଡ଼ିକାପେଟାଠାରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗତ ଦେଢ଼ ବର୍ଷ ତଳେ ନାବାଳିକା ଜଣକ ବଳାତ୍କାରର ଶିକାର ହୋଇଥିଲେ। ବର୍ତ୍ତମାନ ତାଙ୍କର ଏକ କନ୍ୟା ସନ୍ତାନ ରହିଛି। ଅଭିଯୁକ୍ତ ଜଣକ ଦୀର୍ଘଦିନ ହେଲା ଫେରାର ଥିଲେ। ଅଭିଯୋଗ ପ୍ରକାରେ ଏ ନେଇ ଥାନାରେ ନଂ. ୨୫/୨୧ରେ ମାମଲା ରୁଜୁ ହୋଇଥିଲା। ଗଜପତି ପୋଲିସ ଅଧୀକ୍ଷକ ଜୟରାମ ଶତପଥୀଙ୍କ ନିର୍ଦ୍ଦେଶରେ ଆନ୍ତଃରାଜ୍ୟ ଟିମ ଗଠନ କରି ଆସାମୀକୁ ଗିରଫ କରିବାରେ ସକ୍ଷମ ହୋଇଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

### ଆର୍ଯ୍ୟପଲ୍ଲୀରେ ସମୁଦ୍ର କୂଳ ଖାଇବା ଘଟଣା

ଛତ୍ରପୁର,୩।୮(ଡି.ଏନ.ଏ.)


ପ୍ରଶାସନିକ ଅଧିକାରୀ ଅନୁଧ୍ୟାନ କରୁଛନ୍ତି ।

ଗଞ୍ଜାମ ଜିଲାରେ ସମୁଦ୍ର କୂଳ ଲଂଘି ଉପକୂଳବର୍ତ୍ତୀ ଗ୍ରାମକୁ ମାଡିଆସୁଛି । ଜିଲାର ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଓ ଗଞ୍ଜାମ ବ୍ଲକର ପୋଡମପେଟା ଗ୍ରାମ ସମୁଦ୍ର କୂଳରେ ରହିଥିବା ବେଳେ ସମୁଦ୍ର ଧିରେ ଧିରେ କୂଳ ଲଘିଂବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଛତ୍ରପୁର ତହସିଲଦାର ପ୍ରକାଶ କୁମାର ମିଶ୍ର ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳକୁ ପରିଦର୍ଶନ କରିବା ସହି ଘଟଣା ସମ୍ପର୍କରେ ବିଭିନ୍ନ ଅନୁଧ୍ୟାନ କରିଛନ୍ତି । ଯୁବନେତା ଏନ.ଦୀନବନ୍ଧୁ ଓ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ ସମୁଦ୍ର କୂଳ ଲଂଘିବା ବିଷୟରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବରୁ ସମୁଦ୍ର ଗାଁ ଠାରୁ ବହୁ ଦୂରରେ ଥିଲା। ଏବେ ଗାଁ ନିକଟକୁ ମାଡି ଆସିଲାଣି । ଆଉ କିଛି ଦିନ ପରେ ପୂର୍ଣ୍ଣିମା ରହିଥିବାରୁ ସେମାନେ ଆହୁରି ଭୟଭୀତ ଅବସ୍ଥାରେ ରହିଛନ୍ତି । ତେବେ ସମସ୍ତ ତଥ୍ୟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ମିଶ୍ର ସୂଚନା ଦେଇଛନ୍ତି। ତହସିଲଦାରଙ୍କ ପରିଦର୍ଶନ ବେଳେ ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ, ସୁପରଭାଇଜର ଜି.ହରିକୃଷ୍ଣ ଓ ଛତ୍ରପୁର ଅମିନ ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇପ୍ ପାଣିରେ କୋଲିଫର୍ମ ବ୍ୟାକ୍ଟେରିଆ ବାହାରିବା ଘଟଣା

# ତଦନ୍ତ ପରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ପ୍ରୟାସ


ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଆର.ଉଦୟଗିରି,୩।୮(ଡି.ଏନ.ଏ.)

ମୋହନା ବ୍ଲକ ପି. ଗୋବିନ୍ଦପୁରରେ ବ୍ୟାପୁଥିବା ଝାଡ଼ାବାନ୍ତିର କାରଣ ଦୂଷିତ ପାଣି ବୋଲି ସ୍ପଷ୍ଟ ହୋଇଛି। ପି. ଗୋବିନ୍ଦପୁର ଗାଁରେ ଝାଡ଼ାବାନ୍ତିରେ ପୂର୍ବରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୨୩ରେ ପହଞ୍ଚିଥିବା ବେଳେ ସୋମବାର ଜଣେ ମହିଳା ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ୮ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରି ଜିଲା ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଇଥିଲା। ସେଥିରୁ ୨ଟି ନମୁନା ଦୂଷିତ ପାଣି ବୋଲି ରିପୋର୍ଟରେ ଦର୍ଶାଯାଇଛି। ମଙ୍ଗଳବାର ରିପୋର୍ଟ ଆସିବା ପରେ ସରକାରୀ ସପ୍ଲାଇ ପାଣିରେ କୋଲିଫର୍ମ ବ୍ୟାକ୍ଟେରିଆ ଥିବା ଜଣାପଡିଛି। ସେହି କାରଣରୁ ଝଡାବାନ୍ତି ବ୍ୟାପୁଛି ବୋଲି ସ୍ପଷ୍ଟ ହୋଇଛି। ମଙ୍ଗଳବାର ଉପଜିଲାପାଳ ମେଡ଼ିକାଲ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦପୁର ଗାଁର ଗସ୍ତ କରି ଆକ୍ରାନ୍ତ ପରିବାରକୁ ସଚେତନ କରି ଫେରିଛନ୍ତି। ଗାଁରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପହଞ୍ଚି ଯେଉଁ ପାଣିରେ ବ୍ୟାକ୍ଟେରିଆ ରହିଛି ସେହି ଜଳ ଯୋଗାଣକୁ ବନ୍ଦ କରିଛନ୍ତି। ବିଡ଼ିଓ ମଧ୍ୟ ଗାଁକୁ ଯାଇ ଗାଁରେ କିଭଳି ଜଳ ଯୋଗାଣ ହୋଇପାରିବ ସେଥିପାଇଁ ଗାଁରେ ଥିବା ୫ ସ୍କୁଲରେ ଅସ୍ଥାୟୀ ଭାବେ ବୋରୱେଲରୁ ପିଇବା ପାଣି ଯୋଗାଇବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ଟାଙ୍କି ମାଧ୍ୟମରେ ପ୍ରତ୍ୟେକ ସାହିକୁ ଜଳ ଯୋଗାଇ ଦିଆଯିବ ହେଲେ। ଉକ୍ତ ବୋର୍‌ୱେଲରୁ ଆବଶ୍ୟକ ପାଣି ହେବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ଟାଙ୍କି ନିକଟରେ ବୋର୍ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟାଳୟ ରାସ୍ତାକୁ ନେଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଦିଗପହଣ୍ଡି,୩।୮(ଡି.ଏନ.ଏ.)


ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ଆର୍‌ଡିସି।

ଦିଗପହଣ୍ଡି ବ୍ଲକ ନରେନ୍ଦ୍ରପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟର ରାସ୍ତା ସମସ୍ୟା ନେଇ ବୁଧବାର ଛାତ୍ରୀଛାତ୍ର ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଛନ୍ତି। ତହସିଲ ଗସ୍ତରେ ଆସିଥିବା ଦକ୍ଷୀଣାଞ୍ଚଳ ରାଜସ୍ୱ କମିଶନର ଟି.ଆଓ ପ୍ରାୟ ଅଢେଇ ଘଣ୍ଟା କାର୍ଯ୍ୟାଳୟରେ ଅଟକି ରହିଥିଲେ। ଦିଗପହଣ୍ଡି ବ୍ଲକ ତରୁବୁଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଅନ୍ୟବାଟ ଦେଇ ଯିବା ଆସିବା କରୁଛନ୍ତି। ପୂର୍ବରୁ ସ୍କୁଲ୍ ଯିବା ପାଇଁ ଯେଉଁ ରାସ୍ତା ଥିଲା ସେହି ଜମି ଗ୍ରାମର ଜଣେ ବ୍ୟକ୍ତିଙ୍କ ପଟ୍ଟା ଜମି। କିନ୍ତୁ ଜାତିଗତ ସମସ୍ୟାକୁ ନେଇ ସ୍କୁଲ୍ ରାସ୍ତାକୁସମ୍ପୃକ୍ତ ବ୍ୟକ୍ତି ଛାଡିଲେ ନାହିଁ। ଫଳରେ ବିପଦ ରାସ୍ତା ଭାବେ ସ୍କୁଲ୍‌ର ଅନ୍ୟ ପାର୍ଶ୍ୱରେ କେନାଲ ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ଯିବା ଆସିବା କରୁଥାନ୍ତି। ଯଦି କେନାଲରେ ପାଣି ଆସେ ତା'ହେଲେ ପିଲାମାନଙ୍କ ପାଇଁ ବିପଦର ଆଶଙ୍କା ରହୁଥିଲା। ଏହାର ସ୍ଥାୟୀ ସମାଧାନ କରିବା ପାଇଁ ବିଡିଓ ହଳଧର ଶବର, ତହସିଲଦାର ସିପକ କୁମାର ପାତ୍ରଙ୍କୁ ଅନେକବାର ଅଭିଯୋଗ ଉଠେଇଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ଏଥିପାଇଁ ବୁଧବାର ଗ୍ରାମବାସୀମାନେ ସହ ଛାତ୍ରୀଛାତ୍ରମାନେ ଏକତ୍ରୀତ ହୋଇ ବିଡିଓଙ୍କୁ ସାକ୍ଷାତ କରିବା ପାଇଁ ଆସିଥିବା ବେଳେ କାର୍ଯ୍ୟାଳୟରେ ସେ ଅନୁପସ୍ଥିତ ଥିଲେ। ଏହି ସମୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତହସିଲ କାର୍ଯ୍ୟାଳୟ ଗସ୍ତରେ ଆସିଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କୁ ଘେରିଥିଲେ ବୋଲି ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ବି.ବୁଟି ରେଡ୍ଡୀ, ଯଜ୍ଞନାରାୟଣ ପାଢୀ, ପ୍ରଭାକର ସାହୁ, କେ.ସାରସା ରେଡ୍ଡୀ କହିଛନ୍ତି। ଏହି ଘଟଣା ତହସିଲଦାର ସିପ୍‌କ କୁମାର ପାତ୍ର, ବିଇଓ କୋରେଶ ସେଠୀ, ଏବିଇଓ ବିଶ୍ରବା ପାଇକ, ବାଳା ମାଝି ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣିନଥିଲେ।

### ଅଟକି ରହିଲେ ଆର୍‌ଡିସି

ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଆର୍‌ଡିସି ଘଟଣାସ୍ଥଳକୁଆସି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଡିଓଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଅଭିଯୋଗ ପତ୍ରକୁ ଆର୍‌ଡିସିଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ଆଧାରରେ ସମ୍ପୃକ୍ତ ଘଟଣାର ତଦନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।